


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | •VOLUME- 44 •ISSUE-31 •SATURDAY •25 JULY 2026 •PAGE-12 •₹ 7.00

•ବର୍ଷ-୪୪ •ସଂଖ୍ୟା-୩୧ •ଶନିବାର •୨୫ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ବାହୁଡ଼ିଲେ ମହାବାହୁ; ଆଜି ସୁନାବେଶ

■ ପୁରୀ, ୨୪।୭ (ସମିସ): ଚଳିତବର୍ଷ ପାଇଁ ଆଡପ ମଣ୍ଡପରେ ସରିଛି ମହାପ୍ରଭୁଙ୍କ ଲୀଳାଖେଳା। ଭାଇ, ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଯାଇଛନ୍ତି ବାହୁଡ଼ାବ୍ରହ୍ମ। ଶନିବାର ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା। ତେବେ ବାହୁଡ଼ା ଯାତ୍ରାର ପାଗ ବେଶ୍ ଅନୁକୂଳ ଥିଲା। ସେମିତି ଖରା ବି ନ ଥିଲା। ସକାଳୁ ସକାଳୁ ବଡ଼ଦାଣ୍ଡରେ ଜମିଥିଲା ଭକ୍ତଙ୍କ ଭିଡ଼। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ବଡ଼ଦାଣ୍ଡରେ ଘର୍ ଘର୍ ନାଦରେ ଗଡ଼ିଥିଲା ତିନିରଥ। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ଫେରିବା ବେଳେ ବାଟରେ ମାଉସୀ ମା'ର ସ୍ନେହଭରା ପୋଡ଼ପିଠା ଖାଇଛନ୍ତି ଦାରୁବିଗ୍ରହ। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରାର ନୀତିକାନ୍ତି ବେଶ୍ ସଅଳ ରହିଥିଲା। ଧାର୍ଯ୍ୟ ସମୟର ୧ ଘଣ୍ଟା ୧୦ ମିନିଟ୍ ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି। ଅଝଟ ନ ହୋଇ ବେଗି ବେଗି ରଥାରୁଢ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। କିନ୍ତୁ ନିର୍ଘଣ୍ଟ ସମୟର ୩୦ ମିନିଟ୍ ବିଳମ୍ବରେ ରଥଟଣା ଆରମ୍ଭ ହୋଇଥିଲା। ବାହୁଡାରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଯାତ୍ରା ଦେଖି କୃତାର୍ଥ ହୋଇଛନ୍ତି। ତେବେ ଆଜି ରଥଟଣା ବେଳେ ଭିଡ଼ରେ ଶ୍ୱାସରୁଦ୍ଧ ହୋଇ କଟକ ▶ପୃଷ୍ଠା-୭

**ସଅଳ ପହଣ୍ଡି, ରଥଟଣା ବିଳମ୍ବ**

**ଶ୍ୱାସରୁଦ୍ଧ ହୋଇ ଶ୍ରଦ୍ଧାଳୁ ମୃତ**

## ରଥ ଉପରେ ରତ୍ନାଳଙ୍କାରରେ ଝଲସିବେ ବିଶ୍ୱନିୟନ୍ତା

■ ପୁରୀ, ୨୪।୭ (ସମିସ): ଶନିବାର ଆଷାଢ଼ ଶୁକ୍ଲ ଏକାଦଶୀ। ଏହି ପବିତ୍ର ତିଥିରେ ଶନିବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମହଣ ମହଣ ସୁନାରେ ସଜେଇ ହେବେ ରଥାରୂଢ଼ ଦାରୁବିଗ୍ରହ। ରଥ ଉପରେ ହେଉଥିବା ଏହି ବେଶକୁ ବଡ଼ତଡ଼ାଉ ବେଶ ମଧ୍ୟ କୁହାଯାଏ। ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା ଶୁଣିବାକୁ ମିଳେ। ତେବେ ଏହି ଅପୂର୍ବ ବେଶ ଲାଗି ଏଥର ଶ୍ରୀମନ୍ଦିର ପରିସର ବାହାର ଭଣ୍ଡାର ଘରୁ ବାହାରିବ ମହଣ ମହଣ ସୁନା ଓ ରୁପା ଅଳଙ୍କାର। ବହୁବିଧ ରତ୍ନଅଳଙ୍କାର ଲାଗି ହୋଇ ରଥ ଉପରେ ଝଲସିବେ ଦାରୁଦିଅଁ। ଶନିବାର ପୂର୍ବାହ୍ନରେ ମହାପ୍ରଭୁଙ୍କର ବାହାର ରତ୍ନଭଣ୍ଡାର (ଯାହାକି ବର୍ତ୍ତମାନ ଚାଙ୍ଗଡ଼ା ଘରେ କାର୍ଯ୍ୟକ୍ଷମ) ଖୋଲାଯିବ। ସେଥିରୁ ସୁନାବେଶ ଲାଗି ଆବଶ୍ୟକ ଅଳଙ୍କାର ବାହାର କରାଯିବ।

**ନିଟ୍ ଛାତ୍ର ଆନ୍ଦୋଳନ ପ୍ରଭାବ**

# ଏନ୍‌ଟିଏର ୪୭ ଅଧିକାରୀ ବିଦା

■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ନିଟ୍-ୟୁଜି ପରୀକ୍ଷାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଓ ଛାତ୍ର ଆନ୍ଦୋଳନ ପରେ କେନ୍ଦ୍ର ସରକାର ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ରେ ଏକ ବଡ଼ ଧରଣର ଅଦଳବଦଳ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସରକାରୀ ସୂତ୍ର ଅନୁଯାୟୀ, ଏହି ପ୍ରକ୍ରିୟାର ପ୍ରାରମ୍ଭ ସ୍ୱରୂପ ପ୍ରାୟ ୪୭ ଜଣ ଅଧିକାରୀଙ୍କୁ ସେମାନଙ୍କ ପଦବୀରୁ ହଟାଇ ଦିଆଯାଇଛି। ଏନ୍‌ଟିଏ ଗଠନ ପରେ ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ସଂସ୍କାରମୂଳକ ପଦକ୍ଷେପ ବୋଲି କୁହାଯାଉଛି। ଏନ୍‌ଟିଏ ମଧ୍ୟରେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ବହିଷ୍କୃତ ୪୭ ଜଣ ଅଧିକାରୀଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି। ସଂଗଠନର ସଂରଚନାରେ ସମ୍ପୂର୍ଣ୍ଣ ସଂସ୍କାର ଆଣିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଏନ୍‌ଟିଏ ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକୁ ସୁରକ୍ଷିତ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ଏହି ଦିଗରେ ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ପାଇଁ ବାହ୍ୟ ସଂସ୍ଥା ଉପରେ ନିର୍ଭରଶୀଳତା କମାଯିବ ଏବଂ ଏହି ପ୍ରକ୍ରିୟାରେ ଅଧିକ ନିୟନ୍ତ୍ରଣ ରଖାଯିବ। ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଏକ ବିଶେଷଜ୍ଞ କମିଟିର ସୁପାରିଶ ଆଧାରରେ ପରୀକ୍ଷା ପ୍ରଣାଳୀରେ ସଂରଚନାତ୍ମକ ଏବଂ ବୈଷୟିକ ପରିବର୍ତ୍ତନ କରାଯିବ। ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ ବିବାଦ ପରେ ସାରା ଦେଶରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ▶ପୃଷ୍ଠା-୭




**କିଛି ଅଧିକାରୀଙ୍କ ନାମରେ ରୁଜୁହେବ ଅପରାଧିକ ମାମଲା**

**ପରୀକ୍ଷା ବ୍ୟବସ୍ଥାରେ ଅଣାଯିବ ସଂସ୍କାର**

## ସିଜେପି ସହ ଆଲୋଚନା

## ୨୪ ଘଣ୍ଟାର ସମୟ ନେଲେ ସରକାର

■ ନୂଆଦିଲ୍ଲୀ: ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍‌କୁ କେନ୍ଦ୍ର କରି ଚାଲିଥିବା ଆନ୍ଦୋଳନ ମଧ୍ୟରେ ଗୁରୁବାର କେନ୍ଦ୍ର ସରକାର ଓ ସିଜେପି (କକ୍ରୋଚ ଜନତା ପାର୍ଟିର) ପ୍ରତିନିଧିଙ୍କ ମଧ୍ୟରେ ପ୍ରଥମଥର ପାଇଁ ଆନୁଷ୍ଠାନିକ ଆଲୋଚନା ହୋଇଛି। ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସଂଗଠନ ପକ୍ଷରୁ ତିନୋଟି ପ୍ରମୁଖ ଦାବି ଏବଂ ପରୀକ୍ଷା ବ୍ୟବସ୍ଥାର ସୁଧାର ପାଇଁ ପାଞ୍ଚଟି ପ୍ରସ୍ତାବ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଛି। ଜୁଲାଇ ୨୩ ତାରିଖରେ କେନ୍ଦ୍ର ସରକାର କହିଥିଲେ ଯେ ସିଜେପିକୁ ଚାରିଥର ଆଲୋଚନା ପାଇଁ ଡକାଯାଇଥିଲେ ମଧ୍ୟ ସଂଗଠନର ପ୍ରତିନିଧିମାନେ ଯୋଗ ▶ପୃଷ୍ଠା-୭

**ସଂଗଠନ ଦେଇଛି ୩ ଦାବି, ୫ ପ୍ରସ୍ତାବ**

**ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ**

### ଫାଷ୍ଟଟ୍ରାକ୍ କୋର୍ଟରେ ପ୍ରଶ୍ନପତ୍ର ପ୍ରଘଟ ବିଚାର

## ୧୦ ବର୍ଷ ଜେଲ୍, ୧୦ କୋଟି ଯାଏଁ ଜରିମାନା ବ୍ୟବସ୍ଥା

■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରଘଟ (ପେପର ଲିକ୍) କୋଳାହଳ ଏବଂ ଦେଶବ୍ୟାପୀ ଛାତ୍ର ଅସନ୍ତୋଷ ମଧ୍ୟରେ କେନ୍ଦ୍ର ସରକାର ଅସାଧୁ ଉପାୟ ଅବଲମ୍ବନ ଓ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ଆଇନକୁ ଅଧିକ କଠୋର କରିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତି ପରେ କେନ୍ଦ୍ର ସରକାର 'ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪'ରେ ପ୍ରମୁଖ ସଂଶୋଧନ ଆଣିବାକୁ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ମାମଲାର ଦ୍ରୁତ ବିଚାର ପାଇଁ ସ୍ୱତନ୍ତ୍ର 'ଫାଷ୍ଟ-ଟ୍ରାକ୍ କୋର୍ଟ' ପ୍ରତିଷ୍ଠା କରାଯିବ। ଏହି ଅଦାଲତଗୁଡ଼ିକୁ ୩ ମାସ ମଧ୍ୟରେ ମାମଲାର ଶୁଣାଣି ଶେଷ କରି ଦଣ୍ଡବିଧାନ ଶୁଣାଇବାକୁ ବାଧ୍ୟତାମୂଳକ କରାଯିବ। ସଂଶୋଧିତ ଆଇନରେ ଦଣ୍ଡ ଓ ଜରିମାନା ପରିମାଣ ଯଥେଷ୍ଟ ବୃଦ୍ଧି କରାଯାଇଛି। ପ୍ରଶ୍ନପତ୍ର ପ୍ରଘଟରେ ସଂପୃକ୍ତ ଦୋଷୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ। ପୂର୍ବରୁ ଏଥିପାଇଁ ୩ ରୁ ୫ ବର୍ଷ ଜେଲ୍ ଏବଂ ୧୦ ଲକ୍ଷ ଟଙ୍କାର ଜରିମାନା ବ୍ୟବସ୍ଥା ରହିଥିଲା। ସଂଗଠିତ ଭାବେ କାର୍ଯ୍ୟ କରୁଥିବା ଗ୍ୟାଙ୍ଗ୍ ପାଇଁ ୫ ରୁ ୧୦ ବର୍ଷ ଜେଲ୍ ସହ ଅତିକମ୍‌ରେ ୧ ▶ପୃଷ୍ଠା-୭

**୩ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ**

## ଚଳନ୍ତା ଗାଡ଼ି ଉପରେ ଖସିଲା ପଥର; ୧୩ ମୃତ

■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ପ୍ରକୃତିର ତାଣ୍ଡବଲୀଳା ଜାରି ରହିଛି। ହିମାଚଳପ୍ରଦେଶର ଲାହୌଲ-ସ୍ପିତି ଜିଲ୍ଲାରେ ଭୟଙ୍କର ଭୂସ୍ଖଳନ ଯୋଗୁଁ ୧୩ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁଜରାଟରେ ବର୍ଷା ଓ ବନ୍ୟା ପରିସ୍ଥିତି ଗୁରୁତର ରୂପ ନେଇଛି। ସେହିପରି ହିମାଚଳରେ ଉଦୟପୁର-କିଲ୍ଲାର ରାସ୍ତାର କାଡୁ ନାଲା ନିକଟରେ ଭୂସ୍ଖଳନ ହେବା ଯୋଗୁଁ ୧୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟାଟା ସୁମୋ ଗାଡ଼ି ପାହାଡ଼ ଧସି ପୋତି ହୋଇଯାଇଥିଲା। ଏହି ଚଳନ୍ତା କାର୍ ଉପରେ ଏକ ବିଶାଳ ପଥର ଖସିପଡ଼ିଥିଲା। ଏହି ଅଘଟଣରେ ୧୩ ଜଣଙ୍କର ପ୍ରାଣହାନି ଘଟିଛି। ଗୁଜରାଟର ଉମରଗାଁ ଅଞ୍ଚଳରେ ମାତ୍ର ୧୬ ଘଣ୍ଟାରେ ୪୩ ଇଞ୍ଚ ବର୍ଷା ରେକର୍ଡ କରାଯାଇଛି। ନବସାରୀ ଅଞ୍ଚଳରେ ବନ୍ୟା ଜଳରେ ଫସିରହିଥିବା ଲୋକଙ୍କୁ ସେନାର ହେଲିକପ୍ଟର ଜରିଆରେ ଉଦ୍ଧାର କରାଯାଉଛି। ୧୧ଟି ଜିଲ୍ଲା ପାଇଁ ସରକାର ଅତ୍ୟଧିକ ବର୍ଷାର ସତର୍କସୂଚନା ଜାରି କରିଛନ୍ତି। ଉତ୍ତର ପ୍ରଦେଶରେ ଗଙ୍ଗା ଏବଂ ଯମୁନା ସମେତ ୧୦ଟି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପାଇ ଗ୍ରାମାଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ସେହିପରି ବିହାରର ପାଟଣା, ବକ୍ସର ଓ ଭାଗଲପୁର ସମେତ ୧୯ଟି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ଚେତାବନୀ ଦିଆଯାଇଛି। ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲାରେ ବଜ୍ରପାତ ▶ପୃଷ୍ଠା-୭

**ଆସୁଛି ଆଉ ଏକ ଲଘୁଚାପ**

## ୨୮ ଯାଏଁ ବର୍ଷା

■ ଭୁବନେଶ୍ୱର, ୨୪।୭ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଶୁକ୍ରବାର ବିଳମ୍ବିତ ରାତି କିମ୍ବା ଶନିବାର ସୁଦ୍ଧା ଏହି ଲଘୁଚାପ ସୃଷ୍ଟି ହେବ। ଫଳରେ ରାଜ୍ୟରେ ପୁଣି ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଭଲ ବର୍ଷା ଆକଳନ କରାଯାଉଛି।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଉତ୍ତର-ପଶ୍ଚିମ ତଥା ପାର୍ଶ୍ୱବର୍ତ୍ତୀ ବଙ୍ଗୋପସାଗର ଅଞ୍ଚଳରେ ଏହି ସଦ୍ୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ପୂର୍ଣ୍ଣ ଅନୁକୂଳ ପରିବେଶ ରହିଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଓଡ଼ିଶା ଉପକୂଳ ମୁହାଁ ହେବ। ଏହାର ପ୍ରଭାବରେ ଶୁକ୍ରବାର ରାତିରୁ ହିଁ ରାଜ୍ୟର ପାଗରେ ପରିବର୍ତ୍ତନ ଦେଖାଦେବ। ବିଶେଷ କରି ଶନିବାର ଏବଂ ରବିବାର ଦିନ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ଏକାଧିକ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସୋଆ ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି, ଉପକୂଳବର୍ତ୍ତୀ ପଶ୍ଚିମବଙ୍ଗ ଓ ସଂଲଗ୍ନ ବଙ୍ଗୋପସାଗର ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟର ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉପକୂଳବର୍ତ୍ତୀ ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡିଶା ଅଞ୍ଚଳରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୨୫ରୁ ୨୮ ତାରିଖ ମଧ୍ୟରେ ରାଜ୍ୟର ଉତ୍ତର ଓ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ମହାନଦୀର ଅବବାହିକା ଅଞ୍ଚଳରେ ମଧ୍ୟ ଉଲ୍ଲେଖନୀୟ ବର୍ଷା ହେବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର କହିଛି। ଅନ୍ୟପଟେ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ବୃଦ୍ଧି ପାଇବା ସହ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୭ ▶ପୃଷ୍ଠା-୭

**ଫୁଲିବ ରାଜ୍ୟର ପ୍ରମୁଖ ନଦୀ**

## ବାଘ ସହ ଲଢ଼ି ଯୁବକ ଗୁରୁତର



■ ନୀଳଗିରି, ୨୪।୭ (ସମିସ): କୁଲଡିହା ଅଭୟାରଣ୍ୟରେ ବାଘ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ବରହମପୁର ଥାନା କେସିପୁର ପଞ୍ଚାୟତ ବାଲିଆନାଳ ନଟାପଡା ଗ୍ରାମର ନାରଣ ସିଂଙ୍କ ପୁଅ ସୁନୀଲ କୁମାର ସିଂ (୨୬) ଚାଷକାର୍ଯ୍ୟ ପାଇଁ ହଳଲଙ୍ଗଳ ନେଇ ନିକଟସ୍ଥ ବିଲକୁ ଯାଇଥିଲେ। ତେବେ ହଳ ଫିଟାଇ ବଳଦଗୁଡ଼ିକ ଛାଡ଼ିଦେଇ ଖାଇ ବସିଥିଲେ। ବଳଦ ଗୁଡ଼ିକ ଚରିଚରି ଜଙ୍ଗଲ ମଧ୍ୟକୁ ପଶିଯାଇଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨.୩୦ଟା ସମୟରେ ସୁନୀଲ ବଳଦ ଖୋଜିବାକୁ ଜଙ୍ଗଲ ମଧ୍ୟକୁ ଯାଇଥିବା ବେଳେ ହଠାତ୍ ଏକ ବାଘ ସୁନୀଲଙ୍କୁ ଆକ୍ରମଣ କରିଥିଲା। କିଛି ସମୟ ପାଇଁ ଉଭୟ ବାଘ ଏବଂ ସୁନୀଲ ମଧ୍ୟରେ ଖଣ୍ଡଯୁଦ୍ଧ ଚାଲିଥିଲା। ପାଖରେ ଚାଷକାମରେ ଲିପ୍ତଥିବା ଚାଷୀମାନେ ବାଘର ଗର୍ଜନ ସହିତ ସୁନୀଲର ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚିବାରୁ ଲୋକମାନଙ୍କୁ ଦେଖି ବାଘ ପଳାଇଯାଇଥିଲା। ସ୍ଥାନୀୟଲୋକେ ସୁନୀଲକୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ନୀଳଗିରି ହସ୍ପିଟାଲ ଆଣିଥିଲେ। ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ଆଉଟଡୋର ଟିକଟରେ ଆଶୁଚିକିତ୍ସା କରି ରେମୁଣା ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରିଦେଇଥିବା ବେଳେ ଦେଢ଼ଘଣ୍ଟାରୁ ଅଧିକ ସମୟ ହସ୍ପିଟାଲ ପରିସରରେ ସୁନୀଲ ପଡିରହିଥିଲେ। ତେବେ ନିୟମାନୁଯାୟୀ ଆଡ଼ମିଶନ ପରେ ରେଫର୍ କରିବାର ନିୟମଥିବା ସାମାନ୍ୟ ▶ପୃଷ୍ଠା-୭

**ବଳଦ ଖୋଜିବାକୁ ଜଙ୍ଗଲକୁ ଯାଇଥିବା ବେଳେ ବାଘ ସହ ମୁହାଁମୁହିଁ**

## ଓଡ଼ିଶାରେ ନୂଆ ଟେକ୍ ବିପ୍ଲବର ଶୁଭାରମ୍ଭ: ମୁଖ୍ୟମନ୍ତ୍ରୀ

### ପ୍ରତିଷ୍ଠା ହେବ 'ଗ୍ଲୋବାଲ ଡେଭଲପ୍‌ମେଣ୍ଟ ସେଣ୍ଟର', ଏଆଇ ପାର୍କ

■ ଭୁବନେଶ୍ୱର, ୨୪।୭ (ସମିସ): ଲୋକସେବା ଭବାନର ସମ୍ମିଳନୀ କକ୍ଷଠାରେ ଏଚସିଏଲ ଟେକ୍' ଏବଂ ଦେଶର ସ୍ୱଦେଶୀ ଏଆଇ ସଂସ୍ଥା ସର୍ଭମ ଏଆଇ ସହିତ ଦୁଇଟି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ଏହି ଅବସରରେ ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଲବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ ଏଚସିଏଲ ଟେକ୍ ଏବଂ 'ସର୍ଭମ ଏଆଇ'ର ମିଳିତ ସହଯୋଗରେ ଓଡ଼ିଶାରେ ଏକ ଏଆଇ-ଅପ୍‌ଟିମାଇଜ୍ ଡାଟା ସେଣ୍ଟର ମଧ୍ୟ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶାରେ ଏକ ସୋଭରେନ୍ ବା ସମ୍ପୂର୍ଣ୍ଣ ସ୍ୱଦେଶୀ ଏଆଇ ପାର୍କ ସ୍ଥାପନ ହେବ। ଏଚସିଏଲ ଡେଭଲପମେଣ୍ଟ ସେଣ୍ଟର ପାଇଁ ପ୍ରାୟ ୭୩୦ କୋଟି ଟଙ୍କାର ପୁଞ୍ଜିନିବେଶ ରାଜ୍ୟର ଡିଜିଟାଲ୍ ଇକୋସିଷ୍ଟମକୁ ବହୁତ ମଜବୁତ କରିବ। ଏହି ଗ୍ଲୋବାଲ୍ ଡେଲିଭରି ସେଣ୍ଟର ▶ପୃଷ୍ଠା-୭




**ଭାରତ ଉପରେ ପୁଣି ଟ୍ରମ୍ପ୍ ଶୁଳ୍କ**

# ଏଥର 'ଫୋର୍ସ ଲେବର୍' ନାମରେ ୧୦% ଟାରିଫ୍

■ ୱାଶିଂଟନ୍, ୨୪।୭ (ଏଜେନ୍ସି): ଆମେରିକା ଶୁକ୍ରବାରଠାରୁ ଭାରତରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୦% ଶୁଳ୍କ ଲାଗୁ କରିଛି। ୧୯୭୪ର ବାଣିଜ୍ୟ ଆଇନର ଧାରା ୩୦୧ ଅନୁଯାୟୀ ବଳପୂର୍ବକ ଶ୍ରମରେ ତିଆରି ସାମଗ୍ରୀ ଉପରେ ଆମେରିକା ଏହି ଶୁଳ୍କ ଲାଗୁ କରିଛି। ଅର୍ଥାତ୍ ଆମେରିକାକୁ ଦେଶରୁ ଯେଉଁସବୁ ସାମଗ୍ରୀ ରପ୍ତାନି କରାଯାଉଛି ସେଗୁଡିକରେ ବଳପୂର୍ବକ ଶ୍ରମ ଶକ୍ତି ଉପଯୋଗ କରାଯାଇଛି। ଟ୍ରମ୍ପ୍ ପ୍ରଶାସନର ୧୫% ଅସ୍ଥାୟୀ ବିଶ୍ୱ ଶୁଳ୍କ ଅବଧି ସମାପ୍ତ ହେବା ଦିନ ହିଁ ଏହି ନିଷ୍ପତ୍ତି ନିଆଯାଇଥିଲା। ଏହାର ଅର୍ଥ ହେଉଛି ଏହି ନୂତନ ସ୍ଥାୟୀ ଶୁଳ୍କ ପୁରୁଣା ଶୁଳ୍କ ଉଠାଇବା ମାତ୍ରେ ହିଁ ଲାଗୁ କରାଯାଇଛି। ଆମେରିକା ୬୦ଟି ଦେଶ ଉପରେ ୧୦% ରୁ ୧୨.୫% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲାଗୁ କରିଛି। ଏଥିମଧ୍ୟରୁ ୧୭ଟି ଦେଶ ଉପରେ ୧୦% ଏବଂ ୪୩ଟି ଦେଶ ଉପରେ ୧୨.୫% ଶୁଳ୍କ ଲାଗୁ କରାଯାଇଛି। ଭାରତ, ୟୁକେ, କାନାଡା, ବାଂଲାଦେଶ, ଇଣ୍ଡୋନେସିଆ, ମେକ୍ସିକୋ, ପାକିସ୍ତାନ ଏବଂ ଶ୍ରୀଲଙ୍କା ୧୦% ଶୁଳ୍କ ଗ୍ରୁପର ଅନ୍ତର୍ଭୁକ୍ତ।

ସୂଚନାଯୋଗ୍ୟ ଯେ, ଯୁକ୍ତରାଷ୍ଟ୍ର ହେଉଛି ଭାରତର ସର୍ବବୃହତ ରପ୍ତାନି ବଜାର। ତେଣୁ, ଅତିରିକ୍ତ ୧୦% ଶୁଳ୍କ ଆମେରିକା ବଜାର ଉପରେ ନିର୍ଭରଶୀଳ କ୍ଷେତ୍ରଗୁଡ଼ିକ ଉପରେ ଅଧିକ ପ୍ରଭାବ ପକାଇପାରେ। ଏଥିରେ ବୟନ ଏବଂ ପୋଷାକ, ରତ୍ନ ଏବଂ ଅଳଙ୍କାର, ଚମଡା ଉତ୍ପାଦ, କୃଷି ଏବଂ ଖାଦ୍ୟ ଉତ୍ପାଦ, ଇଞ୍ଜିନିୟରିଂ ସାମଗ୍ରୀ, ରାସାୟନିକ ପଦାର୍ଥ ଏବଂ କିଛି ଉତ୍ପାଦନ ସାମଗ୍ରୀ ଅନ୍ତର୍ଭୁକ୍ତ। ଅତିରିକ୍ତ ଶୁଳ୍କ ଲାଗୁ ହେବା ଦ୍ୱାରା ଆମେରିକା ବଜାରରେ ଭାରତୀୟ ଉତ୍ପାଦଗୁଡ଼ିକ ମହଙ୍ଗା ହୋଇଯିବ। ଏହା କ୍ରେତାମାନଙ୍କୁ ଅନ୍ୟ ଦେଶରୁ ବିକଳ୍ପ ଖୋଜିବାକୁ କିମ୍ବା ଭାରତୀୟ ରପ୍ତାନିକାରୀଙ୍କ ଉପରେ ମୂଲ୍ୟ ହ୍ରାସ କରିବାକୁ ଚାପ ବଢ଼ାଇପାରେ।

ପ୍ରାରମ୍ଭରେ, ଭାରତ ଉପରେ ଅତିରିକ୍ତ ୧୨.୫% ଶୁଳ୍କ ପ୍ରସ୍ତାବ ଦିଆଯାଇଥିଲା। ତଥାପି, ଭାରତ ସରକାର ଶ୍ରମ ମାନଦଣ୍ଡ ଏବଂ ଯୋଗାଣ ଶୃଙ୍ଖଳା ମନିଟରିଂ ସହିତ ଜଡିତ କିଛି ନୀତିଗତ ସଂସ୍କାର କାର୍ଯ୍ୟକାରୀ କରିବା ଏବଂ ଆମେରିକା ସହିତ ଆଲୋଚନା ଜାରି ରଖିବା ପରେ, ଏହାକୁ ୧୦% କୁ ହ୍ରାସ କରାଯାଇଥିଲା। ଫେଡେରାଲ୍ ନୋଟ୍ ରେ ଉଲ୍ଲେଖ ଅଛି ଯେ ଜୁନ୍ ମାସରେ ପ୍ରସ୍ତାବିତ ଶୁଳ୍କ ଘୋଷଣା ହେବା ▶ପୃଷ୍ଠା-୭

**୬୦ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ୧୨.୫% ଯାଏଁ ଶୁଳ୍କ**

**ବାଦ୍ ପଡ଼ିଲାନି ଇସ୍ରାଏଲ**



# ଲଣ୍ଡନ୍‌ର ହୋଟେଲରୁ ସାଉଦି ରାଜକୁମାରଙ୍କ ଶବ ଉଦ୍ଧାର

**ନିଶାଦ୍ରବ୍ୟ, ମାତ୍ରାଧିକ ମଦ୍ୟପାନ ଯୋଗୁଁ ମୃତ୍ୟୁ**

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଲଣ୍ଡନ୍‌ର ଏକ ଅତ୍ୟାଧୁନିକ ବିଳାସପୂର୍ଣ୍ଣ ହୋଟେଲରୁ ସାଉଦି ଆରବର ୨୯ ବର୍ଷୀୟ ରାଜକୁମାର ଅବଦୁଲ୍ଲା ବିନ୍ ଫାହଦଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମାତ୍ରାଧିକ ମଦ୍ୟପାନ, ନିଶାଦ୍ରବ୍ୟ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଔଷଧର ଏକାଠି ସେବନ ଯୋଗୁଁ ହୃଦ୍‌ଘାତ ହୋଇ ସେ ପ୍ରାଣ ହରାଇଥିବା ବ୍ରିଟେନ୍ ସରକାରଙ୍କ ତଦନ୍ତରୁ ସ୍ପଷ୍ଟ ହୋଇଛି। ରାଜକୁମାର ଅବଦୁଲ୍ଲା କେନ୍ସିଂଟନ୍‌ସ୍ଥିତ ମ୍ୟାରିଅଟ୍ ହୋଟେଲରେ ରହୁଥିବା ସମୟରେ ହୋଟେଲର ଜଣେ କର୍ମଚାରୀ ଶୌଚାଳୟ ଚଟାଣରୁ ତାଙ୍କ ମୃତଦେହ ପାଇଥିଲେ। ପ୍ରାଥମିକ ସୂଚନା ଏବଂ ମେଡିକାଲ ପରୀକ୍ଷାରୁ ମିଳିଥିବା ମୁଖ୍ୟ ତଥ୍ୟଗୁଡ଼ିକ ଅନୁଯାୟୀ ତାଙ୍କ ରକ୍ତରେ ନିର୍ଦ୍ଧାରିତ ସୀମାରୁ ତିନି ଗୁଣ ଅଧିକ ଆଲକୋହଲ ସହ ସାଂଘାତିକ ଶରୀର-ପ୍ରଭାବୀ ନିଶାଦ୍ରବ୍ୟ (ଜିଏଚ୍‌ବି), ଗଞ୍ଜେଇ ଏବଂ ମାନସିକ ଚାପ ପ୍ରଶମିତ କରୁଥିବା ଔଷଧର ମିଶ୍ରଣ ମିଳିଥିଲା। ସେ ପୂର୍ବରୁ ଅତ୍ୟଧିକ ମଦ୍ୟପାନ ଏବଂ ଔଷଧ ସେବନରୁ ମୁକ୍ତି ପାଇବା ପାଇଁ ବ୍ରିଟେନ୍‌ର ବିଭିନ୍ନ ଚିକିତ୍ସାଳୟରେ ନିଶା ନିବାରଣ କୋର୍ସ ସମ୍ପୂର୍ଣ୍ଣ କରିଥିଲେ। ତଦନ୍ତକାରୀ କୋର୍ଟଙ୍କ ସୂଚନା ଅନୁସାରେ ଏହା କୌଣସି ଆତ୍ମହତ୍ୟା କିମ୍ବା ହତ୍ୟାକାଣ୍ଡ ନୁହେଁ। ଅଜାଣତରେ ମାତ୍ରାଧିକ ନିଶାଦ୍ରବ୍ୟ ସେବନ ଯୋଗୁଁ ଘଟିଥିବା ଏକ ଅଘଟଣ ବୋଲି ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ସାଉଦି ରାଜପରିବାର ପକ୍ଷରୁ ରାଜକୁମାରଙ୍କ ମୃତ୍ୟୁ ବିଷୟରେ ଆନୁଷ୍ଠାନିକ ଭାବେ ନିଶ୍ଚିତ କରାଯାଇଛି।



# ଇନ୍‌ଷ୍ଟାରେ ରିଲ୍ସ ପୋଷ୍ଟ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ



**ଯୁବପିଢ଼ିଙ୍କ ସହ ଯୋଡ଼ି ହେବାକୁ ମନ୍ତ୍ରୀଙ୍କୁ ଆହ୍ୱାନ**

ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ତାଙ୍କ କ୍ୟାବିନେଟ ମନ୍ତ୍ରୀଙ୍କୁ ଯୁବପିଢ଼ିଙ୍କ ସହ ଅଧିକ ପ୍ରଭାବଶାଳୀ ଭାବେ ଯୋଡ଼ି ହେବା ପାଇଁ ଇନଷ୍ଟାଗ୍ରାମରେ ସକ୍ରିୟ ରହିବାକୁ ଏବଂ ରିଲ୍ସ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଜନସମ୍ପର୍କ ବଢ଼ାଇବା ପାଇଁ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏକ କ୍ୟାବିନେଟ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ କହିଛନ୍ତି ଯେ ଦେଶର ଯୁବପିଢ଼ିଙ୍କର ଏକ ବଡ଼ ଅଂଶ ଇନ୍‌ଷ୍ଟାଗ୍ରାମ୍ ରିଲ୍ସରେ ସମୟ ବିତାଉଛନ୍ତି। ତେଣୁ ସେମାନଙ୍କ ନିକଟରେ ପହଞ୍ଚିବା ପାଇଁ ସରକାରଙ୍କୁ ନିଜର ଉପସ୍ଥିତି ଜାହିର କରିବାକୁ ହେବ। ସରକାରୀ ପଦକ୍ଷେପ ବିଷୟରେ ସୂଚନା ସହିତ ଯୁବପିଢ଼ିଙ୍କୁ ଆକର୍ଷିତ କଲାଭଳି ବିଷୟବସ୍ତୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ, ଡିଜିଟାଲ ଦୁନିଆର ଦର୍ଶକଙ୍କ ସହ ଯୋଡ଼ି ହେବାକୁ ସେମାନେ ନିୟମିତ ଭାବେ ଇନଷ୍ଟାଗ୍ରାମ ରିଲ୍ସ ପୋଷ୍ଟ କରନ୍ତୁ। ଯୁବପିଢ଼ିଙ୍କ ସହ ସିଧାସଳଖ ଆଲୋଚନା କରିବା ଏବଂ ସେମାନଙ୍କ ସହ ଏକ ସମ୍ପର୍କ ସ୍ଥାପନ କରିବା ପାଇଁ ଏହା ଏକ ପ୍ରଭାବଶାଳୀ ଉପାୟ ହେବ ବୋଲି ସେ ମତ ଦେଇଛନ୍ତି। ଏହି ବୈଠକରେ ଇନଷ୍ଟାଗ୍ରାମ ବ୍ୟତୀତ ପରୀକ୍ଷା ପ୍ରଶ୍ନପତ୍ର ଲିକକୁ ରୋକିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନିଆଯାଇଛି।

# ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନଙ୍କ ଇସ୍ତଫା

ଢାକା,୨୪।୭(ଏଜେନ୍ସି): ବାଂଲାଦେଶର ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ଜାତୀୟ ସଂସଦର ସ୍ପିକର ମେଜର (ଅବସରପ୍ରାପ୍ତ) ହାଫିଜ ଉଦ୍ଦିନ ଆହମଦଙ୍କୁ ପ୍ରଦାନ କରିଛନ୍ତି। ସରକାର କହିଛନ୍ତି, ଏହା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଶେଖ ହାସିନା ଭାରତରୁ ଫେରି ବାଂଲାଦେଶରେ ଆଇନଗତ ପ୍ରକ୍ରିୟାର ସମ୍ମୁଖୀନ ହେବେ ବୋଲି ଘୋଷଣା କରିବା ପରେ ଶାହାବୁଦ୍ଦିନଙ୍କ ଉପରେ ଇସ୍ତଫା ପାଇଁ ରାଜନୈତିକ ଚାପ ବଢ଼ିଥିବା ଖବର ମିଳିଛି। ତେବେ ଗୃହମନ୍ତ୍ରୀ ସଲାହୁଦ୍ଦିନ ଆହମଦ କହିଛନ୍ତି, ସରକାର ପକ୍ଷରୁ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇନଥିଲା। ୨୦୨୪ରେ ଶେଖ ହାସିନା ସରକାରର ପତନ ପରେ ଶାହାବୁଦ୍ଦିନ ରାଷ୍ଟ୍ରପତି ପଦରେ ରହି ଅନ୍ତରୀଣ ସରକାର ସହ ସାମ୍ବିଧାନିକ ଦାୟିତ୍ୱ ପାଳନ କରୁଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୮ ପର୍ଯ୍ୟନ୍ତ ଥିବାବେଳେ, ସମ୍ବିଧାନ ଅନୁଯାୟୀ ଇସ୍ତଫା ପରେ ୯୦ ଦିନ ମଧ୍ୟରେ ନୂତନ ରାଷ୍ଟ୍ରପତି ନିର୍ବାଚିତ ହେବେ।

# ୨୦୨୫ରେ ୨୪.୩୮ ଲକ୍ଷ ସାଇବର ସୁରକ୍ଷା ଉଲ୍ଲଂଘନ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଦେଶରେ ସରକାରୀ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ପ୍ରଭାବିତ କରୁଥିବା ସାଇବର ସୁରକ୍ଷା ସମ୍ପର୍କିତ ଆପରାଧିକ ଘଟଣା ଦୁଇ ବର୍ଷ ମଧ୍ୟରେ ଦ୍ୱିଗୁଣିତ ହୋଇଛି। ୨୦୨୩ ମସିହାରେ ୧୧.୪୬ ଲକ୍ଷ ଥିବା ଏହି ସାଇବର ଆକ୍ରମଣ ସଂଖ୍ୟା ୨୦୨୫ ସୁଦ୍ଧା ବୃଦ୍ଧି ପାଇ ୨୪.୩୮ ଲକ୍ଷରେ ପହଞ୍ଚିଥିବା ନେଇ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଶୁକ୍ରବାର ସଂସଦରେ ସୂଚନା ଦେଇଛି। ୨୦୨୩ ମସିହାରେ ୧୧.୪୬ ଲକ୍ଷ ସାଇବର ଘଟଣା ଚିହ୍ନଟ ହୋଇଥିବା ବେଳେ ୨୦୨୪ରେ ଏହା ୧୮.୭୩ ଲକ୍ଷକୁ ବୃଦ୍ଧି ପାଇଥିଲା। ୨୦୨୫ ମସିହାରେ ଏହି ସଂଖ୍ୟା ବୃଦ୍ଧି ପାଇ ୨୪.୨୮ ଲକ୍ଷରୁ ଅଧିକ ହୋଇଛି। ୨୦୨୨-୨୩ ବର୍ଷ ମଧ୍ୟରେ ୫୦ଟି ସରକାରୀ ୱେବସାଇଟ୍ ହ୍ୟାକ୍ ହୋଇଥିଲା ଏବଂ ୮ଟି ବଡ଼ ତଥ୍ୟ ଚୋରି (ଡାଟା ଲିକ୍) ଘଟଣା ଘଟିଥିଲା। ସାଇବର ଆକ୍ରମଣରୁ ରକ୍ଷା ପାଇବା ପାଇଁ ସରକାର 'ରାଷ୍ଟ୍ରୀୟ ସାଇବର ସମନ୍ୱୟ କେନ୍ଦ୍ର', 'ସାଇବର ସ୍ୱଚ୍ଛତା କେନ୍ଦ୍ର' ଏବଂ ବିଭିନ୍ନ ଆର୍ଥିକ ଓ ଶକ୍ତି କ୍ଷେତ୍ର ପାଇଁ ସ୍ୱତନ୍ତ୍ର ସୁରକ୍ଷା ଦଳ ଗଠନ କରିଛନ୍ତି।

**ଭୋଜଶାଳା ବିବାଦ**

# ବିକଳ୍ପ ନମାଜ ସ୍ଥଳ ପ୍ରସଙ୍ଗରେ ୨୯ରେ ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ମଧ୍ୟପ୍ରଦେଶର ଧାରସ୍ଥିତ ବିବାଦୀୟ ଭୋଜଶାଳା ପରିସର ନିକଟରେ ବିକଳ୍ପ ନମାଜ ସ୍ଥଳ ଦାବି କରି ମୁସଲିମ ପକ୍ଷ ଦାଖଲ କରିଥିବା ଆବେଦନର ଶୁଣାଣି ସୁପ୍ରିମକୋର୍ଟ ଆସନ୍ତା ଜୁଲାଇ ୨୯ରେ କରିବେ। ମୁସଲିମ ପକ୍ଷର ଅଭିଯୋଗ ହେଉଛି, ମଧ୍ୟପ୍ରଦେଶ ସରକାର ଶୁକ୍ରବାର ନମାଜ ପାଇଁ ଯେଉଁ ବିକଳ୍ପ ସ୍ଥାନ ଚିହ୍ନଟ କରିଛନ୍ତି, ତାହା ଭୋଜଶାଳା ପରିସରଠାରୁ ପ୍ରାୟ ୧.୩ କିଲୋମିଟର ଦୂରରେ ଥିବାରୁ ଏହା ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶର ଉଦ୍ଦେଶ୍ୟକୁ ପୂରଣ କରୁନାହିଁ। ସେମାନଙ୍କ ଦାବି, ଏହି କାରଣରୁ ଦୁଇଟି ଶୁକ୍ରବାର ନମାଜ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ, ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କହିଛନ୍ତି, ଚିହ୍ନଟ ସ୍ଥାନଟି ପ୍ରାୟ ୯୦୦ ମିଟର ଦୂରରେ ରହିଛି ଏବଂ ପ୍ରଶାସନ ଆହୁରି ନିକଟବର୍ତ୍ତୀ ସ୍ଥାନ ଚିହ୍ନଟ କରିବାକୁ ପ୍ରୟାସ ଜାରି ରଖିଛି।

# ୨୦୧୪ ପରଠାରୁ ଦୁଇଗୁଣାରୁ ଅଧିକ ବଢ଼ିଛି ମେଡିକାଲ କଲେଜ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଦେଶରେ ଗତ ଏକ ଦଶକରେ ମେଡିକାଲ ଶିକ୍ଷାର ବ୍ୟାପକ ବିସ୍ତାର ଘଟିଛି। କେନ୍ଦ୍ର ସ୍ୱାସ୍ଥ୍ୟ ରାଜ୍ୟମନ୍ତ୍ରୀ ଅନୁପ୍ରିୟା ପଟେଲ ଶୁକ୍ରବାର ଲୋକସଭାରେ ଲିଖିତ ଉତ୍ତରରେ କହିଛନ୍ତି, ୨୦୧୪ରେ ଦେଶରେ ୩୮୭ଟି ମେଡିକାଲ କଲେଜ ଥିବାବେଳେ ବର୍ତ୍ତମାନ ଏହା ୮୪୪ରେ ପହଞ୍ଚିଛି। ସେହିପରି, ଏମ୍‌ବିବିଏସ୍ ଆସନ ସଂଖ୍ୟା ୫୧,୩୪୮ରୁ ବଢ଼ି ୧,୩୯,୪୮୯ ହୋଇଥିବାବେଳେ, ସ୍ନାତକୋତ୍ତର (ପିଜି) ମେଡିକାଲ ଆସନ ୩୧,୧୮୫ରୁ ବୃଦ୍ଧି ପାଇ ୮୬,୩୬୦ରେ ପହଞ୍ଚିଛି। ମନ୍ତ୍ରୀ କହିଛନ୍ତି, ଦୁର୍ଗମ ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଅଞ୍ଚଳରେ ନୂତନ ମେଡିକାଲ କଲେଜ ସ୍ଥାପନ ଏବଂ ଏମ୍‌ବିବିଏସ୍ ଆସନ ବୃଦ୍ଧି ଫଳରେ ଡାକ୍ତରଙ୍କ ଉପଲବ୍ଧତା ବଢ଼ିବା ସହ ଦେଶର ସ୍ୱାସ୍ଥ୍ୟସେବା ଆହୁରି ସୁଦୃଢ଼ ହେବ। ସେ ଆହୁରି କହିଛନ୍ତି, 'ଫ୍ୟାମିଲି ଆଡପ୍ସନ୍ ପ୍ରୋଗ୍ରାମ୍'କୁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଏଥିରେ ମେଡିକାଲ ଛାତ୍ରଛାତ୍ରୀମାନେ ଗ୍ରାମର ପରିବାରଗୁଡ଼ିର ଟିକାକରଣ, ପୋଷଣ, ମହିଳା ସ୍ୱାସ୍ଥ୍ୟ, ଔଷଧ ସେବନ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ କାର୍ଯ୍ୟରେ ସହଯୋଗ କରୁଛନ୍ତି।

# ଦେଶବ୍ୟାପୀ ତୀବ୍ର ହେଲା ଛାତ୍ର ଆନ୍ଦୋଳନ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି):

ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଜୋରଦାର ହୋଇଛି। ବିହାର, ଉତ୍ତର ପ୍ରଦେଶ, ହରିୟାଣା ଏବଂ ରାଜସ୍ଥାନ ପରି ବିଭିନ୍ନ ରାଜ୍ୟରେ ଛାତ୍ର ସଂଗଠନଗୁଡ଼ିକ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଏହି ଆନ୍ଦୋଳନ ଓ ବିକ୍ଷୋଭ ଆହୁରି ତୀବ୍ର ହୋଇଛି। ବିହାରର ବକ୍ସର ଓ ପାଟଣା ସହରରେ ବ୍ୟାପକ ଆନ୍ଦୋଳନ ଦେଖିବାକୁ ମିଳିଛି। ପାଟଣାର ଜେପି ଗୋଲମ୍ବର ଅଞ୍ଚଳରେ ପ୍ରାୟ ୨୦୦ ପୁଲିସ କର୍ମଚାରୀଙ୍କ ସହ ୱାଟର କାନନ୍ ମୁତୟନ କରାଯାଇଛି। ବିଧାନସଭା ଏବଂ ରେଳ ଷ୍ଟେଶନ ସୁରକ୍ଷା ପାଇଁ ପୁଲିସ ଫ୍ଲାଗମାର୍ଚ୍ଚ ଓ ଡ୍ରୋନ୍ ମାଧ୍ୟମରେ ନଜର ରଖୁଛି। ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ ଜଣାଇ ରାଜସ୍ଥାନ ହାଇକୋର୍ଟର ଜୟପୁର ବେଞ୍ଚର ଓକିଲମାନେ ପଦଯାତ୍ରା ଓ ଧାରଣା ଦେଇଛନ୍ତି। ଜୟପୁରସ୍ଥିତ ରାଜସ୍ଥାନ ବିଶ୍ୱବିଦ୍ୟାଳୟର ଛାତ୍ରନେତା ଶୁଭମ୍ ରେୱାଡ଼ଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କର ଆମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ସହ ଖେଳାଯାଉଥିବା ଅଭିଯୋଗ ଆଣି ବିଭିନ୍ନ ଛାତ୍ରଛାତ୍ରୀ ଓ ଓକିଲ ସଂଘ ସରକାରଙ୍କ ଜବାବଦେହିତା ଦାବି କରିଛନ୍ତି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟରେ ପୁଲିସ ପ୍ରଶାସନ ସତର୍କତା ଅବଲମ୍ବନ କରିଛି।

## 'ଭୋକର ସ୍ୱାଦ ଖରାପ ନୁହେଁ'

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଛାତ୍ର ଆନ୍ଦୋଳନକୁ ସମର୍ଥନ କରି ୨୬ ଦିନ ଧରି ଅନଶନରେ ଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ ଗୁରୁବାର ରାତିରେ ନିଜର ଅନଶନ ଶେଷ କରିଛନ୍ତି। ଅନଶନ ଭାଙ୍ଗିବା ପରେ ସେ କହିଛନ୍ତି, "ଭୋକର ସ୍ୱାଦ ଖରାପ ନୁହେଁ" ଏବଂ ସରକାରଙ୍କ ସହ କଠିନ ଆଲୋଚନା ପରେ ଲିଖିତ ଆଶ୍ୱାସନ ମିଳିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୱାଙ୍ଗଚୁକଙ୍କ କହିବା ଅନୁଯାୟୀ, କେନ୍ଦ୍ର ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଓ ଜିତେନ୍ଦ୍ର ସିଂହ ତିନୋଟି ବିଷୟରେ ଲିଖିତ ଆଶ୍ୱାସନା ଦେଇଛନ୍ତି- ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ




ବିରୋଧରେ କୌଣସି ମାମଲା ରୁଜୁ ହେବ ନାହିଁ, ପେପର ଲିକ୍ ସମସ୍ୟାର ସମାଧାନ ପାଇଁ ସଂସଦରେ ଆଲୋଚନା ହେବ ଏବଂ ନିଟ୍ ପେପର ଲିକ୍ ସମ୍ବନ୍ଧୀୟ ଆତ୍ମହତ୍ୟା ପୀଡ଼ିତଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ। ସେ କହିଛନ୍ତି, ଲିଖିତ ଆଶ୍ୱାସନ ମିଳି ନ ଥାନ୍ତା ହେଲେ ସେ ଆହୁରି ଦୀର୍ଘ ସମୟ ଅନଶନ ଜାରି ରଖିଥାନ୍ତେ।

## ନିଟ୍ ବିବାଦ: ଘଟଣାର କ୍ରମବିକାଶ

| | |
|---|---|
| ୩ ମେ: | ସାରା ଦେଶରେ ନିଟ୍-ୟୁଜି ୨୦୨୬ ପରୀକ୍ଷା। ଏଥିରେ ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ |
| ୧୨ ମେ: | ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ପରୀକ୍ଷା ବାତିଲ କରାଯାଇ ପୁନଃ ପରୀକ୍ଷା ଘୋଷଣା |
| ୧୫ ମେ: | ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ବେକାର ଯୁବକମାନେ କକ୍ରୋଚ ପରି |
| ୧୬ ମେ: | ଅଭିଜିତ ଦୀପକେଙ୍କ ଦ୍ୱାରା କକ୍ରୋଚ୍ ଜନତା ପାର୍ଟି ନାମରେ ସୋସିଆଲ ମିଡିଆ ଆନ୍ଦୋଳନ ଆରମ୍ଭ |
| ୬ ଜୁନ୍: | କକ୍ରୋଚ ପକ୍ଷରୁ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ |
| ୨୦ ଜୁନ୍: | ଯନ୍ତରମନ୍ତରରେ କକ୍ରୋଚ ପାର୍ଟିର ଦ୍ୱିତୀୟ ବିକ୍ଷୋଭ |
| ୨୮ ଜୁନ୍: | କକ୍ରୋଚ ଆନ୍ଦୋଳନକୁ ସମର୍ଥନ କରି ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ |
| ୨୦ ଜୁଲାଇ: | କକ୍ରୋଚ ଆହ୍ୱାନରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ସଂସଦ ଅଭିଯାନ। ପ୍ରଦର୍ଶନକାରୀଙ୍କ ଉପରେ ବର୍ବରତାପୂର୍ଣ୍ଣ ଲାଠି ମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ |
| ୨୧ ଜୁଲାଇ: | ପ୍ରଧାନମନ୍ତ୍ରୀ ଆବାସ ବାହାରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ଅଖିଳେଶ ଯାଦବଙ୍କ ବିକ୍ଷୋଭ ଓ ଧାରଣା। |
| ୨୧ ଜୁଲାଇ: | ସଂସଦର ମୌସୁମୀ ଅଧିବେଶନରେ ବିରୋଧୀ ଉଠାଇଲେ ନିଟ୍ ପ୍ରଶ୍ନପତ୍ର ଲିକ୍, ଲାଠିଚାର୍ଜ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗ |
| ୨୨ ଜୁଲାଇ: | ବିରୋଧୀ ଦଳ କ୍ରମାଗତ ତୃତୀୟ ଦିନ ପାଇଁ ସଂସଦରେ ବିକ୍ଷୋଭ ଜାରି ରଖିବା ସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ପୁଣିଥରେ ଦୋହରାଇଥିଲେ। |
| ୨୩ ଜୁଲାଇ: | ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପେପର ଲିକ୍ ମାମଲାର ଶୀଘ୍ର ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାର ଘୋଷଣା କରିଥିଲେ। ସୋମନ ୱାଂଗଚୁକ୍‌ଙ୍କ ଅନଶନ ଭଙ୍ଗ |
| ୨୪ ଜୁଲାଇ: | ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ନିଯୁକ୍ତ, ପ୍ରଶ୍ନପତ୍ର ଲିକ୍ ପାଇଁ ୧୦ ବର୍ଷ ଜେଲ ଓ ୧୦ କୋଟି ଜରିମାନା ବ୍ୟବସ୍ଥା ଧାର୍ଯ୍ୟ/ ସରକାରଙ୍କ ସହ କକ୍ରୋଚ ପ୍ରତିନିଧିଙ୍କ ଆଲୋଚନା |

# ଧର୍ମେନ୍ଦ୍ର 'ଅପରାଧୀ' ଶିକ୍ଷାମନ୍ତ୍ରୀ: ରାହୁଲ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଲୋକସଭାର ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ "ଅପରାଧୀ ଶିକ୍ଷାମନ୍ତ୍ରୀ' ବୋଲି କହି ତାଙ୍କ ଇସ୍ତଫା ଦାବି କରିଛନ୍ତି। ସେ କହିଛନ୍ତି,



ଦେଶର ଶିକ୍ଷା ବ୍ୟବସ୍ଥାର ବିଫଳତାର ପ୍ରତୀକ ହେଉଛନ୍ତି ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କ ପାଇଁ ହଜାର ହଜାର ଛାତ୍ରଛାତ୍ରୀ ରାସ୍ତାକୁ ଓହ୍ଲାଇଛନ୍ତି। ରାହୁଲ ଗାନ୍ଧୀ ପେଲେଟ୍ ଗୁଳିରେ ଆହତ ହୋଇଥିବା ଜଣେ ଛାତ୍ରଙ୍କୁ ସାମ୍ବାଦିକ ସମ୍ମିଳନୀକୁ ଆଣି ତାଙ୍କ ହାତର ଆଘାତ ଦେଖାଇଥିଲେ। ସେ ଅଭିଯୋଗ କରିଥିଲେ ଯେ, ଶାନ୍ତିପୂର୍ଣ୍ଣ ଭାବେ ଜାତୀୟ ପତାକା ଧରି ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ଓ ପେଲେଟ୍ ଗୁଳି ଚାଳନା କରାଯାଇଥିଲା। ସରକାର ପେଲେଟ୍ ବ୍ୟବହାରକୁ ଅସ୍ୱୀକାର କରୁଥିବା ବେଳେ ଆହତ ଛାତ୍ରଙ୍କ ଗୋଟିଏ ଆଖିର ଦୃଷ୍ଟିଶକ୍ତି କ୍ଷତିଗ୍ରସ୍ତ ହୋଇଥିବା ସେ ଦାବି କରିଛନ୍ତି।

# ଇସ୍ତଫା ଦେବେନି କି ଦାୟିତ୍ୱରୁ ହଟିବେନି

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ବିରୋଧୀ ଓ ଆନ୍ଦୋଳନକାରୀ ଛାତ୍ର ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ଦାବି ସତ୍ତ୍ୱେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାର କୌଣସି ପ୍ରଶ୍ନ ଉଠୁନାହିଁ ବୋଲି କେନ୍ଦ୍ର ସରକାରୀ ସୂତ୍ରରୁ ସ୍ପଷ୍ଟ କରାଯାଇଛି। ଇସ୍ତଫା ଦେବା ଦାୟିତ୍ୱରୁ ଓହରିଯିବା ସହ ସମାନ ବୋଲି ସରକାର ଦର୍ଶାଇଛନ୍ତି। ଦିଲ୍ଲୀର ଯନ୍ତର ମନ୍ତରଠାରେ ଚାଲିଥିବା ମାସବ୍ୟାପୀ ଆନ୍ଦୋଳନ ଏବଂ ପ୍ରତିବାଦ ମଧ୍ୟରେ କେନ୍ଦ୍ର ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ କହିବା ଅନୁସାରେ, ମନ୍ତ୍ରୀଙ୍କ ଇସ୍ତଫା ଭଳି ପ୍ରତୀକାତ୍ମକ ପଦକ୍ଷେପ ନନେଇ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ର ବ୍ୟବସ୍ଥାଗତ ତ୍ରୁଟିସୁଧାରିବା ଏବଂ ପ୍ରଶ୍ନପତ୍ର ଲିକ୍ କରୁଥିବା ଗ୍ୟାଙ୍ଗଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ।

କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ସିଜେପିର ପ୍ରତିନିଧିମାନଙ୍କ ସହ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ଆନ୍ଦୋଳନକାରୀ ସଂଗଠନ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ଆନ୍ଦୋଳନକାରୀଙ୍କ ଉପରୁ ମାମଲା ପ୍ରତ୍ୟାହାର ଏବଂ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବିରେ ଅଟଳ ରହିଛି। କେନ୍ଦ୍ର କ୍ୟାବିନେଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ଜାଲିଆତି ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ନୂଆ ବିଲ୍‌ର ଚିଠା ଅନୁମୋଦନ କରିସାରିଛନ୍ତି, ଯାହା ଆସନ୍ତା ସପ୍ତାହରେ ସଂସଦରେ ଆଗତ ହେବ। ସରକାରୀ ସୂତ୍ରରୁ କୁହାଯାଇଛି ଯେ ଜନସାଧାରଣ ସରକାରଙ୍କୁ ସେବା କରିବା ପାଇଁ ଜନାଦେଶ ଦେଇଛନ୍ତି ଏବଂ ସରକାର ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ସୁରକ୍ଷିତ କରିବା ପାଇଁ ବଦ୍ଧପରିକର। ଶନିବାର ସରକାର ଓ ଆନ୍ଦୋଳନକାରୀ ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ ପରବର୍ତ୍ତୀ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

# ଫ୍ରାନ୍ସ ଜଙ୍ଗଲରେ ନିଆଁ: ୪୦ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର

ପ୍ୟାରିସ,୨୪।୭(ଏଜେନ୍ସି): ଦକ୍ଷିଣ-ପଶ୍ଚିମ ଫ୍ରାନ୍ସରେ ଲାଗିଥିବା ଭୟଙ୍କର ଜଙ୍ଗଲ ନିଆଁ ଯୋଗୁଁ ପ୍ରାୟ ୪୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଫ୍ରାନ୍ସର ଗୃହମନ୍ତ୍ରୀ ଲରେଣ୍ଟ ନୁନେଜ୍ କହିଛନ୍ତି, ଏହି ନିଆଁରେ ଏପର୍ଯ୍ୟନ୍ତ ୧୦ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ପୋଡ଼ି ନଷ୍ଟ ହୋଇଯାଇଛି। ବୁଧବାର ସାଉମୋସ୍ ଗ୍ରାମରୁ ଆରମ୍ଭ ହୋଇଥିବା ଏହି ନିଆଁ ଏବେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ କ୍ୟାପ୍-ଫେରେଟ୍ ଉପଦ୍ୱୀପ ପର୍ଯ୍ୟନ୍ତ ବ୍ୟାପିଛି। ଏହି ଅଞ୍ଚଳ ପାଇନ୍ ଜଙ୍ଗଲ, ବାଲୁକା ଟିବି ଓ ଓଏଷ୍ଟର୍ ଚାଷ ପାଇଁ ପ୍ରସିଦ୍ଧ। ପ୍ରାୟ ୧,୦୦୦ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବାରେ ନିୟୋଜିତ ଥିବାବେଳେ, ଏପର୍ଯ୍ୟନ୍ତ ୮୦ଟି ଘର ପୋଡ଼ିଯାଇଛି, ସେଥିମଧ୍ୟରୁ ୫୦ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି। ତେବେ ଏହି ଅଗ୍ନିକାଣ୍ଡରେ କୌଣସି ଜୀବନହାନି ଘଟିନଥିବା ସରକାର ସୂଚନା ଦେଇଛି। ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ ପରିସ୍ଥିତିକୁ ଅତ୍ୟନ୍ତ ଗମ୍ଭୀର ବୋଲି କହିଛନ୍ତି।

# କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ରବନୀତଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): କେନ୍ଦ୍ର ମନ୍ତ୍ରୀ ରବନୀତ ସିଂ ବିଟ୍ଟୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ତାଙ୍କର



ଏହି ଇସ୍ତଫା ପତ୍ରକୁ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ମନ୍ତ୍ରୀ ପରିଷଦରୁ ରବନୀତ ସିଂ ଇସ୍ତଫା ଗ୍ରହଣ କରାଯାଇଛି। ତାଙ୍କର ଏହି ଇସ୍ତଫା ତୁରନ୍ତ ଲାଗୁ କରାଯାଇଛି। ସୂଚନା ଅନୁଯାୟୀ, ରବନୀତ ସିଂ ଆଗାମୀ ପଞ୍ଜାବ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ରହିଛି। ଦଳ ତାଙ୍କୁ ନିର୍ବାଚନରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ ବୋଲି ଚର୍ଚ୍ଚା ହୋଇଛି। ଏହାସହ ସେ କୌଣସି ଏକ ପ୍ରମୁଖ ଆସନରୁ ମଧ୍ୟ ନିର୍ବାଚନ ଲଢ଼ିପାରନ୍ତି।

# ବିଏସ୍‌ଏଫ୍ କ୍ୟାମ୍ପରେ ଗୁଳିକାଣ୍ଡ: ୨ ଯବାନ ସହିଦ

ମାଲଦା,୨୪।୭(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦା ଜିଲ୍ଲାସ୍ଥିତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) କ୍ୟାମ୍ପ ଭିତରେ ବୁଧବାର ଜଣେ କାନଷ୍ଟେବଲ ନିଜ ସାଥୀ ଯବାନଙ୍କ ଉପରକୁ ଗୁଳି ଚଳାଇଥିବା ଜଣାପଡ଼ିଛି। କୋର୍ଟ ମାର୍ଶାଲ ଦଣ୍ଡ ପାଇଥିବା ଜଣେ କାନଷ୍ଟେବଲ ଏପରି କରିଛନ୍ତି। ଏଥିରେ ୨ ଜଣ ବିଏସଏଫ୍ ଯବାନ ସହିଦ ହୋଇଛନ୍ତି ଏବଂ ଜଣେ ଗୁରୁତର ଆହତ ହୋଇଛନ୍ତି। ବୈଷ୍ଣବନଗରସ୍ଥିତ ୧୧୯ ଏବଂ ୭୧ ନମ୍ବର ବାଟାଲିୟନ ମୁଖ୍ୟାଳୟରେ ଅପରାହ୍ଣ ପ୍ରାୟ ୩:୫୦ ସମୟରେ ଏହି ଅଘଟଣ ଘଟିଥିଲା। ୧୧୯ ବାଟାଲିୟନର କାନଷ୍ଟେବଲ ଶିବମ୍ କୁମାର ମିଶ୍ର କୋର୍ଟ ମାର୍ଶାଲ କାରଣରୁ ସୁରକ୍ଷାକର୍ମୀଙ୍କ କବଳରେ ଥିଲେ। ହଠାତ୍ ସେ ସେଣ୍ଟ୍ରି (ସୁରକ୍ଷାକର୍ମୀ)ଙ୍କ ରାଇଫଲ୍ ଛଡ଼ାଇ ନେଇ ବାରାକ୍ ଆଡ଼କୁ ଆଖିବୁଜା ଗୁଳିଚାଳନା କରିଥିଲେ। ଗୁଳିମାଡ଼ରେ ଆହତ ଯବାନଙ୍କୁ ମାଲଦା ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ୭୧ ନମ୍ବର ବାଟାଲିୟନର ହେଡ୍ କାନଷ୍ଟେବଲ ଅଜୟ କୁମାର ଏବଂ କାନଷ୍ଟେବଲ ଅମ୍ବାଦାର ସୁରେଶଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ହେଡ୍ କାନଷ୍ଟେବଲ ବିକାଶ ବ୍ରହ୍ମା ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଗୁଳିକାଣ୍ଡ ପରେ ଅଭିଯୁକ୍ତ ଶିବମ୍ କୁମାରଙ୍କୁ କାବୁ କରାଯାଇ ପୁଲିସ ଜିମାରେ ଦିଆଯାଇଛି। ପୁଲିସ ଏହି ଘଟଣାର ବିସ୍ତୃତ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ଯବାନ ଜଣକ ମାନସିକ ଅବସାଦ ଦେଇ ଗତି କରୁଥିବା ସନ୍ଦେହ କରାଯାଉଛି।

# ପିଓକେରେ ମାନବାଧିକାର ଦମନ ପ୍ରସଙ୍ଗ ଉଠାଇଲା ନୂଆଦିଲ୍ଲୀ

ନ୍ୟୁୟର୍କ,୨୪।୭(ଏଜେନ୍ସି):

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପୁଣିଥରେ କାଶ୍ମୀର ପ୍ରସଙ୍ଗ ଉଠାଇଥିବା ପାକିସ୍ତାନକୁ ଭାରତ କଡ଼ା ଜବାବ ଦେଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଜଦୂତ ହରିଶ ପାର୍ବତନେନୀ କହିଛନ୍ତି, ପାକିସ୍ତାନ

**ଜାତିସଂଘରେ ପାକିସ୍ତାନକୁ ଭାରତର କଡ଼ା ଜବାବ**

ଅନ୍ୟଙ୍କ ଉପରେ ଆଙ୍ଗୁଠି ଉଠାଇବା ପୂର୍ବରୁ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଓ ନିଜ ଦେଶର ଗଣତାନ୍ତ୍ରିକ ସ୍ଥିତିକୁ ନେଇ ଆତ୍ମସମୀକ୍ଷା କରିବା ଉଚିତ। ସେ କହିଛନ୍ତି, ପିଓକେରେ ପ୍ରାୟ ଆଠ ଦଶନ୍ଧି ଧରି କାଶ୍ମୀରୀମାନଙ୍କର ମୌଳିକ ଅଧିକାର,



ମତପ୍ରକାଶର ସ୍ୱାଧୀନତା ଓ ସଂଗଠନର ଅଧିକାରକୁ ଦମନ କରାଯାଉଛି। ଏହା କୌଣସି ବିଚ୍ଛିନ୍ନ ଘଟଣା ନୁହେଁ, ବରଂ ପାକିସ୍ତାନର ଦୀର୍ଘଦିନର ନୀତିର ଅଂଶ ବୋଲି ସେ ଅଭିଯୋଗ କରିଛନ୍ତି। ଭାରତୀୟ ରାଜଦୂତ ପାକିସ୍ତାନର ଆଭ୍ୟନ୍ତରୀଣ ପରିସ୍ଥିତିକୁ ମଧ୍ୟ ସମାଲୋଚନା କରି କହିଛନ୍ତି, ବିରୋଧୀ ନେତାମାନଙ୍କୁ କାରାଗାରରେ ରଖିବା, ପ୍ରମୁଖ ବିରୋଧୀ ଦଳକୁ ନିର୍ବାଚନରୁ ବଞ୍ଚିତ କରିବା ଏବଂ ସାମରିକ ପ୍ରଭାବରେ ସମ୍ବିଧାନ ସଂଶୋଧନ ଭଳି ପଦକ୍ଷେପ ପାକିସ୍ତାନର ଗଣତନ୍ତ୍ରକୁ ଦୁର୍ବଳ କରିଛି। ହରିଶ ପାର୍ବତନେନୀ ପୁଣି ଦୋହରାଇଛନ୍ତି ଯେ, ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛିନ୍ନ ଓ ଅଭିନ୍ନ ଅଂଶ। ଏହି ପ୍ରସଙ୍ଗରେ ଏକମାତ୍ର ଅମୀମାଂସିତ ବିଷୟ ହେଉଛି ପାକିସ୍ତାନ ଦ୍ୱାରା ଭାରତର ଭୂଭାଗର ବେଆଇନ ଦଖଲ ବୋଲି ସେ କହିଛନ୍ତି। ସେହିପରି, ବିବାଦ ଓ ଆକ୍ରମଣ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ କରିବା, ପୁରୁଣା ଜାତିସଂଘ ମାଣ୍ଡେଟଗୁଡ଼ିକର ସମୀକ୍ଷା କରିବା ଏବଂ ଆଞ୍ଚଳିକ ସଂଗଠନମାନଙ୍କୁ ଶାନ୍ତି ପ୍ରତିଷ୍ଠାରେ ଅଧିକ ଭୂମିକା ଦେବାକୁ ମଧ୍ୟ ଭାରତ ଆହ୍ୱାନ କରିଛି।

# ଭାରତ-ନେପାଳ ସୀମାନ୍ତରୁ ଆମେରିକୀୟ ନାଗରିକଙ୍କ ସହ ୫ ଖଲିସ୍ତାନୀ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଉତ୍ତର ପ୍ରଦେଶର ବହରାଇଚ୍ ଜିଲ୍ଲାରେ ଭାରତ-ନେପାଳ ସୀମାନ୍ତରେ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଏବଂ ସ୍ଥାନୀୟ ପୁଲିସର ମିଳିତ ଅଭିଯାନରେ ଏକ ବଡ଼ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଗୁପ୍ତ ଭାବେ ଭାରତ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା 'ୱାରିସ୍ ପଞ୍ଜାବ ଦେ' ସଂଗଠନର ଜଣେ ୱାଣ୍ଟେଡ୍ ସଦସ୍ୟ ଏବଂ ଜଣେ ଆମେରିକୀୟ ନାଗରିକଙ୍କ ସହ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ରୁପାଇଡିହା ସୀମାନ୍ତ ଚେକ୍‌ପୋଷ୍ଟ ନିକଟରୁ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ନେଇ ପୁଲିସ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି। ଗିରଫ ହୋଇଥିବା ପ୍ରମୁଖ ବ୍ୟକ୍ତି ଦ୍ୱୟ ହେଉଛନ୍ତି ପଞ୍ଜାବର ୨୦୨୩ ଅଜନାଲା ଥାନା ଅଭିଯୋଗ ମାମଲାରେ ଫେରାର ଥିବା ବିକ୍ରମଜିତ୍ ସିଂହ ଏବଂ ମୋଗା ଜିଲ୍ଲାର ମୂଳ ନିବାସୀ ତଥା ଆମେରିକୀୟ ନାଗରିକ ମନବୀର ସିଂହ ଢିଲୋଁ। ଆମେରିକୀୟ ନାଗରିକ ମନବୀର ସିଂହ କୌଣସି ବୈଧ ଭାରତୀୟ ଭିସା ନ ନେଇ ସୁରକ୍ଷା ଏଜେନ୍ସି ଆଖିରେ ଧୂଳି ଦେବା ପାଇଁ ନେପାଳ ବାଟ ଦେଇ ଭାରତ ମଧ୍ୟକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଏହି ଦୁଇ ଜଣଙ୍କୁ ଭାରତ ଭିତରକୁ ଆଣିବାରେ ସାହାଯ୍ୟ କରୁଥିବା ଗାଡ଼ି ଚାଳକ ରାହୁଲ କୁମାରଙ୍କ ସମେତ ରୁପାଇଡିହାର ସୁରେଶ କୁମାର ପାଠକ ଏବଂ ଦିଲୀପ ଉପାଧ୍ୟାୟଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ହୋଇଥିବା ଦୁଇ ଜଣଙ୍କ ବିରୋଧରେ ପଞ୍ଜାବରେ ପୂର୍ବରୁ ମାମଲା ରହିଛି।

**ଜାତୀୟ ରାଜପଥ ଉପରେ ଅଘଟଣ**

## ଭ୍ୟାନ୍ ମାଡ଼ରେ ଦନ୍ତା ହାତୀର ପିଠିରେ ଆଘାତ

କେନ୍ଦୁଝର, ୨୪।୭(ସମିସ): କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ଅନ୍ତର୍ଗତ ବଡପଶି ଶାଳ ନିକଟରେ ଶୁକ୍ରବାର ଭୋର ପ୍ରାୟ ୩ରେ ହାତୀପଲ ରାସ୍ତା ଅତିକ୍ରମ କରୁଥିଲେ। ଏତିକିବେଳେ ଏକ ୧୫ ବର୍ଷ ବୟସ୍କ ଦନ୍ତା ହାତୀକୁ ଏକ ପିକ୍ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଏଥିରେ ଉକ୍ତ ଦନ୍ତା ହାତୀଟି ଗୁରୁତର ଆହତ ହୋଇଥିବା ଜଣାପଡିଛି। ପିଠିରେ ଆଘାତ ଲାଗିଥିବାରୁ ବନ ବିଭାଗ ଚିକିତ୍ସା ଜାରି ରଖିଥିବା ଡିଏଫଓ କହିଛନ୍ତି। ଉକ୍ତ ଅଞ୍ଚଳରେ ୬ଟି ହାତୀଙ୍କ ଏକ ପଲ ଜାତୀୟ ରାଜପଥ ୨୦ ଅତିକ୍ରମ କରୁଥିବାବେଳେ ଏହି ଅଘଟଣ ଘଟିଛି। ବନ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ହାତୀ ଚଲାପଥର ଏକ ସୂଚନା ବୋର୍ଡ ଲଗାଯାଇଛି। ଏହାସତ୍ତ୍ୱେ ଗାଡି ଚାଳକ ଦ୍ରୁତ ଗତିରେ ଯାଉଥିଲା। ସୂଚନା ପାଇବା ମାତ୍ରେ ବନ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପିକ୍ଅପ୍ ଗାଡିର ସାମ୍ନା ବମ୍ପର ଭଙ୍ଗା ଅବସ୍ଥାରେ ରାସ୍ତା ଉପରେ ପଡିଥିଲା। ହାତୀଟି ଠିକ୍ ଭାବରେ ଚାଲି ପାରୁନାହିଁ। ଡିଏଫ୍ଓ ଧନରାଜ ଏଚଡିଙ୍କ ନେତୃତ୍ୱରେ ପ୍ରାଣୀ ଚିକିତ୍ସା ଦଳ, ବାୟୋଲଜିଷ୍ଟ, ଏସିଏଫ୍ ଡାକ୍ତର ସୁଦିପ୍ତ ପଣ୍ଡା, ସଦର ରେଞ୍ଜର ରବିନ୍ଦ୍ରନାଥ ମହାନ୍ତ ହାତୀର ଗତିବିଧି ଅନୁଧ୍ୟାନ କରିଛନ୍ତି। ସକାଳ ୬ଟାରେ ଡାର୍ଟ ମାଧ୍ୟମରେ ହାତୀକୁ ଦୁଇ ଡୋଜ ଔଷଧ ପ୍ରଦାନ କରାଯାଇଛି। ଏହି ଘଟଣାରେ ଓୟୁଏଟି ଏବଂ ନନ୍ଦନକାନନର ବିଶେଷଜ୍ଞ ପଶୁ ଚିକିତ୍ସକମାନଙ୍କ ସହ ପରାମର୍ଶ କରାଯାଉଛି। ଦୁର୍ଘଟଣା ପରେ ହାତୀଟି ଜାତୀୟ ରାଜପଥ-୨୦ଠାରୁ ପ୍ରାୟ ୬୦୦ ମିଟର ଦୂର ନରଣପୁର ସଂରକ୍ଷିତ ଜଙ୍ଗଲ ଭିତରକୁ ଚାଲିଯାଇଛି। ଆସନ୍ତା ୨/୩ ଦିନ ମଧ୍ୟରେ ହାତୀଟି ସ୍ୱାଭାବିକ ହୋଇଯିବ ବୋଲି ଡିଏଫ୍ଓ ପ୍ରକାଶ କରିଛନ୍ତି।



## ନବୀନଙ୍କ କୃତିକୁ ନିଜର ବୋଲି ପ୍ରଚାର କରୁଛି ବିଜେପି : ବିଜେଡି

**ଓଡିଶାରେ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱର ଫଳ**

ଭୁବନେଶ୍ୱର,୨୪।୭(ସମିସ):ନୀତି ଆୟୋଗର ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ରିପୋର୍ଟରେ ଓଡିଶାକୁ ୫ମ ସ୍ଥାନ ମିଳିବା ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବର ବିଷୟ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପ ଯୋଗୁଁ ୨୦୨୩-୨୪ ବର୍ଷ ପାଇଁ ଓଡ଼ିଶାକୁ ଏହି ଇଣ୍ଡେକ୍ସରେ ସ୍ଥାନ ମିଳିଛି। ମାତ୍ର ପୂର୍ବ ସରକାରଙ୍କ ସଫଳତା, ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ନିଜର ସଫଳତା ବୋଲି ଏବର ସରକାର ପ୍ରଚାର କରି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛି ବୋଲି ସିଧାସଳଖ ବିଜେପି ପ୍ରତି ଅଙ୍ଗୁଳି ଉଠାଇଛି ବିଜେଡି। ଓଡିଶା ଏବେ ଭାରତର ଅନ୍ୟତମ ନିବେଶ ଅନୁକୂଳ, ଆର୍ଥିକ ଶୃଙ୍ଖଳିତ ଏବଂ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଯେଉଁ ସୁନାମ ଅର୍ଜନ କରିଛି ତାହା କେବଳ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ସମ୍ଭବ ହୋଇପାରିଛି। ୨୪ ବର୍ଷର ସ୍ଥିର ଶାସନ, ଆର୍ଥିକ ଶୃଙ୍ଖଳା ଓ ନୀତିଗତ ସ୍ଥିରତା ଯୋଗୁଁ ଶିଳ୍ପ କ୍ଷେତ୍ରରେ ଓଡିଶା ଆଗେଇ ଚାଲିଛି। କିନ୍ତୁ ବିଜେପି ସରକାର ଏହାକୁ ନିଜର ସଫଳତା କହି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛି ବିଜୁ ଜନତା ଦଳ।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ମୁଖପାତ୍ର ଲେନିନ ମହାନ୍ତି ଏନେଇ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।



କ୍ୟାପଟେନ ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଇସ୍ପାତ, ଆଲୁମିନିୟମ୍, ଖଣି, ପେଟ୍ରୋକେମିକାଲ୍, ଉତ୍ପାଦନ, ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ ଏବଂ ସେବା କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଓଡିଶା ଦେଶର ଅନ୍ୟତମ ନିବେଶ ରାଜ୍ୟରେ ପରିଣତ ହୋଇଥିଲା। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ଅନୁସାରେ, ୨୦୧୯ ମସିହାରେ ଓଡିଶା ମହାରାଷ୍ଟ୍ରକୁ ପଛରେ ପକାଇ ନିବେଶ ପ୍ରସ୍ତାବ ଆକର୍ଷଣରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଭାରତର ପ୍ରାୟ ୫୦ ପ୍ରତିଶତ ଖଣିଜ ସମ୍ପଦ ଓଡିଶାରେ ରହିଛି ଏବଂ ଦେଶର ପ୍ରାୟ ଏକ ଚତୁର୍ଥାଂଶ କୋଇଲା ଉତ୍ପାଦନ ଓଡିଶାରୁ ହୋଇଥାଏ। ଏହି ପ୍ରାକୃତିକ ସମ୍ପଦକୁ ସ୍ଥାୟୀ ଶିଳ୍ପ ବିକାଶରେ ପରିଣତ କରିବା ନବୀନ ପଟ୍ଟନାୟକଙ୍କ ଦୂରଦର୍ଶିତାର ପ୍ରମାଣ। ଦୁଇ ବର୍ଷରୁ ଅଧିକ ସମୟ ଶାସନରେ ରହି ବିଜେପି ସରକାର ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ନିବେଶ ଘୋଷଣା କରିଥିଲେ ମଧ୍ୟ ଶିଳ୍ପ ପ୍ରକଳ୍ପ, ନୂତନ ଶିଳ୍ପ କରିଡର କରିବାରେ ବିଫଳ ହୋଇଛନ୍ତି। ପୂର୍ବ ବିଜେଡି ସରକାରର କାମକୁ ନିଜର ସଫଳତା କହି ବର୍ତ୍ତମାନର ସରକାର ଯେଉଁ ବାହାବା ନେଉଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ।

ଲେନିନ୍ ମହାନ୍ତି କହିଥିଲେ ଯେ ନୀତି ଆୟୋଗର ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ରିପୋର୍ଟରେ ଓଡ଼ିଶା ୫ମ ସ୍ଥାନରେ ରହି ଯେଉଁ କୃତିତ୍ୱ ହାସଲ କରିଛି ତାହା କେବଳ ବିଜେଡି ସରକାରର ଦୁଇ ଦଶନ୍ଧିର ଆର୍ଥିକ ଶୃଙ୍ଖଳା, ନୀତିଗତ ସ୍ଥିରତାର ଯୋଗୁଁ ସମ୍ଭବ ହୋଇପାରିଛି। ବର୍ତ୍ତମାନର ସରକାର ଶିଳ୍ପ ପ୍ରତିନିଧିଙ୍କୁ ନେଇ ଆଡମ୍ବରପୂର୍ଣ୍ଣ ସରକାରୀ ଉତ୍ସବ ପାଳନ କରି ମାତ୍ର ଦୁଇ ବର୍ଷରେ ନିଜର କୃତିତ୍ୱ ବୋଲି ଦର୍ଶାଇବା ଦୁର୍ଭାଗ୍ୟଜନକ। ବିଚକ୍ଷଣ ଆର୍ଥିକ ପରିଚାଳନା, ଐତିହାସିକ ଆର୍ଥିକ ସଂସ୍କାର, ସ୍ୱଚ୍ଛ ପ୍ରଶାସନ, ୫-ଟି ଶାସନ ବ୍ୟବସ୍ଥାର ରୂପାୟନ ମାଧ୍ୟମରେ ନବୀନ ପଟ୍ଟନାୟକ ଓଡ଼ିଶାକୁ ଦେଶର ଅନ୍ୟତମ ଆର୍ଥିକ ଶୃଙ୍ଖଳିତ ରାଜ୍ୟରେ ପରିଣତ କରିଥିଲେ। ଦୁଇ ବର୍ଷରୁ ଅଧିକ ସମୟ ଶାସନରେ ରହିଥିଲେ ମଧ୍ୟ ବର୍ତ୍ତମାନର ସରକାର ଶିଳ୍ପାୟନ କ୍ଷେତ୍ରରେ ସେପରି ଆଖିଦୃଶିଆ କାର୍ଯ୍ୟ କରିପାରି ନାହାନ୍ତି। ବରଂ ପୂର୍ବ ସରକାରଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ମିଳିଥିବା ନୀତି, ପ୍ରକଳ୍ପ ଓ ସଫଳତାକୁ ପ୍ରଚାର ମାଧ୍ୟମରେ ନିଜର ବୋଲି ଦର୍ଶାଇବାକୁ ପ୍ରୟାସ କରୁଛନ୍ତି। ପୂର୍ବ ସରକାରର ସଫଳତାକୁ ନିଜର ବୋଲି ଦାବି କରିବା ପରିବର୍ତ୍ତେ ନୂତନ ଶିଳ୍ପ ସ୍ଥାପନ, ରୋଜଗାର ସୃଷ୍ଟି, ଆର୍ଥିକ ପରିଚାଳନାକୁ ସୁଦୃଢ଼ କରିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ବର୍ତ୍ତମାନର ବିଜେପି ସରକାର କାର୍ଯ୍ୟ କରନ୍ତୁ ବୋଲି ସେ କହିଛନ୍ତି।

**ନାମଲେଖା ଇଣ୍ଟିମେସନରେ ରହିବ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଫଟୋ**

## ୨ ଶିକ୍ଷା ମନ୍ତ୍ରୀଙ୍କ ନାଁ ନ ରହିବାକୁ ନେଇ ବିବାଦ

ଭୁବନେଶ୍ୱର, ୨୪।୭(ସମିସ): କେଜିରୁ ପିଜି ମାଗଣା ଶିକ୍ଷା ଘୋଷଣା ହେବା ପରେ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ଜାରି ହେଉଥିବା ଇଣ୍ଟିମେସନ୍ ଲେଟର୍‌ରେ ପରିବର୍ତ୍ତନ ହେବ। ପ୍ରଥମଥର ପାଇଁ ପିଲାଙ୍କ ନାମଲେଖା ଇଣ୍ଟିମେସନଗୁଡ଼ିକରେ ପ୍ରଧାନମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇବାକୁ ଯୋଜନା ହୋଇଛି। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଜାରି ହୋଇଥିବା ଇଣ୍ଟିମେସନ୍ ଲେଟରରେ ଏହାକୁ ଲାଗୁ କରିବାକୁ ପ୍ରୟାସ ହୋଇଥିଲେ ମଧ୍ୟ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଫଟୋ ନ ଲାଗିବାକୁ ନେଇ ସୃଷ୍ଟି ହୋଇଛି ବିବାଦ। ତେଣୁ ବିନା ଫଟୋରେ ପ୍ରଥମ ଦୁଇ ରାଉଣ୍ଡ ଇଣ୍ଟିମେସନ ଜାର କରାଗଲା। ମାତ୍ର ଆସନ୍ତା ୨୯ରେ ପ୍ରକାଶ ପାଇବାକୁ ଥିବା ତୃତୀୟ ରାଉଣ୍ଡ ମେଧା ତାଲିକା ଇଣ୍ଟିମେସନରେ କେବଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସ୍ଥାନ ପାଇବ । ଏଥିରେ ଉଚ୍ଚଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଫଟୋ ରହିବ ନାହିଁ ବୋଲି ସୂଚନା ମିଳିଛି ।

କୁହାଯାଉଛି ଯେ କେଜିରୁ ପିଜି ପାଗଣା ଶିକ୍ଷାକୁ ସରକାର ଫ୍ଲାଗସିପ୍ ଯୋଜନା ଭାବେ ବିବେଚନା କରୁଛନ୍ତି। ଏହାକୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ କୌଣସି ସୁଯୋଗ ହାତଛଡା କରିବାକୁ ଚାହୁଁ ନାହାନ୍ତି। ଏଥିପାଇଁ ନାମଲେଖା ସମୟରେ ଜାରି ହେଉଥିବା ଇଣ୍ଟିମେସନ୍ ଲେଟର୍‌ରେ 'କେଜିରୁ ପିଜି ମାଗଣା ଶିକ୍ଷା' ଉଲ୍ଲେଖ କରାଯିବା ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରଖିବାକୁ ଯୋଜନା ହୋଇଥିଲା। ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଁ ତାରିଖ ବହୁ ପୂର୍ବରୁ ଘୋଷଣା ହୋଇଥିବାରୁ ସେହି ଅବଧି ମଧ୍ୟରେ ହିଁ ନୂତନ ଡିଜାଇନ୍ କରିବାକୁ କୁହାଯାଇଥିଲା। ମାତ୍ର ଶିକ୍ଷାମନ୍ତ୍ରୀଙ୍କ ଫଟୋ

**■ ଏପରି ଯୋଜନାକୁ ଶିକ୍ଷାବିତ୍ ଓ ଅଭିଭାବକଙ୍କ ନାପସନ୍ଦ**
**■ ଶିକ୍ଷାର ରାଜନୀତିକରଣ ଉଦ୍ୟମ ହେଉଥିବା ଅଭିଯୋଗ**

କାହିଁକି ରହିବନି ବୋଲି କିଛି ବିଧାୟକ ଓ ମନ୍ତ୍ରୀ ପ୍ରଶ୍ନ କରିଥିଲେ। ଏପରିକି ଯଦି ଫଟୋ ରହିବ ତାହେଲେ ଶିକ୍ଷାମନ୍ତ୍ରୀଙ୍କ ଫଟୋ ରହିବ; ଅନ୍ୟଥା କାହାର ଫଟୋ ରହିବ ନାହିଁ ବୋଲି କିଛି ମନ୍ତ୍ରୀ ଯୁକ୍ତି କଲେ। ଏପରିକି ବିଭାଗୀୟ ମନ୍ତ୍ରୀ ଏ ସଂକ୍ରାନ୍ତ ଫାଇଲରେ ସ୍ୱାକ୍ଷର କଲେ ନାହିଁ, ଏହା ପୁଣି ବିଭାଗକୁ ଫେରିଗଲା। ନିର୍ଦ୍ଧାରିତ ସମୟରେ ବିବାଦ ନ ତୁଟିବାରୁ ବିନା ଫଟୋରେ ଦ୍ୱିତୀୟ ରାଉଣ୍ଡ ପାଇଁ ଇଣ୍ଟିମେସନ୍ ଲେଟର ଜାରି କରାଯାଇଥିଲା। ମାତ୍ର ଆସନ୍ତା ୨୯ ତାରିଖ ପୂର୍ବରୁ ବିବାଦ ତୁଟିବ ଓ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ଇଣ୍ଟିମେସନରେ କେବଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିବ ବୋଲି ଆପାତତଃ ନିଷ୍ପତ୍ତି ହୋଇଛି ।

ଏହି ଘଟଣା ଏବେ ଅଧିକାରୀ ଓ ନେତାଙ୍କ ମଧ୍ୟରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ମନ୍ତ୍ରୀମାନେ ମାନୁ ନ ଥିବାର ଆଉ ଏକ ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଉଛି। ମନ୍ତ୍ରୀଙ୍କ ଫଟୋ ନ ରହିଲେ ପରିସ୍ଥିତି ଖରାପ ହେବା ଆଶଙ୍କାରେ ବରିଷ୍ଠ ବରିଷ୍ଠ ଅଧିକାରୀମାନେ ମଧ୍ୟ ହାତେମାପି ଚାଖଣ୍ଡେ ଚାଲୁଛନ୍ତି। ରାଜ୍ୟ ସରକାରଙ୍କ ମଧ୍ୟରେ ଏକାଧିକ ଗୋଷ୍ଠୀ ଥିବା ପୂର୍ବରୁ ଆଲୋଚନା ହେଉଥିବାବେଳେ ଏବେ ଏହା ଲୋକଲୋଚନକୁ ଆସିଥିବା କ୍ଷମତା କରିଡରରେ ଜୋରଦାର ଆଲୋଚନା ହେଉଛି। ଅପରପକ୍ଷରେ ସରକାରଙ୍କ ଏପରି ବ୍ୟବସ୍ଥାକୁ ଅଭିଭାବକ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପିଲାଙ୍କ ଇଣ୍ଟିମେସନ ଲେଟରରେ କାହିଁକି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିବ ବୋଲି ପ୍ରଶ୍ନ ଉଠାଇଛନ୍ତି । ସେହିପରି ସରକାରଙ୍କ ଏହି ଯୋଜନା ଦ୍ୱାରା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ସମ୍ମାନ ବଢ଼ିବା ବଦଳରେ କମିବ; ସାଧାରଣରେ ଏହାକୁ ନେଇ ଏକ ଭୁଲ ବାର୍ତ୍ତା ଯିବ ବୋଲି କିଛି ଛାତ୍ରଛାତ୍ରୀ କହିଛନ୍ତି ।

## ମୌସୁମୀ ଋତୁରେ ଶିମିଳିପାଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ବାରିପଦା, ୨୪।୭(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ରେ ମୌସୁମୀ ଋତୁ ସମୟରେ ଶିକାର ରୋକିବା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବନ ବିଭାଗ ଏଥିପାଇଁ ଏସଟିଆର ଭିତରେ ୨୧୪ଟି ଶିକାର ବିରୋଧୀ ଶିବିର ସ୍ଥାପନ କରିଛି। ଏଥିପାଇଁ ପ୍ରାୟ ୧,୦୦୦ ପ୍ରଶିକ୍ଷିତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚନ୍ଦ୍ର ଗୋଗିନେନି କହିଛନ୍ତି, ମୌସୁମୀ ପୂର୍ବରୁ ଉପରୋକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାଦ୍ୱାରା ୨,୭୫୦ ବର୍ଗ କିଲୋମିଟର ବିସ୍ତୃତ ଏସଟିଆରରେ



**୨୧୪ଟି ଶିକାର ବିରୋଧୀ ଶିବିର, ୧୦୦୦ ସୁରକ୍ଷା କର୍ମୀ ମୁତୟନ**

ନିରନ୍ତର ନଜର ବଜାୟ ରହିବ। ବନ ବିଭାଗ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଚଳାଇଥାଏ। ଏଥରେ ୧୨ଟି ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ କ୍ୟାମ୍ପ ସମେତ ମୋଟ ୨୫ଟି ବିଶେଷ କ୍ୟାମ୍ପ ସ୍ଥାପନ କରାଯାଇଛି। ସମ୍ବେଦନଶୀଳ ଓ ଦୁର୍ଗମ ଅଞ୍ଚଳରେ ଏହି କ୍ୟାମ୍ପଗୁଡ଼ିକ ରଖାଯାଇଛି। କର୍ମଚାରୀମାନେ ଦିନରାତି ପାଟ୍ରୋଲିଂ କରୁଛନ୍ତି। ରାତିରେ ପାଟ୍ରୋଲିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ପାଟ୍ରୋଲିଂ ଟିମ୍‌କୁ ସ୍ୱତନ୍ତ୍ର ଜୋତା, ରେନ୍‌କୋଟ୍, ଟର୍ଚ୍ଚ, ସୁରକ୍ଷିତ ପାଣି, ଜରୁରୀ ଔଷଧ ଓ ଚାରିଚକିଆ ଗାଡ଼ି ପ୍ରଦାନ କରାଯାଇଛି। ପ୍ରତିଦିନ ଅନ୍ତତଃ ୧୦୦ଟି ନିର୍ଦ୍ଦିଷ୍ଟ ସ୍ଥାନ ପରିଦର୍ଶନ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ବର୍ଷଗୁଡ଼ିକରେ ମୌସୁମୀ ସମୟରେ ରାସ୍ତା ଖରାପ, ଗାଡ଼ି ଅଭାବ ଓ ସୁଯୋଗ ସୁବିଧା ଅଭାବ ଯୋଗୁଁ ଶିକାରୀଙ୍କୁ ଶିକାର କରିବାର ସୁଯୋଗ ମିଳୁଥିଲା। କିନ୍ତୁ ଏଥର ମାନବ ସମ୍ବଳ, ରାସ୍ତା ସଂଯୋଗ, ଯାନବାହନ, ଯୋଗାଯୋଗ ସୁବିଧା ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ଜରିଆରେ ପରିଚାଳନା ବ୍ୟବସ୍ଥାକୁ ବହୁତ ମଜବୁତ୍ କରାଯାଇଛି। ବନ ବିଭାଗ ଏହି ବ୍ୟବସ୍ଥା ମାଧ୍ୟମରେ ମୌସୁମୀ ଋତୁ ସମୟରେ ବନ୍ୟପ୍ରାଣୀ ଜୀବନ ସୁରକ୍ଷାକୁ ଆହୁରି ମଜବୁତ୍ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଡ ଗୋଗିନାନୀ ସୂଚନା ଦେଇଛନ୍ତି।

## ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ମହିଳା ଆରଆଇ

ଡେରାବିଶ,୨୪।୭(ସମିସ): ଡେରାବିଶ ତହସିଲ ଅଧୀନ କାଉପଡ଼ା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷିକା ସାଇ ପ୍ରିୟଦର୍ଶିନୀ ଲେଙ୍କା ଆଜି ଜଣେ ବ୍ୟକ୍ତିଙ୍କ ମ୍ୟୁଟେସନ୍ କରି ତାଙ୍କ ନାମରେ ପଟ୍ଟା ପ୍ରଦାନ କରିବା ନିମନ୍ତେ ୫ ହଜାର ୫୦୦ ଟଙ୍କା ଲାଞ୍ଚ ନେବା ସମୟରେ କଟକ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି।



ସୂଚନା ମୁତାବକ, କାଉପଡ଼ା ପଞ୍ଚାୟତ ବାଘିଲୋ ବାବନପୁର ଗ୍ରାମର ସୁଶାନ୍ତ ମଲିକ ନାମକ ଜଣେ ବ୍ୟକ୍ତିଙ୍କ ଜମିଜମାର ମ୍ୟୁଟେସନ୍ କରିବା ପାଇଁ ଆରଆଇ ଶ୍ରୀମତୀ ଲେଙ୍କା ୬୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ଏତେ ଟଙ୍କା ଦେବାକୁ ସୁଶାନ୍ତ ଅକ୍ଷମ ହେବାରୁ ଶ୍ରୀମତୀ ଲେଙ୍କା ୫୫୦୦ ଟଙ୍କା ଦେବାକୁ ଜିଦ୍ ଧରିଥିଲେ। ଏଥିରେ ହତୋତ୍ସାହ ହୋଇ ସୁଶାନ୍ତ ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ତେବେ ଆଜି ପୂର୍ବାହ୍ନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସୁଶାନ୍ତଙ୍କଠାରୁ ରାଜସ୍ୱ ନିରୀକ୍ଷିକା ଶ୍ରୀମତୀ ଲେଙ୍କା ୫୫୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ପକ୍ଷରୁ ଏକ ସମୟରେ କାଉପଡ଼ା ରାଜସ୍ୱ ସର୍କଲ କାର୍ଯ୍ୟାଳୟ ସମେତ ଶ୍ରୀମତୀ ଲେଙ୍କାଙ୍କ ଦୁହୁରିଆସ୍ଥ ବାସଭବନ ଓ ଡେରାବିଶ ତହସିଲ କାର୍ଯ୍ୟାଳୟରେ ଚଢ଼ଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନିଜ ହେପାଜତକୁ ନେଇଥିଲେ। ଏହି ଚଢ଼ଉରେ କଟକ ଭିଜିଲାନ୍ସ ବିଭାଗ ଅଧିକାରୀ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ୨୭/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି।






**ସାହିତ୍ୟ ଏକାଡେମୀର ୬୯ତମ ପ୍ରତିଷ୍ଠା ଦିବସ ଆଜି**

## ଗଠନ ହୋଇପାରିଲାନି ଏକାଡେମୀର ସାଧାରଣ ପରିଷଦ

ଭୁବନେଶ୍ୱର,୨୪।୭(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୁରସ୍କାରକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାକାରଙ୍କୁ ଉତ୍ସାହିତ କରିବାକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ପୁରସ୍କାର ଏବେ ଅଟକି ରହିଛି। ବିଜେପି ସରକାର ନିକଟରେ ୨ବର୍ଷ ପୂର୍ତ୍ତି ପାଳନ କରିଛନ୍ତି। ହେଲେ ଅସ୍ମିତା ମଙ୍ଗ ଧରିଥିବା ସଂସ୍କୃତି ବିଭାଗ ପୁରସ୍କାର ଏବେ ବାଟବଣା । ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ୪ ବର୍ଷ ହେଲା ଭଙ୍ଗ ହୋଇଥିଲେ ହେଁ ଆଜିଯାଏ ଏହାର ପୁନର୍ଗଠନ ହୋଇପାରି ନାହିଁ।ଏକାଡେମୀ ଆସନ୍ତା କାଲି ତାର ୬୯ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଏକାଡେମୀର ପରିଷଦର ପୁନର୍ଗଠନ ହୋଇନଥିବା ନେଇ ସାହିତ୍ୟିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପୂର୍ବ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ଗଠନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇ ମଧ୍ୟ ଆଗେଇ ପାରିନାହିଁ। ସେହିପରି ବିଭାଗରେ ଅନେକ ପଦପଦବୀ ଖାଲି ପଡ଼ିଛ ଓ ବହୁ ଅଧିକାରୀ ଯୁଗ୍ମ ଦାୟିତ୍ୱରେ ରହିଛନ୍ତି। ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ କହୁଥିବା ବେଳେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ଖାଲିପଡ଼ିଥିବା ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡ଼ିକ କେବେ ପୂରଣ ହେବ ତାହାର ଉତ୍ତର ବିଭାଗୀୟ ଅଧିକାରୀଙ୍କ ନିକଟରେ ନାହିଁ। ଖୁବ୍ ଶୀଘ୍ର ସାଧାରଣ ପରିଷଦ ଗଠନ ଓ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ ବୋଲି ୨ବର୍ଷ ପୂର୍ବେ ବିଭାଗୀୟ ମନ୍ତ୍ରୀ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀର ବାର୍ଷିକ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ସାଧାରଣ ପରିଷଦର ସଦସ୍ୟମାନେ ନାମ ସୁପାରିସ କରିଥା'ନ୍ତି। ଏହାପରେ ଆସିଥିବା ପ୍ରସ୍ତାବ ଉପରେ କାର୍ଯ୍ୟକାରୀ ସମିତିରେ ଆଲୋଚନା କରାଯାଇ ଶେଷରେ ସାଧାରଣ ପରିଷଦ ବୈଠକ ଡକାଯାଇ ସାରସ୍ୱତ ସମ୍ବର୍ଦ୍ଧନା ଏବଂ ବାର୍ଷିକ ପୁରସ୍କାର ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ। ମାତ୍ର ସାଧାରଣ ପରିଷଦ ନଥିବାରୁ ଏକାଡେମୀ ପୁରସ୍କାର ମ୍ୟ ପ୍ରଦାନ କରାଯାଇ ପାରୁନାହିଁ। ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୭ରୁ ପୁରସ୍କାର ଦିଆଯାଇନଥିବା ସହ ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡିଶା ଉର୍ଦ୍ଦୁ ଏକାଡେମୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ନାହିଁ। ଏନେଇ ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା କହିଛନ୍ତି, ବିଗତ ୮ବର୍ଷ ହେବ ପୁରସ୍କାର ପ୍ରଦାନ କରାଯାଇନାହିଁ। ଏକାଡେମୀର ବୋର୍ଡ ଗଠନ କରାଯିବା ପରେ ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ସକାଳ
THE SAKALA



# ଲକ୍ଷାଧିକ ଭକ୍ତଙ୍କ ଗହଣରେ ବାହୁଡ଼ିଲେ ଶ୍ରୀଜୀଉ







**କେନ୍ଦୁଝର, ୨୪।୭(ସମିସ):** କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ବାହୁଡାଯାତ୍ରା ଶୁକ୍ରବାର ପାରମ୍ପରିକ ରୀତିନୀତିରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ସକାଳ ୪ଟାରୁ ଶ୍ରୀଜୀଉମାନଙ୍କର ଅବକାଶ, ୫ଟାରେ ଲୁଗାଲାଗି, ୯ଟାରେ ଧୂପ, ୧୦ଟାରେ ପୁଷ୍ପାଞ୍ଜଳି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ଚକାଭିଡା କରାଯାଇ ଅପରାହ୍ନ ୨ଟାରେ ଶ୍ରୀଜୀଉମାନଙ୍କ ପହଣ୍ଡି କାର୍ଯ୍ୟ କରାଯାଇ ୨.୪୫ ମିନିଟରେ ପହଣ୍ଡି ଶେଷ ହୋଇଥିଲା। କେନ୍ଦୁଝର ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ଶ୍ରୀଜୀଉଙ୍କୁ ପୁଷ୍ପାଞ୍ଜଳି ଦେବା ପରେ ଘଣ୍ଟଘଣ୍ଟା, ଖୋଳକୀର୍ତ୍ତନ ଓ ଭକ୍ତଙ୍କର ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଧାଡି ପହଣ୍ଡି ଯୋଗେ ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ବଳଦେବଜୀଉ, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କୁ ରଥ ଚାରିପଟେ ପ୍ରଦକ୍ଷିଣ କରିବା ପରେ ରଥାରୂଢ଼ କରାଯାଇଥିଲା। ରଥ ଉପରେ ଚକାଭିଡା କାର୍ଯ୍ୟକ୍ରମ ଶେଷ ହେବାପରେ ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ଶେଷ ହୋଇଥିଲା। ଅପରାହ୍ନ ୪.୩୦ରେ ରଥଟଣା ଆରମ୍ଭ ହୋଇ ଶ୍ରୀ ରଘୁନାଥଜୀଉ ମନ୍ଦିର ସହ ଗଳଗଣ୍ଡି ନିକଟରେ ପାରମ୍ପରିକ ଭୋଗନୀତି ପାଇଁ ଅଟକି ରହିଥିଲା। ସେହିପରି ବଡଦାଣ୍ଡ ମଧ୍ୟସ୍ଥଳରେ ଶ୍ରୀଜୀଉମାନଙ୍କୁ ପୋଡପିଠା ଲାଗି କରାଯିବା ପରେ ରଥଟଣା ପୁନଶ୍ଚ ଆରମ୍ଭ ହୋଇ ଶ୍ରୀମନ୍ଦିର ନିକଟକୁ ଯାଇଥିଲା। ବାହୁଡାଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବଡଦେଉଳକୁ ରାସ୍ତା ଗଡାଣିଆ ଥିବାରୁ ରଥକୁ ଶୃଙ୍ଖଳିତ ଭାବରେ ଟାଣିବା ପାଇଁ ପୁଲିସ, ସ୍ୱେଚ୍ଛାସେବୀ, ସେବାୟତ ଓ ରଥ ମହାରଣାମାନଙ୍କୁ ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡିଥିଲା। ସନ୍ଧ୍ୟା ୬ଟା ୩୦ ମିନିଟରେ ବଳଦେବଜୀଉଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ଏହାପରେ ମା' ଲକ୍ଷ୍ମୀ ରଥପରିକ୍ରମା ପରେ ଅଧରପଣା ନୀତି ସମ୍ପାଦନ ହୋଇଥିଲା। ଜିଲ୍ଲା ଓ ଜିଲ୍ଲା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଘୁଙ୍ଗୁରୁ କ୍ଲବଠାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ରାଏଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଧାରା ବିବରଣୀ କାର୍ଯ୍ୟକ୍ରମକୁ ସାମ୍ବାଦିକ ସତ୍ୟଜିତ ମିଶ୍ର ସଂଯୋଜନା କରିଥିଲେ। ଦେବାଶିଷ ଚକ୍ରବର୍ତ୍ତି, ସୁଧାକର ଦାଶ, ଡ଼ ଶୁଭସ୍ମିତା ଦାଶ, ଅକ୍ଷୟ ଚକ୍ର, କଲ୍ୟାଣୀ ତ୍ରିପାଠୀ, ମଧୁସୂଦନ ମିଶ୍ର, ବେଣୁଧର ସାହୁ, ଇନ୍ଦୁମତୀ ପାତ୍ର, ଇଲେଭେନ୍ ବୁଲେଟ୍ କ୍ଲବ ପକ୍ଷରୁ ଭକ୍ତମାନଙ୍କୁ ମାଗଣା ପ୍ରସାଦ ବିତରଣ କରାଯାଇଥିବାବେଳେ ବଡଦାଣ୍ଡରେ ୟଙ୍ଗ ଜିନିୟସ କ୍ଲବ ପକ୍ଷରୁ କ୍ଷୀରି କାକରା ପ୍ରସାଦ ବଣ୍ଟନ କରାଯାଇଥିଲା। ରଥ ବେଞ୍ଚ, ଶ୍ରୀ ଗୋପାଳଜୀଉ ମଠ ଓ ଅନ୍ୟ ସମାଜସେବା ଅନୁଷ୍ଠାନ ଦ୍ୱାରା ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମା ଗଙ୍ଗାଧର ମିଶ୍ର, ବଡପଣ୍ଡା ରାଜକିଶୋର ପଣ୍ଡା, ବରିଷ୍ଠ ପୂଜାପଣ୍ଡା ସୁବ୍ରତ କୁମାର ତ୍ରିପାଠୀ, ସୁଜିତ କୁମାର ଦାଶ, ଜଗନ୍ନାଥ ପତି, ଈଶ୍ୱର ତ୍ରିପାଠୀ, ପଦ୍ମନାଭ ନନ୍ଦ, ସିଦ୍ଧେଶ୍ୱର ମିଶ୍ର, ରଥମହାରଣା ନୀଳମଣି ମହାରଣା, ମନ୍ଦିର ପ୍ରଶାସନ ପକ୍ଷରୁ ଭୁବନେଶ୍ୱର ମହାପାତ୍ର, ଜନ୍ମେଜୟ ଶତପଥୀ, ସୁପରଭାଇଜର ପଞ୍ଚାନନ ସାହୁ, ମହାରଣା ସେବକ ନିରଞ୍ଜନ ବେହେରାଙ୍କ ସମେତ ପୂଜାପଣ୍ଡା, ସୁଆର, ଖୁଣ୍ଟିଆ ସେବକମାନେ ସେବା ଯୋଗାଇଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ପହଣ୍ଡିଆ ସେବକମାନଙ୍କ ଦ୍ୱାରା ପହଣ୍ଡି କାର୍ଯ୍ୟ ସମାପନ ହୋଇଥିଲା। ରଥଟଣାକୁ ସୂଚାରୁରୂପେ ସମ୍ପାଦନ ପାଇଁ ଏସପି ନିତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଏସପି ଜ୍ୟୋତିର୍ମୟ ଭୁକ୍ତା, ଉପଜିଲ୍ଲାପାଳ ତଥା ଦେବୋତ୍ତରର ନିର୍ବାହୀ ଅଧିକାରୀ ଉମାଶଙ୍କର ଦଳାଇ, ସଦର ଏସଡିପିଓ ସୁଦର୍ଶନ ଗଙ୍ଗୋଇ, ବାଂଶପାଳ ତହସିଲଦାର ବିକାଶ କୁମାର ସାହୁ, ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ସଦର ତହସିଲଦାର ଶୁଭେନ୍ଦୁ ସାହୁଙ୍କ ସମେତ ବରିଷ୍ଠ ପୁଲିସ ଓ ମାଜିଷ୍ଟ୍ରେଟ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଆଧ୍ୟାତ୍ମିକ ଅନୁଷ୍ଠାନ ଜ୍ଞାନମଣ୍ଡଳର ମୁଖପତ୍ର ତାଳଧ୍ୱଜକୁ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଉନ୍ମୋଚନ କରିଥିଲେ। ଦେବାଶିଷ ମିଶ୍ର ରଥଟଣା ପରିଚାଳନା କରିଥିଲେ। ରଥ ପହଞ୍ଚିବା ପରେ ମା' ଲକ୍ଷ୍ମୀ ରଥ ପରିକ୍ରମା କରି ଆଳତି କରିଥିଲେ। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାୟକ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ରଥଟଣା ସମୟରେ ଉପସ୍ଥିତ ଥିଲେ।





## ଶନିବାର ପବିତ୍ର ସୁନାବେଶ

ଶନିବାର ସୁନାବେଶକୁ ଶୃଙ୍ଖଳିତ କରିବା ପାଇଁ ରଥକୁ ବ୍ୟାରିକେଡ ଓ ୱାଚଟାୱାର ନିର୍ମାଣ କରାଯାଇଛି ଏବଂ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କର ପବିତ୍ର ସୁନାବେଶ ଅନୁଷ୍ଠିତ ହେବ। ବାହୁଡାଯାତ୍ରା ପାଇଁ ପୁଲିସ ତରଫରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଥିବାବେଳେ ୨୨ ପ୍ଲାଟୁନ ପୁଲିସ ଫୋର୍ସ, ୩ଜଣ ଅତିରିକ୍ତ ଏସପି, ୪ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର, ୪୫ ଜଣ ସବଇନ୍ସପେକ୍ଟର ଏଏସଆଇ ସମେତ ସାଦା ପୋଷାକଧାରୀ ପୁଲିସ ମୁତୟନ ହୋଇଥିଲେ। ସୁନାବେଶ ଶେଷ ପର୍ଯ୍ୟନ୍ତ ଏଥିସହିତ ସମ୍ପୂର୍ଣ୍ଣ ବଡଦାଣ୍ଡ ସହ ଆଟୋପର ଅଞ୍ଚଳକୁ ସିସିଟିଭି କଭରେଜରେ ରଖାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ମଧ୍ୟ ବ୍ୟବସ୍ଥା ହୋଇଛି। ଏଥିସହ ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ୱାଚ୍ ଟାୱାରରେ ପୁଲିସ ଫୋର୍ସ ମୁତୟନ କରାଯାଇଛି।


## ଜ୍ଞାନମଣ୍ଡଳ ପକ୍ଷରୁ 'ତାଳଧ୍ୱଜ' ଉନ୍ମୋଚିତ



**କେନ୍ଦୁଝର:** କେନ୍ଦୁଝର ବାହୁଡା ଯାତ୍ରା ଅବସରରେ ରଥ ସମ୍ମୁଖରେ ଆଧ୍ୟାତ୍ମିକ ପତ୍ରିକା ତାଳଧ୍ୱଜ ଉନ୍ମୋଚିତ ହୋଇଛି। ଜ୍ଞାନମଣ୍ଡଳ ପକ୍ଷରୁ ଏହି ପତ୍ରିକାଟି ପ୍ରତ୍ୟେକ ବର୍ଷ ପ୍ରକାଶିତ ହୋଇଥାଏ। ଗୁଣ୍ଡିଚା ମନ୍ଦିର ନିକଟରେ ଶ୍ରୀଜୀଉମାନେ ରଥରୂଢ଼ ହେବା ପରେ ଏବର୍ଷ ଏହି ଅଧ୍ୟାତ୍ମିକ ପତ୍ରିକା ଉନ୍ମୋଚନ ହୋଇଥିଲା। କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ସଦର ତହସିଦାର, ବାଂଶପାଳ ତହସିଲଦାର, ପତ୍ରିକାର ସମ୍ପାଦକ ଦେବଦର୍ଶନ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ବାହୁଡ଼ା ଯାତ୍ରା ସମ୍ପନ୍ନ: ବଡ଼ଦାଣ୍ଡ ଜନସମୁଦ୍ର

### ■ ଆନନ୍ଦପୁର



**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଦଧିବାମନଜୀଉଙ୍କର ଏହି ଯାତ୍ରା ଆକର୍ଷଣୀୟ ହେବା ସାଙ୍ଗକୁ ସାଜସଜ୍ଜାରେ ବଡ଼ଦାଣ୍ଡ ଉତ୍ସବ ମୁଖର ହୋଇଉଠିଥିଲା। ଏଠାରେ କେନ୍ଦୁଝର ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଦେଓଙ୍କ ଅମଳରୁ ଅନୁଷ୍ଠିତ ରଥଯାତ୍ରାରେ ଆଖପାଖ ଗ୍ରାମାଞ୍ଚଳରୁ ସହସ୍ର ସଂଖ୍ୟାର ଭକ୍ତ ଉକ୍ତ ଯାତ୍ରାରେ ରୁଣ୍ଡିଭୂତ ହୋଇଛନ୍ତି। ଗୋଟି ପହଣ୍ଡିରେ ତିନି ଠାକୁର ରଥାରୂଢ଼ ହୋଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆଜି ପ୍ରତ୍ୟୁଷରେ ଶୁଭ କଳସ ସ୍ଥାପନଠାରୁ ଆରମ୍ଭ କରି ମଙ୍ଗଳା ଅର୍ପଣ, ପହଣ୍ଡି ବିଜେ, ଛେରାପହଁରା ରୀତିନୀତିରେ ହୋଇଥିଲା। ଅପରାହ୍ନ ୫.୧୫ମିନିଟରେ ଭକ୍ତଙ୍କ ଦ୍ୱାରା ରଥ ଟଣା ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟରେ ମନ୍ଦିର ନିକଟରେ ପହଞ୍ଚିଥିଲା। ଏହି ସମୟରେ ଡାହୁକ ଡାକ, ଶଙ୍ଖ ହୁଳହୁଳି ଓ ନୃତ୍ୟ ବାଦ୍ୟରେ ବଡ଼ଦାଣ୍ଡ ଉଚ୍ଛୁଳି ଉଠିଥିଲା। ଆନନ୍ଦପୁର ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଧାରା ବିବରଣୀ ବ୍ୟବସ୍ଥା କରାଯାଇଥିବାବେଳେ ପୁଲିସ ପକ୍ଷରୁ ଯାନବାହନ ନିୟନ୍ତ୍ରଣ କରାଯାଇଥିଲା। ୨୫ ତାରିଖରେ ସୁନାବେଶ ଓ ୨୬ ତାରିଖ ରାତିରେ ନିଳାଦ୍ରୀ ବିଜେ ଅନୁଷ୍ଠିତ ହେବ ବୋଲି ରାଜଜ୍ୟୋତିଷ ଶ୍ୟାମରଞ୍ଜନ ନାୟକ ପ୍ରକାଶ କରିଛନ୍ତି। ମିନାବଜାର, ବିଭିନ୍ନ ମନୋହରୀ ଦୋକାନ ଓ ଚାରା ବିକ୍ରୟ କେନ୍ଦ୍ର ଲାଗିରହିଥିଲା। ଉପଜିଲ୍ଲାପାଳ ନୀଳମାଧବ ସୁନା ଓ ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ରଙ୍କ ସମେତ ପରିଚାଳନା କମିଟିର ବହୁ ସଦସ୍ୟଙ୍କ ସହଯୋଗରେ ଉକ୍ତ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ଶାଳପଡା ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି।

### ■ ବଞ୍ଚୋ

**ହାଟଡ଼ିହୀ:** ସରିଲା ମାଉସୀ ଘରେ ପୋଡ଼ପିଠା ସହ ସୁବାସିତ ବ୍ୟଞ୍ଜନ ଖାଇବା। ନଅଦିନରେ ମାଉସୀ ଘରୁ ଶ୍ରୀମନ୍ଦିର ଅଭିମୁଖେ ବାହାରିଲେ ଚତୁର୍ଦ୍ଧାମୁରତୀ। ଆଜି ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ଜନସମୁଦ୍ର ପାଲଟିଲା ପବିତ୍ର ବଞ୍ଚୋ ମାଟି। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ହାଟଡ଼ିହୀର ବିଭିନ୍ନ ଅଞ୍ଚଳରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ବଞ୍ଚୋ ଗ୍ରାମରେ ଆରାଧ୍ୟ ଠାକୁର ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅତ୍ୟନ୍ତ ଭକ୍ତିମୟ ପରିବେଶ ଓ ଶାନ୍ତିଶୃଙ୍ଖଳାର ସହ ସଫଳତା ମଧ୍ୟରେ ସମ୍ପନ୍ନ ହୋଇଛି। ଅପରାହ୍ନ ୪ଟା ୪୫ମିନଟରେ ରଥଟଣା ଆରମ୍ଭ ହୋଇଥିଲା। ଆନନ୍ଦପୁର ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ସହଯୋଗରେ ସମଗ୍ର ରଥଯାତ୍ରା ସୁଚାରୁରୂପେ ପରିଚାଳିତ ହୋଇଥିଲା। ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଗୁରୁ ଦାୟିତ୍ୱ ତୁଲାଇଥିଲା ବେଳେ ଏହି ବାହୁଡ଼ା ଯାତ୍ରାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ ପ୍ରମୁଖ ଠାକୁରଙ୍କ ସାନିଧ୍ୟ ଲାଭ କରିଥିଲେ। ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡାଙ୍କ ନେତୃତ୍ୱରେ ଉପଖଣ୍ଡର ନନ୍ଦିପଦା ଥାନା ଇନ୍ସପେକ୍ଟର ବଳିଆ ବାରିକ ଏବଂ ନନ୍ଦିପଦା ଥାନା ଷ୍ଟାଫଙ୍କ ସହ ଆନନ୍ଦପୁର ପୁଲିସ ଅଧିକାରୀଙ୍କ ସହ ବ୍ୟାପକ ପୁଲିସ ବଳ ମୁତୟନ କରାଯାଇଥିଲା। ସ୍ୱେଚ୍ଛାସେବୀ ଓ କମିଟି ସଦସ୍ୟମାନେ ମଧ୍ୟ



ରଥଟଣା ସମୟରେ ଶୃଙ୍ଖଳା ରକ୍ଷାରେ ସକ୍ରିୟ ଭୂମିକା ନିଭାଇଥିଲେ। ରଥଯାତ୍ରା ଅବସରରେ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ପାନୀୟଜଳ, ପ୍ରସାଦ ଓ ଅନ୍ୟାନ୍ୟ ସେବା କାର୍ଯ୍ୟର ଆୟୋଜନ କରାଯାଇଥିଲା। ବରିଷ୍ଠ ଶିକ୍ଷାବିତ୍ ସୁଧାଂଶୁ ରାଉତ, ମାର୍କଣ୍ଡ ଚରଣ ଓଝା, ଜ୍ଞାନରଞ୍ଜନ ସାମନ୍ତସିଂହାର, ସନାତନ ଓଝା, ପ୍ରଶାନ୍ତ ରାଉତ, ପ୍ରତ୍ୟୁଷ ବିଶ୍ୱାଳ, ମୁକେଶ ରାଉତ, ପ୍ରିୟବ୍ରତ ନାୟକ, ସୁଧାକର ଓଝା ଓ ଅର୍ଜୁନ ମହାନ୍ତି ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନଠାରୁ ରାତି ପର୍ଯ୍ୟନ୍ତ ବଞ୍ଚୋର ବଡ଼ଦାଣ୍ଡ ଭକ୍ତଙ୍କ ଭିଡ଼ରେ ଚଳଚଞ୍ଚଳ ରହିଥିଲା। ସେହିପରି ହାଟଡ଼ିହୀ, ବଉଳା, ହଦଗଡ଼, ଢେଙ୍କା, ଆବୁଲପୁରା, ହାବଲେଶ୍ୱର, ଓରାଳି ଆଦି ସ୍ଥାନରେ ମଧ୍ୟ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

### ■ ବାତୋ ବକୁଳି ମଠ



ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ପ୍ରତିଷ୍ଠିତ ବକୁଳି ମଠର ଚତୁର୍ଦ୍ଧା ମୂରତିଙ୍କର ପବିତ୍ର ବାହୁଡ଼ା ଯାତ୍ରା ପାରମ୍ପରିକ ନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ପଦ୍ମନାଭ ଦାସ, ଗୋପାଳ ମିଶ୍ର, ଦିଲୀପ ପଣ୍ଡା, ବୁଲୁ ପଣ୍ଡା ଠାକୁରଙ୍କ ନୀତି ସରିବା ପରେ ବାବାଜୀ ମନମୋହନ ଦାସ ମହାରାଜ ଛେରାପହଁରା କରିଥିଲେ। ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଘଣ୍ଟ,ଘଣ୍ଟା, ନାମ ସଂକୀର୍ତ୍ତନରେ ବାତୋ ଅଞ୍ଚଳ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରାମଚନ୍ଦ୍ରପୁର ଆଇଆଇସି ମନୋଜ ସ୍ୱାଇଁ,ସାଇଁକୁଲ ଫାଣ୍ଡିର ବନ୍ଦନା ବେହେରାଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। କୃଷ୍ଣ ପରିଡା, ଚିନ୍ତାମଣି ନାୟକ, ବଲ୍ଲଭ ଚରଣ ସାହୁ, ଚନ୍ଦ୍ରମଣି ମାଝି, ବାମନ ଚରଣ ମାଝି, ସନାତନ ବେହେରା, ମୁରଲୀଧର ପରିଡା, କରୁଣାକର ମାଝି, ଗୌରାଙ୍ଗ ଓଝା, ଶ୍ରୀଧର ପେରେଇ, ରଞ୍ଜନ ଦେହୁରୀ, ଶରତଚନ୍ଦ୍ର ଦେହୁରୀ, ନାରାୟଣ ନାଥ, ପିଣ୍ଟୁ ପଣ୍ଡା, ବାବା ବକୁଳି ଗୋସ୍ୱାମୀ କୀର୍ତ୍ତନମଣ୍ଡଳୀ ତଥା ସୁବ୍ରତ ନାୟକ ଓ ପ୍ରଭାକର ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜନଗରରେ ବାହୁଡ଼ିଲେ ମହାପ୍ରଭୁ

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଦଧିବାମନଜୀଉଙ୍କ ବାହୁଡା ଯାତ୍ରା ଶୁକ୍ରବାର ପରମ୍ପରା ଅନୁଯାୟୀ ଶେଷ ହୋଇଥିବା ବେଳେ ରଥ ଗଳଗଣ୍ଡି ନିକଟରେ ଅଟିକିଛି।



ଆସନ୍ତାକାଲି ପୁଣି ରଥ ମହିଳାଙ୍କ ଦ୍ୱାରା ଅପରାହ୍ନ ୪ଟାରେ ଟଣାଯିବା ପରେ ଠାକୁରଙ୍କ ସୁନାବେଶ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଅପରାହ୍ନ ୪ଟାରେ ମାଉସୀ ମା' ମନ୍ଦିରରୁ ୩ ଠାକୁରଙ୍କୁ ପହଣ୍ଡି କରାଯିବା ପରେ ରଥାରୂଢ଼ କରାଯାଇ ଅପରାହ୍ନ ୫ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ମାଜିଷ୍ଟ୍ରେଟ ଭାବରେ ପାଟଣା ତହସିଲଦାର ଅଶ୍ୱିନୀ ନାଏକ ରଥ ଉପରୁ ସବୁଜ ପତାକା ଦେଖାଇ ରଥଟାଣିବା ପାଇଁ ସଙ୍କେତ ଦେବା ପରେ ହଜାର ହଜାର ଭକ୍ତ ପ୍ରଭୁ ଦଧିବାମନଜୀଉଙ୍କ ନନ୍ଦିଘୋଷ ରଥକୁ ଟାଣି ନେଇଥିଲେ। ପରିଛା ଦୁର୍ଯ୍ୟୋଧନ ମିଶ୍ରଙ୍କ ଉପସ୍ଥିତିରେ ବ୍ରହ୍ମା ପ୍ରଦୀପ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ କୋଠ ତହସିଲଦାର କଣ୍ଟିଆପଡ଼ା ଆରଆଇ ଶିବପ୍ରସାଦ ମହାନ୍ତଙ୍କ ଉପସ୍ଥିତିରେ



ରଥ ଟଣା ହୋଇଥିଲା। ରଥଯାତ୍ରାର ଧାରା ବିବରଣୀକୁ ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ର, ସଚିଦାନନ୍ଦ ମହାକୁଡ଼ ପ୍ରଦାନ କରିଥିବା ବେଳେ ୫୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ତୁରୁମୁଙ୍ଗା ଅତିରିକ୍ତ ଥାନାଧିକାରୀ ସବିତା ନାଏକ ଏସ୍‌ଆଇ ସୁରେଶ ସାହୁ ଙ୍କ ସହ ବ୍ୟାପକ ପୁଲିସ ଫୋର୍ସ ନିୟୋଜିତ

# ମଲ୍ଲିପଶି ବାହୁଡ଼ା ଯାତ୍ରା

ପାଟଣା ବ୍ଲକ ମଲ୍ଲିପଶିରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଶୁକ୍ରବାର ଅପରାହ୍ନରେ ମଲ୍ଲିପଶି ରଥଯାତ୍ରା ପାଇଁ ପାର୍ଥସାରଥୀ ବେଜ ତତ୍ତ୍ୱାବଧାନରେ ରାଜା ରବିନାରାୟଣ ସିଂ ଛେରା ପହଁରା କରିଥିଲେ। ପଣ୍ଡିତ କୁଳମଣି ଷଡ଼ଙ୍ଗୀ ଓ ସହଯୋଗୀ ପୂଜକଙ୍କ ସହଯୋଗରେ ନୀତିକାନ୍ତି ପୂଜାର୍ଚ୍ଚନା କରାଯାଇଥିଲା। ମଲ୍ଲିପଶି ବାହୁଡା ଯାତ୍ରାରେ ୩୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସୁଭଦ୍ରା ରଥକୁ କେବଳ ମହିଳାମାନେ ଟାଣିଥିବା ବେଳେ ଆଇନଶୃଙ୍ଖଳା ପାଇଁ ପାଟଣା ପୁଲିସ ଓ ପାଟଣା କଲେଜ ଏନ୍‌ସିସି ଛାତ୍ରଛାତ୍ରୀ ମୁତୟନ ହୋଇଥିଲେ।



# ମହାପ୍ରଭୁଙ୍କ ଗହଣରେ ଗ୍ରାମାଞ୍ଚଳ ଉତ୍ସବମୁଖର

**ତେଲକୋଇ:** ତେଲକୋଇ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ମହାପ୍ରଭୁଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜନ୍ମବେଦୀରୁ ଲୀଳା ଖେଳା ସାରି ରତ୍ନବେଦୀକୁ ବାହୁଡ଼ିଛନ୍ତି। ଏହି ଅବସରରେ ତେଲକୋଇ ବ୍ଲକ ମୁଖ୍ୟାଳୟସ୍ଥିତ ମାଉସି ମା' ମନ୍ଦିରରୁ ମହାପ୍ରଭୁ ଭାଇ ଭଉଣୀଙ୍କୁ ଧରି ରତ୍ନବେଦୀକୁ ବାହୁଡ଼ିଛନ୍ତି। ଯଥା ରୀତିନୀତିରେ ପୂଜାର୍ଚ୍ଚନା ହେବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରାଯିବା ପରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ରଥ ଟାଣିବା ସହିତ ମହାପ୍ରଭୁଙ୍କ ଦିବ୍ୟଦର୍ଶନ କରି କୃପା ଲାଭ କରିଥିଲେ। ବ୍ଲକ ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସସ୍ଥିତ ଦୋକାନୀ ସଂଘ ତଥା ଜଗନ୍ନାଥପ୍ରେମୀ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ଏହା ସହିତ ମନ୍ଦିର କମିଟି ପକ୍ଷରୁ ମହାପ୍ରଭୁଙ୍କ ଦର୍ଶନ ଓ ରଥ ଟାଣିବା ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା।



ସେହିପରି ତେଲକୋଇ ବ୍ଲକର ଆକୁଳ, ପୋଡାଙ୍ଗ, ତାଳପଦା, ବୀରବରପୁର ନୂଆଗାଁ ଝାଟିକିପଶି ଓ କରଦାଙ୍ଗି ଗ୍ରାମରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଜନ୍ମବେଦୀରେ ଲୀଳାଖେଳା ସାରି ବାହୁଡ଼ିଲେ ମହାପ୍ରଭୁ


ନୀଳଗିରି


ଫକୀରମୋହନ ବିଶ୍ୱବିଦ୍ୟାଳୟ


ରାଜଘାଟ


ବାଲେଶ୍ୱର


ଇମାମି ନଗର


ମାନ୍ଧାତା ଭକ୍ତିକ୍ଷେତ୍ର


ସିମୁଳିଆ


ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର


ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର


ଚନ୍ଦନେଶ୍ୱର



**ନୀଳଗିରି, ୨୪।୭ (ସମିସ):** ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀରେ ଲୀଳାଖେଳା ସାରିବା ପରେ ରତ୍ନବେଦୀକୁ ବାହୁଡା ଉଦ୍ଦେଶ୍ୟରେ ଯଥାରୀତି ନୀତିକ୍ରାନ୍ତି ଅନୁସାରେ ଶୁକ୍ରବାର ଅପରାହ୍ନରେ ଧାଡି ପହଣ୍ଡିରେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଏହାପରେ ଦେବୀ ସୁଭଦ୍ରା ଓ ଶେଷରେ ପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ହୋଇ ରଥାରୂଢ ହୋଇଥିଲେ। ନୀଳଗିରିର ଆଦିସେବକ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା କରିଥିବା ବେଳେ ପଣ୍ଡା ପଡ଼ିଆରୀ ରଥାରୂଢ଼ କରାଇ ଥିଲେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ। ପହଣ୍ଡି ସମୟରେ ନାମ ସଂକୀର୍ତ୍ତନ, ଶଙ୍ଖ, ମହୁରୀ, ଘଣ୍ଟବାଦ୍ୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପ୍ରକମ୍ପିତ ହୋଇଥିବା ବେଳେ ସେଠାରେ ଲୋକାରଣ୍ୟ ହୋଇ ପଡ଼ିଥିଲା। ଏହି ବାହୁଡା ପହଣ୍ଡି ଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଲୋକ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀ ମେଳାରେ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ନିୟୋଜନ କରାଯାଇଥିଲା।

### ଫକୀରମୋହନ ବିଶ୍ୱବିଦ୍ୟାଳୟ

ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ପବିତ୍ର ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ନଅ ଦିନ ଧରି ପରିସରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିରାଜମାନ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପାରମ୍ପରିକ ନୀତିନିୟମ ଅନୁଯାୟୀ ରଥାରୂଢ଼ କରାଯିବା ସହ ବାହୁଡ଼ା ଯାତ୍ରାର ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ତଥା ମୁଖ୍ୟ ସେବକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଗୋଟି ପହଣ୍ଡି ବିଧିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥ ଉପରକୁ ବିଜେ କରାଇଥିଲେ। ପରେ ସେ ପାରମ୍ପରିକ ଛେରାପହଁରା ନୀତି ସମ୍ପାଦନ କରିଥିଲେ। ବାହୁଡ଼ା ଯାତ୍ରାରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟକ ଭକ୍ତ ଉତ୍ସାହର ସହ ଅଂଶଗ୍ରହଣ କରି ରଥ ଟାଣିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆସନ୍ତା ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶ୍ରୀଜୀଉମାନଙ୍କର ସମସ୍ତ ନୀତିନିୟମ ପାରମ୍ପରିକ ରୀତିନୀତି ଅନୁଯାୟୀ ଯଥାବିଧି ପାଳନ କରାଯିବ।

**ରାଜଘାଟ :** ଭକ୍ତିର ପରିବେଶ ଓ ମୋହା ଆଡମ୍ବରରେ ଶୁକ୍ରବାର ବସ୍ତା ବ୍ଲକର ଭେଲୋରା ସମେତ ରାଜଘାଟ, ପାଉଁଶକୁଲି, ଗୁଡିଖାଳ, କରୁଆ, ସିଂଲା, ଦରଡା ଆଦି ସ୍ଥାନରେ ପବିତ୍ର ବାହୁଡ଼ାଯାତ୍ରା ପାଳିତ ହୋଇଛି। ନଅ ଦିନ ଧରି ଗୁଣ୍ଡିଚା ମନ୍ଦିରେ ଅବସ୍ଥାନ କରିବା ପରେ ମହାପ୍ରଭୁ ଜଗନ୍ନାଥ, ଦେବୀ ସୁଭଦ୍ରା ଓ ବଳଭଦ୍ର ଆଜି ପୁଣି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭେଲୋରା ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅପରାହ୍ନରେ ଭକ୍ତଙ୍କ ଭିଡ ଜମିଥିଲା। ମନ୍ଦିର ମୁଖ୍ୟ ପୂଜକ ମୁରଲୀଧର ପତିଙ୍କ ମନ୍ତ୍ର ଉଚ୍ଚାରଣ ପରେ ପରମ୍ପରା ଅନୁଯାୟୀ ମନ୍ଦିର ମୁଖ୍ୟ ସଞ୍ଜିବ କୁମାର ସାହୁଙ୍କ ଛେରା ପହଁରା ପରେ ରଥ ମାଉସୀମା ମନ୍ଦିର ସମ୍ମୁଖରୁ ଟଣା ଯାଇଥିଲା। ଶଙ୍ଖ, ମହୁରୀ, ମୃଦଙ୍ଗ ଓ ହରିନାମ ସଂକୀର୍ତ୍ତନ ତାଳେ ତାଳେ ଶତାଧିକ ଭକ୍ତ ରଥକୁ ଟାଣିଥିଲେ। ମହିଳା ଓ ଯୁବକମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବସ୍ତା ପୋଲିସ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।ରାତି ପ୍ରାୟ ୮ଟା ବେଳକୁ ରଥ ମନ୍ଦିର ନିକଟରେ ପହଞ୍ଚିଥିଲା।

**ବାଲେଶ୍ୱର :** ମାଉସୀ ଘରେ ୯ ଦିନର ଲୀଳାଖେଳା ସାରି ଆଜି ଜଗତର ନାଥ ଶ୍ରୀଜଗନ୍ନାଥ ଭାଇ-ଭଉଣୀଙ୍କ ସହ ଶ୍ରୀମନ୍ଦିର ବାହୁଡ଼ିଛନ୍ତି। ଘୋଷଯାତ୍ରାର ଶେଷପର୍ବ ଭାବେ ଆଜି ବାହୁଡ଼ା ଯାତ୍ରା ଶ୍ରଦ୍ଧା ଓ ଭକ୍ତିର ସହ ସମ୍ପନ୍ନ ହୋଇଛି। ସହର କେନ୍ଦ୍ରସ୍ଥଳ ସିନେମାଛକସ୍ଥିତ ମାଉସୀ ମନ୍ଦିରରୁ ବାଣ୍ଡିଆ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବାହୁଡ଼ା ଯାତ୍ରାରେ ଅପରାହ୍ନରେ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଦେଖିବାକୁ ମିଳିଥିଲା। ସ୍ୱତନ୍ତ୍ର ନୀତିପୂଜା ପରେ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା। ଘଣ୍ଟ ଘଣ୍ଟା, ଶଙ୍ଖ, ହୁଳହୁଳି ଓ ଭଜନ କୀର୍ତ୍ତନର ତାଳେ ତାଳେ ସେବାୟତମାନେ ତିନି ଠାକୁରଙ୍କୁ ପହଣ୍ଡି କରିଥିଲେ।ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ ଛେରା ପହଁରା କରିବା ପରେ ଭକ୍ତମାନେ ଭାବବିଭୋର ହୋଇ ରଥକୁ ମୋତିଗଞ୍ଜ ସ୍ଥିତ ବାଣ୍ଡିଆ ଶ୍ରୀଜଗନ୍ନାଥ ମନ୍ଦିର ଅଭିମୁଖେ ଟାଣିଥିଲେ। ସମଗ୍ର ସିନେମାଛକ "ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ସହର ବହୁ ବିଶିଷ୍ଟ ବ୍ୟକ୍ତି ରଥାରୁଢ଼ ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ସେହିଭଳି ସହର ମଣ୍ଡଳବଜାର ଜଗନ୍ନାଥ ମନ୍ଦିର, ପୁଲିସ ଲାଇନ ମନ୍ଦିର, ଝାଡ଼େଶ୍ୱର ମନ୍ଦିର, ଆଜିମାବାଦ ଓ ବାଲିଆ ଶ୍ରୀଜଗନ୍ନାଥ ମନ୍ଦିରେ ମଧ୍ୟ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ଆଖିପାଖି ଅଞ୍ଚଳରୁ ଆସିଥିବା ବହୁ ଶ୍ରଦ୍ଧାଳୁ ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରି ରଥ ଦଉଡ଼ିକୁ ଧରିଥିଲେ। ସମଗ୍ର ବାଲେଶ୍ୱର ଆଜି ଜଗନ୍ନାଥମୟ ହୋଇ ଉଠିଥିଲା।

### ଇମାମି ନଗରରେ ବାହୁଡ଼ା ଯାତ୍ରା

ଶ୍ରଦ୍ଧା ଓ ଭକ୍ତିର ଅପୂର୍ବ ମିଳନ ମଧ୍ୟରେ ଇମାମି ନଗରରେ ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲକ୍ଷାଧିକ ଭକ୍ତଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ରଥ ଭକ୍ତିର ଦଉଡ଼ିରେ ଟଣା ହୋଇ ଶ୍ରୀମନ୍ଦିର ଅଭିମୁଖେ ଗତି କରିଥିଲା। ପ୍ରଥମେ ଆଜ୍ଞାମାଳ ଅର୍ପଣ ହୋଇଥିଲା। ପରେ ମଙ୍ଗଳାର୍ପଣ, ଧାଡ଼ି ପହଣ୍ଡି, ଟାହିଆ ଲାଗି ଓ ଅନ୍ୟାନ୍ୟ ଶାସ୍ତ୍ରୋକ୍ତ ନୀତି ସମ୍ପନ୍ନ ହୋଇଥିଲା। ଇମାମି ପେପର ମିଲ୍ସ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁଶୀଲ କୁମାର ଖେତାନ ପାରମ୍ପରିକ ଛେରା ପହଁରା କରିଥିଲେ। ସନ୍ଧ୍ୟାରେ ଭକ୍ତମାନଙ୍କ ଉତ୍ସାହ ଶିଖରରେ ପହଞ୍ଚିଥିଲା। ରାତି ୯ଟାରେ ଅଧରପଣା ନୀତି ଶେଷ ହେବା ପରେ ପୌରାଣିକ ପରମ୍ପରା ଅନୁଯାୟୀ ମା' ଲକ୍ଷ୍ମୀଙ୍କ ଅଭିମାନକୁ ନେଇ ଲକ୍ଷ୍ମୀ ନାରାୟଣ କଳହ ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ ଲାଗି କରାଯାଇ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ରାତି ୧୦ଟାରେ ନୀଳାଦ୍ରି ବିଜେ ନୀତି ସମ୍ପାଦିତ ହୋଇ ରଥଯାତ୍ରାର ଶୁଭ ସମାପନ ହୋଇଥିଲା। ମନ୍ଦିର ପ୍ରଶାସନ ମୁଖ୍ୟ ପୁରୋଧା ସୁଶୀଲ ଗୋଏଙ୍କାଙ୍କ ତତ୍ତ୍ୱାବଧାନ ଏବଂ ଇମାମି ପେପର ମିଲ୍ସ ଲେଡିଜ୍ କ୍ଲବ୍ ଓ ରଥଯାତ୍ରା କମିଟି ସହଯୋଗରେ ସମଗ୍ର ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନାରୀନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ଶ୍ରମିକ ନେତା ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଦର୍ଶନ କରିଥିଲେ। ଇମାମି ପେପର ମିଲ୍ସର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। କମ୍ପାନୀ ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ ଓ ମାଗଣା ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ନଅ ଦିନ ଧରି ଚାଲିଥିବା ଏହି ରଥଯାତ୍ରା ଉତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ବୃନ୍ଦାବନର ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ରାସଲୀଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରିଥିଲା।

### ମାନ୍ଧାତା ଭକ୍ତିକ୍ଷେତ୍ରରେ ବାହୁଡ଼ାଯାତ୍ରା

**କାଳିପଦା :** ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ମାନ୍ଧାତା ବଜାର ସ୍ଥିତ ଭକ୍ତି କ୍ଷେତ୍ରରେ ଶୁକ୍ରବାର ପବିତ୍ର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାହୁଡା ଯାତ୍ରା ପାଇଁ ଆଜି ପ୍ରତ୍ୟୁଷରୁ ଶ୍ରୀ ଜୀଉମାନଙ୍କର ସମସ୍ତ ନୀତି କାନ୍ତି ଅନୁଷ୍ଠିତ ହୋଇଛି। ଅପରାହ୍ନକୁ ଚକ୍ରରାଜ ସୁଦର୍ଶନ, ବଳଭଦ୍ର , ସୁଭଦ୍ରା, ଜଗନ୍ନାଥ ପ୍ରମୁଖ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମାଉସୀ ମନ୍ଦିରରୁ ଗୋଟି ପହଣ୍ଡିରେ ବିଜେ କରି ରଥାରୋଢ଼ କରାଯାଇ ଥିଲା। ଶ୍ରୀ ଜଗନ୍ନାଥ ଜୀଉ ସେବକ ନିଯୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର ତାଳଧ୍ୱଜ, ଦେବ ଦଳନ, ନନ୍ଦିଘୋଷ ଆଦି ତିନି ରଥରେ ଛେରା ପହଁରା କଲା ପରେ ରଥ ଟଣା ହୋଇ ଥିଲା। ସନ୍ଧ୍ୟାରେ ତିନି ରଥ ମହାବଳା ମାଉସୀ ବାଡିରୁ ଆସି ମାନ୍ଧାତା ବଜାର ଶ୍ରୀମନ୍ଦିରରେ ପହଞ୍ଚି ଥିଲା। ଏଠାରେ ଦେବଦଳନ ରଥକୁ କେବଳ ମହିଳା ମାନେ ଟାଣି ଥାନ୍ତି। ଜଗନ୍ନାଥ ଜୀଉ ସେବକ ନିଯୋଗର ସମ୍ପାଦକ ସନାତନ ପାତ୍ର, ଡ଼ଃ ବ୍ରଜରାଜ ଦାସ, ସଞ୍ଜୟ କୁମାର ପାତ୍ର, ଭବାନୀ ଶଙ୍କର ହୁଇ, ଶକ୍ତି ଶଙ୍କର ଦଣ୍ଡପାଟ, ସୁଧୀର କୁମାର ନନ୍ଦ, ଅନାଦି ଚରଣ ଗିରି, ଗଜେନ୍ଦ୍ର କୁମାର ଧଳ,ସରୋଜ ତୋଳା , ସୁ କୁମାର ଦାସ, ଅଜୟ କୁମାର ପାତ୍ର , ପ୍ରଦୀପ କୁମାର ଜେନା, ମନୋରଞ୍ଜନ ଦାସ, ରାଜ ଗୁରୁ ଶୁକଦେବ ପାଣିଗ୍ରାହୀ, ମୁଖ୍ୟ ପୂଜକ ମାଧବାନନ୍ଦ ପାଣିଗ୍ରାହୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲିଆପାଳ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରା ଯାଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ସକାଶେ ଭକ୍ତଙ୍କ ଭିଡ଼ ହୋଇ ଥିଲା।ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦିତ ହୋଇ ଥିଲା।

**ସିମୁଳିଆ:** ଜଗତର ନାଥ ଶ୍ରୀଜଗନ୍ନାଥ ବର୍ଷକରେ ଥରେ ମାଉସୀ ମା ଘରେ ୯ ଦିନ ରହି ପୁଣି ମହାପ୍ରଭୁ ବଡ଼ ଦେଉଳକୁ ଫେରୁଛନ୍ତି। ସିମୁଳିଆ ବ୍ଲକରେ ବିଭିନ୍ନ ସ୍ଥାନରେ ଆଜି ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା କରି ମହାପ୍ରଭୁ ଜଗନ୍ନାଥ ଏକାଦଶୀ ପାଳନ କରି ପୋଡ଼ ପିଠା ଖାଇ ଆସନ୍ତା କାଲି ବଡ଼ ଦେଉଳକୁ ପ୍ରବେଶ କରିବେ।

### ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର

**କାଳିପଦା :** ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଶୁକ୍ରବାର ଅପରାହ୍ନରେ ତିନି ଠାକୁର ଜନ୍ମ ବେଦୀରୁ ରତ୍ନ ବେଦୀକୁ ଫେରିଛନ୍ତି। ଏଥିପାଇଁ ପ୍ରାତଃରୁ ଶ୍ରୀ ଜୀଉ ମାନଙ୍କର ସମସ୍ତ ରୀତିନୀତି ଶେଷ ହେବା ପରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡିରେ ରଥାରୂଢ଼ କରାଯାଇ ଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ ପରେ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କୁ ରଥାରୂଢ କରାଯାଇଥିଲା। ମନ୍ଦିର ମୁଖ୍ୟ ପୂଜକ ବିଷ୍ଣୁଦାସ ପାଠୀ ତିନି ରଥରେ ଛେରା ପହଁରା କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରଭୁଙ୍କ ତିନି ରଥ ରାତ୍ରି ୮ ଟାରେ ଶ୍ରଦ୍ଧାକ୍ଷେତ୍ର ସିମୁଳିଆ ବଜାରସ୍ଥିତ ରଥ ଖଳାରେ ପହଞ୍ଚିବା ପରେ ତିନି ଠାକୁରଙ୍କୁ ମନ୍ଦିରରେ ପ୍ରବେଶ କରାଯାଇଥିଲା। ମାତା ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେହିଁ ଟାଣିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ବ୍ରଜ କିଶୋର ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ମଧୁସୂଦନ ବାରିକ, ମୁରଲୀ ମୋହନ ସାହୁ, ପ୍ରିୟନାଥ ସେଠୀ, ସତ୍ୟକାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ବାଲିଆପାଳ ଆଇ ଆଇ ସାଲଖାନ ମୁର୍ମୁଙ୍କ ସହିତ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

**କଇନଗରୀ:** ବସ୍ତା ବ୍ଲକ୍ ଅନ୍ତର୍ଗତ କଇନଗରୀ ପଞ୍ଚାୟତସ୍ଥ କଇନଗରୀ ଗ୍ରାମରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ସାନ୍ତରାଙ୍କ ନେତୃତ୍ୱରେ ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, ଗାଁ ମୁଖିଆ ରାଜେନ୍ଦ୍ର ମହାନ୍ତି, ଅରୁଣ ମାନ୍ନା, ତାରାକାନ୍ତ ସାନ୍ତରା, ଧନଞ୍ଜୟ ମହାକୁଡ଼, ଅଞ୍ଜଳି ମହାନ୍ତି, ନିବେଦିତା ଜେନା, ସ୍ୱପ୍ନାବତୀ ମହାନ୍ତି, ସ୍ୱର୍ଣ୍ଣମୟୀ ସାନ୍ତରା, ଝୁମାରାଣୀ ମହାକୁଡ଼ ପ୍ରମୁଖ ଶହ ଶହ ଶ୍ରଦ୍ଧାଳୁ ରଥକୁ ଟାଣି ଟାଣି ମାଉସୀ ବାଡ଼ିଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ସନ୍ଧ୍ୟାରେ କଳାକାରମାନେ କୀର୍ତ୍ତନ ଓ ଭଜନ ପରିବେଷଣ କରିଥିଲେ। ମନ୍ଦିର କମିଟି ତରଫରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

**ସୋଲପଟା:** ସଦର ବ୍ଲକ୍ ଅନ୍ତର୍ଗତ ଛାନୁଆଁ ପଞ୍ଚାୟତସ୍ଥ ସୋଲପଟାରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁର ସେବକ ରାମଚନ୍ଦ୍ର ମାଝୀ ଓ କଳ୍ପନା ମାଝୀଙ୍କ ନେତୃତ୍ୱରେ ଅଜୟ ବେହେରା, ସତ୍ୟରଞ୍ଜନ ରାଉତ, ଅଜୟ ନାୟକ, ବିଜୟ ବେହେରା ଓ ଆଦିକନ୍ଦ ମାଝୀ ପ୍ରମୁଖ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ରଥକୁ ଟାଣି ଟାଣି ଲଖବାଡ଼ିସ୍ଥ ପଞ୍ଚଲିଙ୍ଗେଶ୍ୱର ମାଉସୀବାଡ଼ି ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ସନ୍ଧ୍ୟାରେ କଳାକାରମାନେ କୀର୍ତ୍ତନ ଓ ଭଜନ ପରିବେଷଣ କରିଥିଲେ। ଶେଷରେ ମନ୍ଦିର କମିଟି ତରଫରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

### ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର

ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିରର ମହାପ୍ରଭୁଙ୍କ ବାହୁଡାଯାତ୍ରା ମହା ସମାରୋହରେ ସମ୍ପନ୍ନ ହୋଇଯାଇଛି। ସକାଳୁ ଜୀଉମାନଙ୍କ ନୀତି କାନ୍ତି ସରିଲା ପରେ ଚିତ୍ତୋଳ ଭାଗବତ ଗାଦି ମନ୍ଦିରରୁ ବିରାଟ ପଟୁଆରରେ ଆଜ୍ଞାମାଳ ଓ ତୁଳସୀଭାର ଆସି ମାଉସୀ ମା' ମନ୍ଦିର ଅନନ୍ତପୁର ମା ତାରିଣୀ ମନ୍ଦିର ରେ ପହଞ୍ଚିଥିଲା। ପରେ ଜୀଉ ମାନଙ୍କୁ ଗୋଟି ପହଣ୍ଡିରେ ରଥାରୁଢ଼ କରାଗଲା ଏବଂ ବରିଷ୍ଠ ସେବାୟତ ବିଜୟ କୁମାର କର ରଥରେ ଛେରାପହଁରା କରି ଥିଲେ। ଅପରାହ୍ନ ୪ ଟାରେ ରଥଟଣା ଆରମ୍ଭ ହୋଇ ଥିଲା। ବାଟରେ ମା' ମଙ୍ଗଳା ମନ୍ଦିର ନିକଟରେ ରଥ ଅଟିକିଥିଲା, ସେଠାରେ ପୂଜା ଅର୍ଚ୍ଚନା ପରେ ରଥ ଟଣା ହୋଇଥିଲା।

**ଚନ୍ଦନେଶ୍ୱର :** ଭୋଗରାଇ ବ୍ଲକର କାନ୍ଠିଥଭଉଁରୀ ପଞ୍ଚାୟତ ଅନ୍ତର୍ଗତ ବିଚିତ୍ରପୁର ଗ୍ରାମରେ ଜୟ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଆୟୋଜିତ ପବିତ୍ର ରଥଯାତ୍ରା ଅବସରରେ ୯ ଦିନ ବ୍ୟାପୀ ବିଶାଳ ମେଳା ଓ ବିଭିନ୍ନ ଧାର୍ମିକସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଛି। ରଥଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଉତ୍ସବମୁଖର ପରିବେଶରେ ମୁଖରିତ ହୋଇଉଠିଥିଲା। ମେଳା ପରିସରକୁ ବିଭିନ୍ନ ରଙ୍ଗବେରଙ୍ଗର ବୈଦ୍ୟୁତିକ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଅସ୍ଥାୟୀ ଦୋକାନ, ମିଠା ଓ ଖାଦ୍ୟ ଷ୍ଟଲ, ଖେଳନା, ଘରୋଇ ସାମଗ୍ରୀ ଓ ବିଭିନ୍ନ ପ୍ରକାରର ବ୍ୟବସାୟିକ ପସରା ମେଳାକୁ ଅଧିକ ଆକର୍ଷଣୀୟ କରିଥିଲା। ପ୍ରତିଦିନ ହଜାର ହଜାର ଭକ୍ତ ଓ ଦର୍ଶକଙ୍କ ଭିଡ଼ରେ ସମଗ୍ର ମେଳା ପରିସର ଚଳଚଞ୍ଚଳ ହୋଇଉଠିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ସହ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଫଳରେ ଭକ୍ତି ଓ ସଂସ୍କୃତିର ଏକ ଅନନ୍ୟ ସମନ୍ୱୟ ଦେଖିବାକୁ ମିଳିଥିଲା। ଭୋଗରାଇ ବ୍ଲକର ବିଭିନ୍ନ ଅଞ୍ଚଳ ସହ ସୀମାନ୍ତ ପଶ୍ଚିମବଙ୍ଗରୁ ମଧ୍ୟ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ଦର୍ଶକ ମେଳାକୁ ଆସିଥିଲେ। ଏହା ଫଳରେ ସମଗ୍ର ଅଞ୍ଚଳରେ ଉତ୍ସବର ଆନନ୍ଦ ଓ ଆଧ୍ୟାତ୍ମିକ ଚେତନାର ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି ହୋଇଥିଲା।

## ଆଳଦିଆ ଜଗନ୍ନାଥ ମନ୍ଦିର

ସଦର ବ୍ଲକ ଅନ୍ତର୍ଗତ ଆଳଦିଆ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧା ଓ ଭକ୍ତିର ସହ ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପ୍ରତିଷ୍ଠାତା ବଳରାମ ପଣ୍ଡା ପାରମ୍ପରିକ ଛେରା ପହଁରା କରିଥିଲେ। ପରେ ନୀତିକାନ୍ତି ସମ୍ପନ୍ନ ପରେ ରଥ ଟଣା ଆରମ୍ଭ ହୋଇଥିଲା। ଏହି ଅବସରରେ ମନ୍ଦିର କମିଟି ସଭାପତି ବିରେନ୍ଦ୍ର କୁମାର ନାୟକ, ସମ୍ପାଦକ ରାଜକିଶୋର ବେହେରା, କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଳଦିଆ ସହ ରଣସାହି, ମୁଲଣାନଗର, ଝଗଡସାହି, ତପସୀ ଆଦି ଆଖପାଖ ଗ୍ରାମର ବହୁ ଗ୍ରାମବାସୀ ରଥ ଟାଣିବାରେ ସହଯୋଗ କରିଥିଲେ। ରାସ୍ତାରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯିବା ସହ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।



## ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଉତ୍ତରେଶ୍ୱରରେ କୃତ୍ରିମ ବନ୍ୟା

**ସୋର, ୨୪।୭ (ସମିସ):** ଗତକାଲି ରାତିରେ ସୋରରେ ଅନବରତ ପ୍ରବଳ ବର୍ଷା ହେବା ଫଳରେ ଡ୍ରେନ ନଥିବାରୁ ଜଳ ନିଷ୍କାସିତ ହୋଇ ନପାରି ଜାତୀୟ ରାଜପଥ ପଶ୍ଚିମ ପାଶ୍ୱର୍ ଉତ୍ତରେଶ୍ୱର ସଂପୂର୍ଣ୍ଣ ଭାବେ ଜଳମଗ୍ନ ହୋଇ ରହିଛି। ଫଳରେ ଉତ୍ତରେଶ୍ୱର ପରିବା ମାର୍କେଟ, ମାଛ ମାର୍କେଟ, ଟ୍ରେକର ଷ୍ଟାଣ୍ଡ ପ୍ରଭୃତି ପାଣି ବୁଡ଼ି ରହିଥିବା ବେଳେ ଅଧିକାଂଶ ଘରେ ପାଣି ପଶିଥିବା ଦେଖାଯାଇଛି। ସୂଚନା ଯୋଗ୍ୟ ଯେ ଜାତୀୟ ରାଜପଥ ୬ଟିକିଆ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଶେଷ ହୋଇ ଆସୁଥିବା ବେଳେ ଉତ୍ତରେଶ୍ୱର ପାଇକାଳୀ ଠାରୁ କଲେଜଛକ ପର୍ଯ୍ୟନ୍ତ ପଶ୍ଚିମ ପାଶ୍ୱର୍ ଡ୍ରେନ କାର୍ଯ୍ୟ ହୋଇପାରି ନାହିଁ। ଫଳରେ ଗତ ପାଞ୍ଚ ବର୍ଷଧରି ଏହି ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏହାର ସମାଧାନ ପାଇଁ କଲେଜଛକଠାରୁ ପାଇକାଳୀ ପର୍ଯ୍ୟନ୍ତ ୩ମିଟର ଓସାର ଏବଂ ୩ ମିଟର ଗଭୀରର ଡ୍ରେନ ନିର୍ମାଣ ପାଇଁ ଜାତୀୟ ରାଜପଥ ତରଫରୁ ୩୩ କୋଟି ଟଙ୍କା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିବା ବେଳେ ଏହାର ଟେଣ୍ଡ ସରିଛି। ମାତ୍ର ଏହାକୁ ଟେଣ୍ଡର ନେଇଥିବା ଠିକାଦାର କାର୍ଯ୍ୟ ଆରମ୍ଭ କରି ନଥିବା ବେଳେ ବର୍ତ୍ତମାନ ପରିସ୍ଥିତିରେ ଜଳ ନିଷ୍କାସନ ପାଇଁ କୈଣସି ଉଦ୍ୟମ ନ କରିବାରୁ ଏଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ତୁରନ୍ତ ପ୍ରତିକାର ପାଇଁ ସାଧାରଣରେ ଦାବି କରାଯାଇଛି।




## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ସୋର, ୨୪।୭ (ସମିସ):** ସୋର ରେଳଷ୍ଟେସନରୁ ଅନତି ଦୂର ଡାଉନ ଲାଇନରେ ଜଣେ ଯୁବକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଆଜି ଅପରାହ୍ଣରେ ଜଣେ ଯୁବକ ଷ୍ଟେସନ ନିକଟରେ ବୁଲୁଥିଲେ। ଏହି ସମୟରେ ଦୁରନ୍ତ ସୁପରଫାଷ୍ଟ ଟ୍ରେନ ଯାଉଥିବା ବେଳେ ଯୁବକ ଜଣଙ୍କ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସୋର ଆରପିଏଫ ଓ ବାଲେଶ୍ୱର ଜିଆରପି ପୁଲିସ ପହଂଚି ଶବ ଜବତ କରି ବ୍ୟବଛେଦ ପାଇଁ ନେଇଛି। ଯୁବକ ଜଣଙ୍କ ପରିଚୟ ମିଳିପାରିନଥିବା ବେଳେ ସେ କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବଜଗତର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ
ପୃଥିବୀ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି ।
କିନ୍ତୁ ତାହା ଜଣେ ମଧ୍ୟ ଲୋଭୀର ଚାହିଦା ପୂରଣ କରିପାରିବ ନାହିଁ ।
-ମହାତ୍ମା ଗାନ୍ଧୀ

## ଗୁଗୁଲ୍‌କୁ ଛାଟ

ଆମେରିକୀୟ କମ୍ପାନୀ 'ଗୁଗୁଲ୍' ଉପରେ ୟୁରୋପୀୟ ସଂଘ ୧୦୦ କୋଟି ଡଲାରର ଜୋରିମାନା ଲାଗୁ କରିଛି । ନିଜ ସଂସ୍ଥାକୁ ସୁହାଇବା ଭଳି ତଥ୍ୟମାନ ବିଜ୍ଞାପିତ କରୁଥିବା ଏବଂ ଗୁଗୁଲ୍ ପ୍ଲେଷ୍ଟୋର ବ୍ୟତୀତ ଅନ୍ୟ ସ୍ଥାନରେ ଅନ୍ୟ ଇଣ୍ଟରନେଟ୍ ସଂସ୍ଥାମାନଙ୍କୁ ସେମାନଙ୍କ ଦ୍ୱାରା ବିକଶିତ ସୁଲଭ ଉତ୍ପାଦ ପ୍ରଦର୍ଶନ କରିବାର ସୁଯୋଗ ଦେଉନଥିବା ଅଭିଯୋଗର ବିଚାର କରି ଏହି ପରିମାଣର ଜୋରିମାନା ଧାର୍ଯ୍ୟ କରାଯାଇଛି । ଆମେରିକା ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାର ଅବ୍ୟବହିତ ପୂର୍ବରୁ ଗୁଗୁଲ୍ ଉପରେ ୟୁରୋପୀୟ ସଂଘର ଏଭଳି ଆର୍ଥିକ କାର୍ଯ୍ୟାନୁଷ୍ଠାନ ଦ୍ୱିପାକ୍ଷିକ ସମ୍ପର୍କକୁ ଅସ୍ୱାଭାବିକ କରିବାର ଆଶଙ୍କା ରହିଛି । ଏହି କାର୍ଯ୍ୟାନୁଷ୍ଠାନକୁ ଗୁଗୁଲ୍ ଅନୈତିକ ଆଖ୍ୟା ଦେଇଥିବା ବେଳେ ୟୁରୋପୀୟ ସଂଘ ଉଚିତ ବୋଲି କହିଛି ।

ୟୁରୋପୀୟ ସଂଘର 'ଡିଜିଟାଲ୍ ମାର୍କେଟ୍ ଆକ୍ଟ' ସ୍ୱଚ୍ଛ, କଠୋର ଓ ଶକ୍ତିଶାଳୀ । ସାମାନ୍ୟତମ ଅଭିଯୋଗରେ ସମ୍ପୃକ୍ତ ସଂସ୍ଥାଙ୍କୁ ଦଣ୍ଡିତ କରିବା ପାଇଁ ଏହି ଆଇନ କର୍ତ୍ତୃପକ୍ଷଙ୍କୁ ଅଧିକାର ଦେଇଛି । ଗତ ବର୍ଷ ମେଟା ଓ ଆପଲ୍‌କୁ ଯଥାକ୍ରମେ ୨୦୦ ଓ ୫୦୦ ନିୟୁତ ୟୁରୋରେ ଦଣ୍ଡିତ କରାଯାଇଥିଲା । ଆଇନ ଅନୁଯାୟୀ କୌଣସି ସଂସ୍ଥାର ସାମଗ୍ରିକ ବାର୍ଷିକ କାରବାରର ୧୦% ପର୍ଯ୍ୟନ୍ତ ଜୋରିମାନା ଆଦାୟ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇପାରିବ । ଏବେ ଗୁଗୁଲ୍ ଉପରେ ଯେଉଁ ପରିମାଣର ଜୋରିମାନା ଧାର୍ଯ୍ୟ କରାଯାଇଛି ତାହା ସଂସ୍ଥାର ବାର୍ଷିକ କାରବାରର ମାତ୍ର ୦.୨୨% । ଅର୍ଥାତ୍ ଆମେରିକା ସହିତ ସମ୍ପର୍କକୁ ଅଧିକ ତିକ୍ତ ନ କରିବା ପାଇଁ ୟୁରୋପୀୟ ସଂଘ ଗୁଗୁଲ୍ ପ୍ରସଙ୍ଗରେ କୋହଳ ମନୋଭାବ ପ୍ରଦର୍ଶନ କରିଛି । କିନ୍ତୁ ଆସନ୍ତା ୬୦ ଦିନ ମଧ୍ୟରେ ଏହି ଜୋରିମାନା ରାଶି ପୈଠ ନ କଲେ ଜୋରିମାନା ପରିମାଣ ବଢ଼ିପାରେ ବୋଲି ୟୁରୋପୀୟ ସଂଘ ପକ୍ଷରୁ କୁହାଯାଇଛି । ୨୦୧୭ ଓ ୨୦୧୯ରେ ମଧ୍ୟ ଗୁଗୁଲ୍ ଉପରେ ୟୁରୋପୀୟ ସଂଘ ୮୨୦ କୋଟି ୟୁରୋ ଏବଂ ଅନ୍ୟ ଏକ ମାମଲାରେ ୨୯୫ କୋଟି ୟୁରୋର ଜୋରିମାନା ଧାର୍ଯ୍ୟ କରିଥିଲା । ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଗୁଗୁଲ୍ ଉପରୁ ୟୁରୋପୀୟ ସଂଘ ଜୋରିମାନା ଦଣ୍ଡ ପ୍ରତ୍ୟାହାର କରିନେଇଥିଲେ ହେଁ ଏବେ ନିଜ ନିଷ୍ପତ୍ତିରେ ଅଟଳ ରହିଛି । ଅର୍ଥାତ୍ ଏହି ଜୋରିମାନା ଗୁଗୁଲ୍ ପୈଠ କରିବାକୁ ବାଧ୍ୟ ।

ଏହା କିନ୍ତୁ ଅନସ୍ୱୀକାର୍ଯ୍ୟ ଯେ ଗୁଗୁଲ୍, ମେଟା, ଏକ୍ସ ଭଳି ଇଣ୍ଟରନେଟ୍ ସୂଚନା ଭିତ୍ତିକ ସଂସ୍ଥାର ମନମୁଖି କାରବାର ଓ ଔଦ୍ଧତ୍ୟ ବଢ଼ି ଚାଲିଛି । ଗଣମାଧ୍ୟମ ଏପରି ଏକ କ୍ଷେତ୍ର ଯେଉଁଠି କିଛି ନୀତିନିୟମ ପାଳନର ଆବଶ୍ୟକତା ରହିଛି ଏବଂ ସେଥିପାଇଁ ରାଷ୍ଟ୍ରକୁ ଆଇନ ପ୍ରଣୟନ କରିବାର ଆବଶ୍ୟକତା ଥାଏ । ଏହା ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଅପେକ୍ଷା ଲକ୍ଷ୍ମଣରେଖା ମଧ୍ୟରେ ରଖିବାକୁ ମୂଳତଃ ଅଭିପ୍ରେତ । ନିରଙ୍କୁଶ ଗଣମାଧ୍ୟମ ମଧ୍ୟ ତାହାର ସୀମା ସରହଦ ମଧ୍ୟରେ ରହିବା ଆବଶ୍ୟକ । ଡିଜିଟାଲ ଗଣମାଧ୍ୟମ ଏବେ ଯେଉଁ ଛତୁଫୁଟା ରୂପ ନେଇଛି ସେଥିରେ ଏହାକୁ ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ । ଅଙ୍କୁଶ ନଥିବାରୁ ଏହା ଅନେକାଂଶରେ ସ୍ୱେଚ୍ଛାଚାରୀ, ଦାୟିତ୍ୱହୀନ, କୁତ୍ସାରଟନାକାରୀ, ଦୁଷ୍ପ୍ରଚାର ଓ ବ୍ଲାକମେଲ୍‌ର ମାଧ୍ୟମ ପାଲଟିଛି । ଏହା ଅଧିକ ଲୋକଙ୍କ ପାଖରେ ସହଜରେ ପହଞ୍ଚିପାରୁଥିବାରୁ ଲୋକେ ତଥ୍ୟସବୁର ସତ୍ୟାସତ୍ୟ ବୁଝିବାକୁ ସୁଯୋଗ ନ ପାଇ ଖବରରେ ବିଶ୍ୱାସ କରି ଅନେକ ସମୟରେ ବିଭ୍ରାନ୍ତ ହେଉଛନ୍ତି । ଆହୁରି ମଧ୍ୟ କିଛି ତତ୍ତ୍ୱ ଓ ଗୋଷ୍ଠୀ ଏହି ମିଡିଆକୁ ଦେଶବିରୋଧୀ, ନେତୃବିରୋଧୀ କାର୍ଯ୍ୟରେ ଉଦ୍ଦେଶ୍ୟମୂଳକ ଭାବେ ପ୍ରୟୋଗ କରୁଛନ୍ତି । ବଡ଼ କଥା ହେଲା ଡିଜିଟାଲ୍ ଗଣମାଧ୍ୟମକୁ ଅନେକ ସମୟରେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବ୍ୟବହାର କରାଯାଉଛି ଏବଂ ବ୍ୟକ୍ତିବିଶେଷଙ୍କୁ ବଦ୍‌ନାମ କରି ନାଗରିକର ମୌଳିକ ବ୍ୟକ୍ତିଗତ ଅଧିକାର ଉପରେ ଆକ୍ରମଣ ହେଉଛି । ଯେକୌଣସି ସ୍ୱାଧୀନ ରାଷ୍ଟ୍ରରେ ଏହା ଆଦୌ ଗ୍ରହଣୀୟ ନୁହେଁ ।

ଭାରତ ପରିପ୍ରେକ୍ଷୀରେ ୧୯୯୦ ମସିହା ପରଠାରୁ ଅନ୍‌ଲାଇନ୍ ଡିଜିଟାଲ୍ ଗଣମାଧ୍ୟମ ମଞ୍ଚମାନେ ଯେଭଳି ଭାବେ ବିସ୍ତାର ଲାଭ କରୁଛନ୍ତି, ତାହା ଅବଶ୍ୟ ଆମ ଦେଶର ରାଷ୍ଟ୍ରୀୟ ଅର୍ଥନୀତିକୁ ବହୁଭାବରେ ତ୍ୱରାନ୍ୱିତ କରୁଛନ୍ତି । କିନ୍ତୁ ଏହାସହିତ ଏହି ଅନ୍‌ଲାଇନ୍ ସଂସ୍ଥାମାନଙ୍କର କାର୍ଯ୍ୟକଳାପକୁ ନିରୀହ ବା ଅନାସକ୍ତ ବୋଲି ଧରାଯାଇପାରିବ ନାହିଁ । କାରଣ ଭାରତୀୟ ଗଣତନ୍ତ୍ରର ସଫଳତାରେ ବିଘ୍ନ ଘଟାଇବା ପାଇଁ କେତେକ ରାଷ୍ଟ୍ରବିରୋଧୀ ତତ୍ତ୍ୱଙ୍କର କାର୍ଯ୍ୟକଳାପ ମଧ୍ୟ ଏହି ଅନ୍‌ଲାଇନ୍ ସୂଚନାସେବା ନେଟ୍‌ୱର୍କରେ ଶୀଘ୍ର ଓ ସହଜରେ ହୋଇପାରୁଛି । ଆଜି ବି ବିଶ୍ୱରେ ଅନେକ ଉନ୍ନତ ରାଷ୍ଟ୍ର ଅଛନ୍ତି, ଯେଉଁମାନେ ସେଠାକାର ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଜରିଆରେ ସୁଦୂର ଦେଶବିଦେଶରେ ଶାସନ କ୍ଷମତାରେ ବୈପ୍ଳବିକ ପରିବର୍ତ୍ତନ ଏବଂ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ମଧ୍ୟ ଅଧିକାଂଶରେ ନିୟନ୍ତ୍ରିତ କରିପାରୁଛନ୍ତି । ଏତଦ୍‌ବ୍ୟତୀତ ରାଜନୈତିକ ଦଳ ଓ ନେତାମାନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇ ଇଣ୍ଟରନେଟ୍ ଉପଭୋକ୍ତାମାନଙ୍କ ଦୃଷ୍ଟିରେ ସେମାନଙ୍କୁ ନିନ୍ଦିତ କରିବା ପାଇଁ ଚେଷ୍ଟା କରାଯାଉଛି । ଅତୀତରେ ଅକ୍ସଫୋର୍ଡ ଆନାଲିଟିକା ଓ ଫେସ୍‌ବୁକ୍ ସଂସ୍ଥାର ଅନୈତିକ ସହଯୋଗରେ ଆମେରିକା ରାଷ୍ଟ୍ରପତି ନିର୍ବାଚନଠାରୁ ଆରମ୍ଭ କରି ଭାରତର ସାଧାରଣ ନିର୍ବାଚନରେ ବିଶାଳ ସଂଖ୍ୟାରେ ଭୋଟରମାନଙ୍କୁ ଅସମର୍ଥିତ ଖବର ଯୋଗାଇ ଜନାଦେଶକୁ ପ୍ରଭାବିତ କରାଯାଇଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ।

ଆମ ଦେଶରେ ଇଣ୍ଟରନେଟ୍ ଭିତ୍ତିକ ସୂଚନା ସେବାକାରୀ ସଂସ୍ଥାଙ୍କୁ ନିୟନ୍ତ୍ରଣ ଲାଗି ଆଇନ୍ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ୟୁରୋପୀୟ ସଂଘ କିମ୍ବା ଆମେରିକା ଭଳି କଠୋର ହୋଇନଥିବାରୁ ସହଜରେ କଟକଣା କିମ୍ବା ଜୋରିମାନା ଲାଗୁ କରାଯାଇପାରୁନାହିଁ । ଆମ ଦେଶର ଆଇନ ବ୍ୟବସ୍ଥା ଅଧିକ ବିଳମ୍ବିତ ହୋଇଥିବାରୁ ତାହାର ସୁଯୋଗ ନେଇ ଇଣ୍ଟନେଟ୍ ଭିତ୍ତିକ ସଂସ୍ଥାମାନେ ନିଜକୁ ସୁହାଇବା ପରି କାର୍ଯ୍ୟ କରିଚାଲୁଛନ୍ତି । ଏବେ ନୀତି ନିୟମ ଓ ଆଇନ କାନୁନ୍‌କୁ ସମୟୋପଯୋଗୀ କଠୋର କରିବାର ସମୟ ଆସିଛି । ୟୁରୋପୀୟ ସଂଘ ଏଦିଗରେ ଅନୁକରଣୀୟ ଉଦାହରଣ ସୃଷ୍ଟି କରିଛି ।

# ଅଭ୍ୟାସ, ଆବଶ୍ୟକତା ଓ ଅର୍ଥନୀତି

ଡ. ଅବଶ ପରିଡ଼ା

ଆଧୁନିକ ଜୀବନଶୈଳୀରେ ପାକସ୍ଥଳୀ ଓ ପାଚନ ପ୍ରକ୍ରିୟାର ସ୍ୱାସ୍ଥ୍ୟ ବା ସଂକ୍ଷିପ୍ତରେ କହିଲେ ଅନ୍ତଃନଳୀ ସ୍ୱାସ୍ଥ୍ୟକୁ ଶାରୀରିକ ସୁସ୍ଥତା, କ୍ରିୟାଶୀଳତା ଓ ମାନସିକ ଶାନ୍ତିର ଏକ ଉପାଦାନ ଭାବରେ ବିବେଚନା କରାଯାଏ । ଏହା 'ଗଟ୍ ହେଲଥ୍' ନାଁ ରେ ବେଶ୍ ପରିଚିତ । ଏହି ବିଷୟକୁ ନେଇ ଇଣ୍ଟରନେଟ୍ ଦୁନିଆରେ ଅଗଣିତ ଭିଡିଓ, ଆଲୋଚନା ଓ ପରାମର୍ଶ ଉପଲବ୍ଧ । ଏହା ଜନସାଧାରଣଙ୍କୁ ସୂଚିତ ଓ ସଚେତନ କରିବା ସହିତ ଜାଣତ କିମ୍ବା ଅଜାଣତରେ ମନରେ ଭୟ, ଚିନ୍ତା ଓ ଚର୍ଚ୍ଚା ମଧ୍ୟ ସୃଷ୍ଟି କରୁଛି ।

ଉତ୍ତମ ପାଚନ-ସ୍ୱାସ୍ଥ୍ୟର ଅନେକ ବୈଶିଷ୍ଟ୍ୟ ମଧ୍ୟରେ 'ସକାଳର ପେଟ ସଫା' ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ କାର୍ଯ୍ୟକଳାପ ଭାବରେ ବିବେଚିତ । ଏହାକୁ ଆଧାର କରି ଆମର ଲୋକପ୍ରିୟ ବିଶ୍ୱାସ କୁହେ ଯେ 'ନିୟମିତ ସକାଳୁ ପାଇଖାନା ଯିବା ଏବଂ ବିନା କୋଷ୍ଠକାଠିନ୍ୟରେ ପେଟ ସଫା ହେବା ଏକ ଭଲ କାର୍ଯ୍ୟକ୍ଷମ ପାଚନ ପ୍ରଣାଳୀର ଲକ୍ଷଣ । କିନ୍ତୁ ଚିକିତ୍ସା ବିଜ୍ଞାନର କହିବା ଅନୁଯାୟୀ ଯାହା ଲୋକମାନେ ଡାକ୍ତରଙ୍କ ପରାମର୍ଶ ବିନା ବିଶ୍ୱାସ କରୁଛନ୍ତି ସେସବୁ ଗୁରୁତ୍ୱପୂର୍ଣ୍ଣ ଜୈବିକ ଆବଶ୍ୟକତା ନୁହେଁ, ବରଂ ସାମାଜିକ ଆଶା, ବିଜ୍ଞାପନ ଓ ଜୀବନଶୈଳୀ ଦ୍ୱାରା ପ୍ରରୋଚିତ ଏକ ମାନସିକ ଓ ସାଂସ୍କୃତିକ ଗଠନ । ନିଃସନ୍ଦେହ, ଏକ ଉତ୍ତମ ପାଚନ-ସ୍ୱାସ୍ଥ୍ୟ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ସକାଳର ପେଟ ସଫା(ମଳତ୍ୟାଗ) ପ୍ରତି ଆଗ୍ରହ ଯୋଗୁଁ ଅନାବଶ୍ୟକ ଚିନ୍ତା ଓ ଔଷଧ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି । ସମ୍ଭବତଃ ସେଥିପାଇଁ ଆଜିକାଲି ସ୍ୱାସ୍ଥ୍ୟ ଉତ୍ପାଦ କମ୍ପାନୀଗୁଡ଼ିକ ରେଚକ(ଲାକ୍ସାଟିଭ୍ସ) ଏବଂ ଅନ୍ୟାନ୍ୟ ପାଚନ ପ୍ରତିକାରର ଅତ୍ୟନ୍ତ ଆକ୍ରମଣାତ୍ମକ ବିପଣନ ଓ ବିଜ୍ଞାପନ କରୁଛନ୍ତି । ରେଚକ ବା ଲାକ୍ସାଟିଭ ହେଉଛି ଏକ ପଦାର୍ଥ, ଔଷଧ, କିମ୍ବା ପ୍ରାକୃତିକ ଖାଦ୍ୟ, ଯାହା କୋଷ୍ଠକାଠିନ୍ୟ ଦୂର କରିବାରେ ଏବଂ ଅନ୍ତଃନଳୀ ଗତି ବୃଦ୍ଧି କରିବାରେ ସାହାଯ୍ୟ କରେ । ବିଜ୍ଞାପନ ଦ୍ୱାରା ଏହି ଉତ୍ପାଦଗୁଡ଼ିକର ବିପଣନ ଏମିତି ଏକ ଧାରଣାକୁ ପ୍ରୋତ୍ସାହିତ କରେ ଯେ ନିୟମିତ ସକାଳର ଅନ୍ତଃନଳୀ ସୁସ୍ଥତା ପାଇଁ ଏହି ଔଷଧ ବା ଉତ୍ପାଦ ଅତ୍ୟନ୍ତ ଆବଶ୍ୟକ ।

ଭାରତୀୟ ରେଚକ ବଜାର ବିଶାଳ ଓ ଦୃଶ୍ୟମାନ । ରେଚକ ଆଧାରିତ ଅର୍ଥନୀତି ଭାରତର ଔଷଧ ଶିଳ୍ପରେ ସିଂହଭାଗ ଦଖଲ କରିସାରିଛି । ଏହି ଅର୍ଥନୀତିର ଏକ ଭଲ ଦିଗ ହେଉଛି ଯେ ଏହା ଭିନ୍ନ ଭିନ୍ନ ଆବଶ୍ୟକତା ଥିବା ବିଭିନ୍ନ ବର୍ଗର ଲୋକଙ୍କୁ ପୃଥକ ପ୍ରକାରର ଉପଯୁକ୍ତ ଉତ୍ପାଦ ଯୋଗାଇଥାଏ । ଏକ ରିପୋର୍ଟ ଅନୁଯାୟୀ, ସର୍ବାଧିକ ବିକ୍ରୟଯୋଗ୍ୟ ରେଚକ ଉତ୍ପାଦଗୁଡ଼ିକ କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ପାଚନ ସମସ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ । ୬ ପ୍ରତିଶତ ସାମଗ୍ରିକ ବାର୍ଷିକ ଅଭିବୃଦ୍ଧି ହାରରେ ବଢ଼ୁଥିବା ଏହି ବଜାରର ମୂଲ୍ୟ ହେଉଛି ୭୦ ହଜାର କୋଟି ଟଙ୍କାରୁ ଅଧିକ । ୨୦୩୨ ସୁଦ୍ଧା ଏହା ୧.୫ ଲକ୍ଷ କୋଟି ଟଙ୍କା ଟପିବ ବୋଲି ଆକଳନ କରାଯାଇଛି । ଭାରତରେ ଲାକ୍ଟୁଲୋଜ, ବିସାକୋଡିଲ ଓ ସୋଡିୟମ ପିକୋସଲଫେଟ ହେଉଛି ତିନିଟି ସାଧାରଣ ବ୍ୟବସାୟିକ ଉତ୍ପାଦ । ଏ ସବୁ ମଧ୍ୟରେ ବଲ୍କ-ଫର୍ମିଂ ହେଉଛି ସବୁଠାରୁ ଲୋକପ୍ରିୟ ଲ୍ୟାକ୍ସାଟିଭ୍ ବା ରେଚକ । ଏହା ଏକପ୍ରକାର ଲ୍ୟାକ୍ସାଟିଭ୍, ଯାହା ମଳରେ ଆୟତନ ଓ ଜଳ ବୃଦ୍ଧି କରିଥାଏ । ଯାହାଫଳରେ ମଳତ୍ୟାଗ କରିବା ସହଜ ହୋଇଥାଏ । ସତଇସବଗୁଲ, ପେଟସଫା, କାୟମ ଚୂର୍ଣ୍ଣ ଭଳି ଅସଂଖ୍ୟ ଏଲୋପ୍ୟାଥି ଓ ଆୟୁର୍ବେଦ ଉତ୍ପାଦ ମଧ୍ୟ ବଜାରରେ ଉପଲବ୍ଧ ।

ଏହି ବଜାର ଅର୍ଥନୀତି ପ୍ରତି ଆକର୍ଷଣର ତିନୋଟି ପ୍ରମୁଖ କାରଣ ଅଛି । ପ୍ରଥମଟି ହେଉଛି ପାଚନ-ସ୍ୱାସ୍ଥ୍ୟ ପ୍ରତି ଅତ୍ୟଧିକ ସଚେତନତା ଓ ବିଜ୍ଞାପନ । ଦ୍ୱିତୀୟଟି ହେଉଛି ସହରୀକରଣ ଓ ନିଷ୍କ୍ରିୟ ଜୀବନଶୈଳୀ । ବୟସ୍କ ଜନସଂଖ୍ୟାରେ ବୃଦ୍ଧି ହେଉଛି ତୃତୀୟ ଓ ଅନ୍ତିମ କାରଣ । ବିଶେଷଜ୍ଞମାନେ କୁହନ୍ତି ଯେ, କୋଷ୍ଠକାଠିନ୍ୟର ବର୍ଦ୍ଧିତ ମାମଲା ଏବଂ ଡାକ୍ତରୀ ପ୍ରେସକ୍ରିପସନ ବିନା ମିଳୁଥିବା ଔଷଧ ବା ଓଭର ଦି କାଉଣ୍ଟର ଔଷଧର ଉପଲବ୍ଧତା ହିଁ ରେଚକ ବଜାର ଅର୍ଥନୀତିକୁ ବୃଦ୍ଧି କରୁଛି । ଅନେକ ବର୍ଷ ତଳେ ଫରାସୀ ସମାଜବିଜ୍ଞାନୀ ତଥା ଦାର୍ଶନିକ ମିସେଲ ଫୋକୋ ଆଲୋକପାତ କରିଥିଲେ ଯେ ଯଦି ବ୍ୟକ୍ତି ନିଜ ପ୍ରାକୃତିକ ଶାରୀରିକ କାର୍ଯ୍ୟକୁ ଚିକିତ୍ସା କରିବା ଆରମ୍ଭ କରେ, ତେବେ ସେ ସଂସ୍ଥାଗତ ଓ ବାଣିଜ୍ୟିକ ନିୟନ୍ତ୍ରଣରେ ଆସିଯାଏ । ପରେ ଏହି ଦୀର୍ଘକାଳୀନ ଔଷଧ ଅଭ୍ୟାସ ବ୍ୟକ୍ତିକୁ ନିଜସ୍ୱ ପ୍ରାକୃତିକ ଜୈବିକ ପ୍ରକ୍ରିୟା ବଦଳରେ ବଜାରରେ ଉପଲବ୍ଧ ସମାଧାନ ଉପରେ ଅଧିକ ନିର୍ଭରଶୀଳ କରିଦିଏ । ତେଣୁ ଏହା ସତ ଯେ ଜରୁରୀ ଥାଉ ବା ନ ଥାଉ ଯେଉଁମାନେ ରେଚକ ଓ ପାଚନ ପ୍ରତିକାର ଉତ୍ପାଦ ସହ ଅଭ୍ୟସ୍ତ ହୋଇଗଲେଣି ସେମାନଙ୍କ ସହିତ ଏହା ଘଟୁଛି ।

ସାମ୍ପ୍ରତିକ କିଛି ରିପୋର୍ଟ ଅନୁଯାୟୀ, ଯୁବବର୍ଗ ଓ କର୍ମଜୀବୀମାନେ ବୟସ୍କ ଓ ଚିକିତ୍ସାଗତ ଭାବରେ ଅସୁସ୍ଥ ବ୍ୟକ୍ତିମାନଙ୍କ ତୁଳନାରେ ଅଧିକ ରେଚକ ଓ ପାଚନ ପ୍ରତିକାରର ସେବନ କରୁଛନ୍ତି । ଏହି ବୃଦ୍ଧି ମୁଖ୍ୟତଃ ଜୀବନଶୈଳୀ ସମ୍ବନ୍ଧୀୟ ସମସ୍ୟା, ଯେପରିକି କୋଷ୍ଠକାଠିନ୍ୟ, ଖରାପ ଖାଦ୍ୟପେୟ ଅଭ୍ୟାସ ଏବଂ ସକାଳେ କାମକୁ ଯିବା ପୂର୍ବରୁ ପାଇଖାନା ଯିବା ପାଇଁ ମାନସିକ ଚାପ ଦ୍ୱାରା ପ୍ରଭାବିତ ହେଉଛି । କାର୍ଯ୍ୟ ଚାପ, କଠିନ ସମୟସୂଚୀ ଏବଂ ଚାପପୂର୍ଣ୍ଣ ଦିନଚର୍ଯ୍ୟା ଦ୍ୱାରା ଅଧିକାଂଶଙ୍କ ଜୀବନ ପରିଚାଳିତ । ତେଣୁ ଉପାସ ରହିବା କିମ୍ବା ଫାଷ୍ଟଫୁଡ୍ ଓ ପ୍ରକ୍ରିୟାକୃତ ଖାଦ୍ୟ ଉପରେ ନିର୍ଭର କରିବା ଏକ ସାଧାରଣ କଥା ହୋଇଗଲାଣି । ଏହା ସହ ଚା', କଫି, ସିଗାରେଟ, ମଦ, ଗୁଟଖା, ମଇଦା ବିସ୍କୁଟର ବ୍ୟବହାର ବି ବଢ଼ିଛି । ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ପର୍ଯ୍ୟାପ୍ତ ଫାଇବର ବା ତନ୍ତୁ ନଥିବା ଖାଦ୍ୟ ଆମର ଜୀବନଶୈଳୀର ଅଂଶ ହୋଇସାରିଛି । ଗୋଟିଏ ସ୍ଥାନରେ ବସି ରହିବାର ଅଭ୍ୟାସ ଏବଂ ଅନିୟମିତ ଶୋଇବା ଶୈଳୀ ସହିତ ଏହିସବୁ କାରଣଗୁଡ଼ିକ ପାଚନ ଅସ୍ୱସ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ତେଣୁ ଏହାର ମୁକାବିଲା କରିବା ପାଇଁ ହେଉ ବା ଶୀଘ୍ର ଆରାମ ପାଇଁ ହେଉ ଔଷଧ କାଉଣ୍ଟରରେ ମିଳୁଥିବା ରେଚକ ଏବଂ ଅନ୍ୟାନ୍ୟ ପାଚନ ସହାୟକ ଆଡ଼କୁ ଯୁବବର୍ଗ ମୁହାଁଇଛନ୍ତି ।

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଭାରତୀୟ ଜନସଂଖ୍ୟାର ପ୍ରାୟ ୮ ରୁ ୧୦% ଲୋକ କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ରେଚକ ବ୍ୟବହାର କରୁଛନ୍ତି । କୋଲକାତାରେ କରାଯାଇଥିବା ଏକ ଅଧ୍ୟୟନରେ କାର୍ଯ୍ୟରତ ବୃତ୍ତିଗତଙ୍କ ମଧ୍ୟରେ ଏକ ଅଦ୍ଭୁତ ଧାରା ଆବିଷ୍କାର କରାଯାଇଛି । ଏଥିରେ ପ୍ରକାଶ ହୋଇଛି ଯେ ଚିକିତ୍ସା ଆବଶ୍ୟକତା ଦ୍ୱାରା ନୁହେଁ, ବରଂ ମାନସିକ ଓ ପରିସ୍ଥିତିଗତ ଚାପ ଯୋଗୁଁ ଯୁବବର୍ଗଙ୍କ ମଧ୍ୟରେ ରେଚକ ବ୍ୟବହାର ବଢ଼ୁଛି । କେବଳ ସକାଳେ କାମକୁ ଯିବା ପୂର୍ବରୁ କିପରି ନିଜ ପେଟ ସଫା ହୋଇଯାଉ ସେ ଚିନ୍ତାରେ ଅନେକ ରେଚକ, ଚୂର୍ଣ୍ଣ ବା ଔଷଧ ଖାଉଛନ୍ତି । ମାର୍କେଟିଂ ଓ ବାହ୍ୟ କାର୍ଯ୍ୟରେ ନିୟୋଜିତ ବୃତ୍ତିଗତମାନେ କହିଛନ୍ତି ଯେ ସକାଳର ପରିଷ୍କାର ଭାବେ ପେଟସଫା ସେମାନଙ୍କ ପାଇଁ ଅତ୍ୟନ୍ତ ଜରୁରୀ । କାରଣ ସେମାନେ ଦିନସାରା ଯାନବାହନରେ ଯାତାୟାତ କରୁଥିବାରୁ ଉପଯୁକ୍ତ ପରିମଳ ସୁବିଧା ପାଇବାରେ ଅତିରିକ୍ତ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଏହା ବ୍ୟତୀତ, କିଛି କର୍ମକ୍ଷେତ୍ରରେ ପର୍ଯ୍ୟାପ୍ତ ଶୌଚାଳୟ ସୁବିଧାର ଅଭାବ ଥାଏ ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ ଡାକ୍ତରୀ ତଦାରଖ ବିନା ଏପରି ପ୍ରତିକାରର ନିୟମିତ ବ୍ୟବହାର ଏକ ବିପଦପୂର୍ଣ୍ଣ ନିର୍ଭରଶୀଳତା ସୃଷ୍ଟି କରିପାରେ । ସମୟ ସହିତ ଆମର ପ୍ରାକୃତିକ ଅନ୍ତଃନଳୀ କାର୍ଯ୍ୟକୁ ଏହା କ୍ଷତି ବି ପହଞ୍ଚାଇପାରେ । ବିଶେଷଜ୍ଞମାନେ ପାଚନ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ତନ୍ତୁରେ ଭରପୂର ସନ୍ତୁଳିତ ଖାଦ୍ୟ, ପର୍ଯ୍ୟାପ୍ତ ପାଣି, ନିୟମିତ ବ୍ୟାୟାମ ଏବଂ ଚାପକୁ ନିୟନ୍ତ୍ରଣ କରିବା ଭଳି ସୁସ୍ଥ ବିକଳ୍ପ ପାଇଁ ସୁପାରିସ କରୁଛନ୍ତି । ମାନବ ଶରୀର କଠୋର ସମାନତା ନୁହେଁ, ବରଂ ଜୈବିକ ବିବିଧତା ଉପରେ କାର୍ଯ୍ୟ କରେ । ଅଧିକନ୍ତୁ ଆମର ସର୍କାଡିଆନ୍ ଚକ୍ର ଅର୍ଥ ଶୋଇବା ଓ ଉଠିବାର ଚକ୍ର, ସୂର୍ଯ୍ୟକିରଣ ସହିତ ସଂସ୍ପର୍ଶ ସହିତ ସନ୍ତୁଳିତ ହରମୋନ୍ ମନୁଷ୍ୟର ପାଚନ ତନ୍ତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ତେଣୁ ଶରୀରକୁ ବ୍ୟକ୍ତି ନିଜ ମନମୁତାବକ କାର୍ଯ୍ୟସୂଚୀ ପାଳନ କରିବାକୁ ବାଧ୍ୟ କରିବା ପରିବର୍ତ୍ତେ ଏହାର ପ୍ରାକୃତିକ ଲୟକୁ ସ୍ୱୀକାର କରିବା ଏବଂ ସମ୍ମାନ ଦେବା ଉଚିତ ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଓଡ଼ିଶାର କୁଟୀର ଶିଳ୍ପ: ଅତୀତ ଓ ଭବିଷ୍ୟତ

ବିଦ୍ୟାଧର ମହାରଣା

ଓଡ଼ିଶା ହେଉଛି ସମୃଦ୍ଧ କଳା, ସଂସ୍କୃତି ଓ ପାରମ୍ପରିକ ହସ୍ତଶିଳ୍ପର ରାଜ୍ୟ । ରାଜ୍ୟର ଗ୍ରାମାଞ୍ଚଳରେ ବହୁ ଶତାବ୍ଦୀ ଧରି କୁଟୀର ଶିଳ୍ପ ଲୋକଜୀବନର ଏକ ବିଶିଷ୍ଟ ଅଂଶ ହୋଇରହିଛି । ହାତବୁଣା ବସ୍ତ୍ର, ପିପିଲି ଚାନ୍ଦୁଆ, ରଘୁରାଜପୁର ପଟ୍ଟଚିତ୍ର, କଣ୍ଟିଲୋ ଓ କଳାପଥର ଧାତୁ ଶିଳ୍ପ, ପୁରୀର ପଥର କାମ, ତାଳପତ୍ର ଚିତ୍ର, ଶଙ୍ଖ ଓ କାଠ ଶିଳ୍ପ ପରି ଅନେକ କୁଟୀର ଶିଳ୍ପ ଓଡ଼ିଶାର ପରିଚୟକୁ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ପହଞ୍ଚାଇଛି । ଏହି ଶିଳ୍ପ କେବଳ ଅର୍ଥନୈତିକ କ୍ଷେତ୍ର ନୁହେଁ, ବରଂ ଏହା ଓଡ଼ିଆ ସଂସ୍କୃତିର ଜୀବନ୍ତ ପ୍ରତୀକ । ଅତୀତରେ ଓଡ଼ିଆ ବଣିକ ଉତ୍କଳର ବିଭିନ୍ନ ଶିଳ୍ପଜାତ ଦ୍ରବ୍ୟ ନେଇ ଜାଭା, ସୁମାତ୍ରା ଇତ୍ୟାଦି ଦ୍ୱୀପପୁଞ୍ଜକୁ ବେପାର ବଣିଜ ପାଇଁ ଯାଉଥିଲେ । ଏହାହିଁ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ।

କୁଟୀର ଶିଳ୍ପ ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର । ଅନେକ ଗରିବ ଓ ନିମ୍ନ ମଧ୍ୟବର୍ଗୀୟ ପରିବାର ଏହା ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ବିଶେଷକରି ମହିଳାମାନେ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ଘରୋଇ ଶିଳ୍ପରେ ଯୋଗଦେଇ ଆତ୍ମନିର୍ଭର ହେଉଛନ୍ତି । ଏହା ଗ୍ରାମ ଛାଡ଼ି ସହରକୁ ହେଉଥିବା ପ୍ରବାସକୁ କିଛି ପରିମାଣରେ ନିୟନ୍ତ୍ରଣ କରିପାରିଛି । ତଥାପି ଓଡ଼ିଶାର କୁଟୀର ଶିଳ୍ପ ଆଜି ବହୁ ସମସ୍ୟା ସମ୍ମୁଖୀନ । ଆଧୁନିକ ଯନ୍ତ୍ରନିର୍ମିତ ସାମଗ୍ରୀ ସହ ପ୍ରତିଦ୍ୱନ୍ଦ୍ୱିତା, ପୁଞ୍ଜି ଓ ଯଥେଷ୍ଟ ବଜାର ସୁବିଧାର ଅଭାବ, କଞ୍ଚାମାଲର ଦରବୃଦ୍ଧି ଓ ନୂତନ ପିଢ଼ିର ଅନାଗ୍ରହ ଏହାର ଉନ୍ନତିରେ ବାଧକ ସାଜିଛି । ବହୁ ଶିଳ୍ପୀ ସେମାନଙ୍କର ଶ୍ରମର ଯଥୋଚିତ ମୂଲ୍ୟ ପାଉନାହାନ୍ତି । ମଧ୍ୟସ୍ଥି ବ୍ୟବସାୟୀମାନେ ଅଧିକ ଲାଭ ନେଉଥିବା ବେଳେ ପ୍ରକୃତ କାରିଗରମାନେ ପଛରେ ପଡ଼ିଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର କୁଟୀର ଶିଳ୍ପର ଉନ୍ନତି ପାଇଁ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମାଧ୍ୟମରେ କାରିଗରମାନଙ୍କୁ ପ୍ରଶିକ୍ଷଣ, ଆର୍ଥିକ ସହାୟତା, ଡିଜାଇନ୍ ଉନ୍ନତି ଓ ବଜାର ସଂଯୋଗ ଯୋଗାଇ ଦିଆଯାଉଛି । 'ମିଶନ୍ ଶକ୍ତି' ମାଧ୍ୟମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ଓ ବିପଣନ ସହଯୋଗ ମିଳୁଛି । ଓଡ଼ିଶା ରୁରାଲ୍ ଡିଭେଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି(ଓରମାସ୍) ଗ୍ରାମୀଣ ଉତ୍ପାଦକୁ ବଜାର ସୁଯୋଗ ଦେବାରେ ମୁଖ୍ୟ ଭୂମିକା ନେଉଛି । ଏହା ସହ ଡିଜିଟାଲ୍ ବଜାର ଓ ଇ-କମର୍ସ ଓଡ଼ିଶାର କୁଟୀର ଶିଳ୍ପ ପାଇଁ ନୂଆ ଦ୍ୱାର ଖୋଲିଛି । ଆଜି ପଟ୍ଟଚିତ୍ର କିମ୍ବା ସମ୍ବଲପୁରୀ ଶାଢ଼ି ବିଦେଶରେ ମଧ୍ୟ ଚାହିଦା ସୃଷ୍ଟି କରୁଛି । ଯଦି ସରକାର, ବେସରକାରୀ ସଂସ୍ଥା ଓ ସମାଜ ମିଶି ଶିଳ୍ପୀମାନଙ୍କୁ ଉତ୍ସାହ ଓ ସୁରକ୍ଷା ଦେଇପାରନ୍ତି, ତେବେ କୁଟୀର ଶିଳ୍ପ ଓଡ଼ିଶାର ଅର୍ଥନୀତିରେ ଏକ ବଡ଼ ଶକ୍ତି ହୋଇପାରିବ । ସର୍ବୋପରି, କୁଟୀର ଶିଳ୍ପର ସୁରକ୍ଷା ଅର୍ଥ ହେଉଛି ଆମ ସଂସ୍କୃତି, ପରମ୍ପରା ଓ ଗ୍ରାମୀଣ ଜୀବନର ସୁରକ୍ଷା । ଏହାକୁ କେବଳ ଏକ ବ୍ୟବସାୟ ଭାବେ ନୁହେଁ, ବରଂ ଓଡ଼ିଶାର ଆତ୍ମପରିଚୟ ଭାବେ ଦେଖିବା ଆବଶ୍ୟକ । ଯଥୋଚିତ ନୀତି, ଆଧୁନିକ ପ୍ରଯୁକ୍ତି ଓ ବଜାର ସୁଯୋଗ ସହିତ କୁଟୀର ଶିଳ୍ପର ଭବିଷ୍ୟତ ନିଶ୍ଚୟ ଉଜ୍ୱଳ ହୋଇପାରିବ ।

କୃଷିପ୍ରଧାନ ରାଜ୍ୟ ଓଡ଼ିଶାର ବହୁତ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ଉପରେ ନିର୍ଭରଶୀଳ । କିନ୍ତୁ କୃଷକମାନେ ଆଜି ମୂଲ୍ୟ ଅସ୍ଥିରତା, ମଧ୍ୟସ୍ଥଙ୍କ ଶୋଷଣ, ଉତ୍ପାଦ ସଂରକ୍ଷଣ ଅଭାବ ଓ ବଜାର ସମସ୍ୟା ଭଳି ଅନେକ ସମସ୍ୟାର ସମ୍ମୁଖୀନ । ଏହି ପରିପ୍ରେକ୍ଷୀରେ କୁଟୀର ଶିଳ୍ପ କୃଷିକୁ ନୂଆ ଶକ୍ତି ଦେଇପାରିବ । କୃଷକମାନେ କେବଳ ପ୍ରାଥମିକ ଉତ୍ପାଦ ବିକ୍ରୟ କଲେ କମ ଲାଭ ପାଆନ୍ତି । କୁଟୀର ଶିଳ୍ପ ମାଧ୍ୟମରେ ଧାନରୁ ଚୁଡ଼ା, ମୁଢ଼ି, ଚାଉଳ ଗୁଣ୍ଡ; ଆମ୍ବରୁ ଆଚାର ଓ ଜାମ; ହଳଦୀରୁ ଗୁଣ୍ଡ; ଲଙ୍କାରୁ ପ୍ୟାକେଟ ମସଲା ଇତ୍ୟାଦି ତିଆରି କଲେ ଅଧିକ ଲାଭ ମିଳିପାରିବ । ଏହିପରି ଦ୍ୱିତୀୟକ କୃଷି ହିସାବରେ କୃଷି ସଂସାଧନ ଅଧିକ ଲାଭଦାୟକ ହୋଇପାରୁଛି । କୁଟୀର ଶିଳ୍ପ ଗ୍ରାମ ଅଞ୍ଚଳରେ ଛୋଟ ଛୋଟ ଉଦ୍ୟୋଗ ସୃଷ୍ଟି କରେ । ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଯୁବକ ଓ କ୍ଷୁଦ୍ର କୃଷକମାନେ ଏଥିରେ ଜଡ଼ିତ ହୋଇ ଅତିରିକ୍ତ ଆୟ କରିପାରିବେ । ଏଥିରେ ସହରମୁଖୀ ପ୍ରବାସ ମଧ୍ୟ କମିବ ।

ଓଡ଼ିଶାରେ ବହୁ ସମୟରେ ଫଳ ଓ ପରିବା ନଷ୍ଟ ହୋଇଯାଏ । କୁଟୀର ଶିଳ୍ପ ମାଧ୍ୟମରେ ଶୁଖିଲା ପରିବା, ଆଚାର, ପାମ୍ପଡ଼, ଫଳ ରସ ଓ ଜାମ ଇତ୍ୟାଦି ପ୍ରସ୍ତୁତ କଲେ ଉତ୍ପାଦ ଦୀର୍ଘଦିନ ସଂରକ୍ଷିତ ହୋଇପାରିବ । ଆଜିକାଲି ଓଡ଼ିଶାର ବହୁ କୃଷକ ପୁଷ୍ଟିଶସ୍ୟ, କାନ୍ଦୁଲ, ମାଣ୍ଡିଆ, ଜୈବିକ ହଳଦୀ, ଜୈବିକ ଚାଉଳ ଓ ଜଙ୍ଗଲ ଉତ୍ପାଦକୁ ଆଧାର କରି କୁଟୀର ଶିଳ୍ପ ଆରମ୍ଭ କରିବା ପଇଁ ଆଗ୍ରହୀ ହେଲେଣି । ସୁନ୍ଦର ପ୍ୟାକେଜିଂ ଓ ବ୍ରାଣ୍ଡିଂ ମାଧ୍ୟମରେ ଏହାକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରକୁ ପହଞ୍ଚାଇପାରିବ । ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ଖାଦ୍ୟ ପ୍ରକ୍ରିୟାକରଣ, ମସଲା ପ୍ୟାକିଂ, ହସ୍ତଶିଳ୍ପ ଓ ଦୁଗ୍ଧ ଉତ୍ପାଦ ତିଆରିରେ ଅଂଶ ନେଇ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ । ଓଡ଼ିଶାରେ ଭୌଗୋଳିକ ସୂଚକ ବା ଜିଆଇ ଟ୍ୟାଗ ପ୍ରାପ୍ତ କୁଟୀର ଶିଳ୍ପଗୁଡ଼ିକ ଓଡ଼ିଶାର ପାରମ୍ପରିକ କୌଶଳ, ସ୍ଥାନୀୟ ପରିଚୟ ଓ ଗ୍ରାମୀଣ ଜୀବିକାକୁ ସୁରକ୍ଷିତ କରିବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ଜାପାନରେ କୁଟୀର ଶିଳ୍ପଦ୍ୱାରା ଗ୍ରାମାଞ୍ଚଳର ବିକାଶ ହୋଇ ପାରିଥିଲା ଏବଂ ଏଥିରେ ବହୁ କୃଷକ ଉପକୃତ ହୋଇଥିଲେ । ବର୍ତ୍ତମାନ ଶିଳ୍ପ କ୍ଷେତ୍ରରେ ବହୁତ ଅଗ୍ରଗତି ହୋଇଥିଲେ ମଧ୍ୟ ସାଂସ୍କୃତିକ ସଂରକ୍ଷଣ ପାଇଁ ବହୁ କୁଟୀର ଶିଳ୍ପ ଏଯାଏଁ ସେ ଦେଶରେ ବଞ୍ଚି ରହିଛି । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ପାରିବାରିକ ସ୍ତରରେ କୁଟୀର ଶିଳ୍ପ ଏକ ରୋଜଗାରରେ ଉତ୍ତମ ପନ୍ଥା ଥିଲା । ସହରର ବ୍ୟବସାୟୀ ଗ୍ରାମକୁ ଯାଇ ଘରେ ଘରେ କଞ୍ଚାମାଲ ପହଞ୍ଚାଇ ଦେଉଥିଲେ ଏବଂ କୁଟୀର ଶିଳ୍ପ ଜାତ ଦ୍ରବ୍ୟ ସଂଗ୍ରହ କରି ଆଣୁଥିଲେ । ଏହି ହିସାବରେ ଟସର ଶିଳ୍ପ ଗ୍ରାମଗୁଡ଼ିକରେ ଗଢ଼ି ଉଠୁଥିଲା । ଏହି ଧାରାରେ ଓଡ଼ିଶାର କୁଟୀର ଶିଳ୍ପର ବିକାଶ ହୋଇପାରିବ । କୃଷି ଓ କୁଟୀର ଶିଳ୍ପ ପରସ୍ପରକୁ ଶକ୍ତି ଦେଇଥାଏ । କୃଷି ଉତ୍ପାଦକୁ ଆଧାର କରି ଗ୍ରାମୀଣ କୁଟୀର ଶିଳ୍ପର ବିକାଶ କଲେ କୃଷକଙ୍କ ଆୟ ବଢ଼ିବ, ଗ୍ରାମ ଅର୍ଥନୀତି ସୁଦୃଢ଼ ହେବ ଓ ଓଡ଼ିଶା ଆତ୍ମନିର୍ଭର ହେବ । କୁଟୀର ଶିଳ୍ପକୁ ସଫଳ କରିବା ପାଇଁ ସରକାରଙ୍କୁ ସହଜ ଋଣ, ପ୍ରଶିକ୍ଷଣ, ଶୀତଳଭଣ୍ଡାର, ବଜାର ସୁବିଧା ଓ ଅନଲାଇନ ବିକ୍ରୟ ବ୍ୟବସ୍ଥା ଯୋଗାଇବା ଦରକାର ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦ ।

# ଷୋହଳ ଶାସନରେ ନୃସିଂହ ଉପାସନା

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଅରିଜିତ ମିଶ୍ର

ମହାପ୍ରଭୁ ଶ୍ରୀନୃସିଂହଙ୍କର ଉପାସନା ବେଦ ଓ ପୁରାଣ ମତରେ ସତ୍ୟ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ତିଷ୍ଠି ରହିଛି ଏହି ଧରାରେ । ଏଠାରେ ଷୋହଳ ଶାସନ କହିଲେ ଷୋହଳ ଗୋଟି ବ୍ରାହ୍ମଣ ଶାସନ, ଯାହାକି ଶ୍ରୀକ୍ଷେତ୍ର ସନ୍ନିକଟ ପଞ୍ଚକୋଷୀ ମଧ୍ୟରେ ପରିବେଷ୍ଟିତ । ଏହି ଶାସନଗୁଡ଼ିକ ସୂର୍ଯ୍ୟବଂଶୀ ରାଜାମାନଙ୍କଠାରୁ ଆରମ୍ଭ କରି ଭୋଇବଂଶର ଗଜପତି ମହାରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ମାଦଳା ପାଞ୍ଜିରେ ଲିପିବଦ୍ଧ । ଏହି ଶାସନ-ଗ୍ରାମଗୁଡ଼ିକ ଶ୍ରୀମନ୍ଦିରରେ ଥିବା ମୁକ୍ତିମଣ୍ଡପର ଅଧିକାରୀ ଏବଂ ମହାପ୍ରଭୁ ଶ୍ରୀଲକ୍ଷ୍ମୀନୃସିଂହ ହେଉଛନ୍ତି ଏହି ମୁକ୍ତିମଣ୍ଡପର ଇଷ୍ଟଦେବତା ।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମ, ଯିଏ କି ସର୍ବଦେବାଦେବୀଙ୍କ ସମାହାର । ତେଣୁ ଯଥାର୍ଥରେ କୁହାଯାଇଛି- 'ସର୍ବ ରହସ୍ୟମ ପୁରୁଷୋତ୍ତମସ୍ୟ ଦେବାଃ ନଜାନନ୍ତି କୁତଃ ମନୁଷ୍ୟା ।' ଆମର କିମ୍ବଦନ୍ତୀ କୁହେ ବ୍ରହ୍ମା ଯେତେବେଳ ଶ୍ରୀମନ୍ଦିର ଓ ଦେବତା ପ୍ରତିଷ୍ଠା କରିଥିଲେ ସେହି ସମୟରେ ମହାପ୍ରଭୁ ଶ୍ରୀନୃସିଂହ ଯଜ୍ଞର ଅଗ୍ନିରୁ ଉତ୍ପନ୍ନ ହେଲେ । ତାଙ୍କର ସେହି ଦିବ୍ୟ ବିକଟାଳ ରୂପ ଦେଖି ସମସ୍ତେ ଭୟରେ କମ୍ପମାନ ହେଲେ । ତେଣୁ ମହାପ୍ରଭୁଙ୍କର ସେହି ନୃସିଂହ ରୂପ ଅଦ୍ୟାବଧି ଆଦିନୃସିଂହ ନାମରେ ଗୁଣ୍ଡିଚା ମନ୍ଦିର ନିକଟରେ ଏକ ଭବ୍ୟ ମନ୍ଦିରରେ ଅଧିଷ୍ଠିତ । ଯେହେତୁ ଆଦିନୃସିଂହ ରୂପରେ ମହାପ୍ରଭୁ ଆବିର୍ଭାବ ହୋଇଥିଲେ, ଶ୍ରୀମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତିଙ୍କର ନବକଳେବର ସମୟରେ ନୃସିଂହ ମନ୍ତ୍ରରେ ଯଜ୍ଞରେ ଆହୁତି ଦିଆଯାଇ ଦାରୁ ଛେଦନ କରାଯାଏ । ତତ୍‌ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପ୍ରାଣପ୍ରତିଷ୍ଠା ସେହି ନୃସିଂହ ମନ୍ତ୍ରରେ କରାଯାଇଥାଏ । ଏତଦ୍‌ବ୍ୟତୀତ ପ୍ରତିବର୍ଷ ରଥଯାତ୍ରାରେ ରଥ ପ୍ରତିଷ୍ଠା ନୃସିଂହ ମନ୍ତ୍ରରେ ଆହୁତି ପ୍ରଦାନ କରି କରାଯାଇଥାଏ । ତେଣୁ ଶ୍ରୀକ୍ଷେତ୍ରକୁ 'ନୃସିଂହ କ୍ଷେତ୍ର' ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ନୃସିଂହତାପିନୀ ଉପନିଷଦରୁ ଉଦ୍ଧୃତ ଶ୍ରୀଲକ୍ଷ୍ମୀନୃସିଂହଙ୍କର ଧ୍ୟାନମନ୍ତ୍ରଟି ହେଉଛି- ଓଁ ସତ୍ୟ ଜ୍ଞାନ ସୁଖ ସ୍ୱରୂପ ମମଳମ୍ କ୍ଷୀରାବ୍ଧି ମଧ୍ୟ ସ୍ଥିତମ୍ / ଯୋଗାରୁଢ଼ମତି ପ୍ରସନ୍ନବଦନମ୍ ଭୂଷାସହସ୍ରୋଜ୍ଜ୍ୱଳମ୍ / ତ୍ରକ୍ଷମ୍ ଚକ୍ରମ୍ ପିନାକ ସାଭୟବରାନ୍ ବିଭ୍ରାଣମର୍କ ଛବିମ୍ / ଛତ୍ରୀଭୂତ ଫଣିନ୍ଦ୍ରମିନ୍ଦୁ ଧବଳମ୍ ଲକ୍ଷ୍ମୀନୃସିଂହମ୍ ଭଜେ ।'

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମୁଖ୍ୟକର୍ମଗୁଡ଼ିକ ଯେହେତୁ ନୃସିଂହ ମନ୍ତ୍ରରେ ହୁଏ ଏବଂ ସେହି କର୍ମଗୁଡ଼ିକ ଷୋହଳ ଶାସନର ସ୍ତୋତ୍ରିୟ ବ୍ରାହ୍ମଣମାନଙ୍କ ଦ୍ୱାରା ହେଉଥିବାରୁ ମହାପ୍ରଭୁ ଶ୍ରୀନୃସିଂହଙ୍କର ଉପାସନା ଏହି ଷୋହଳ ଶାସନ ବ୍ରାହ୍ମଣ ପରିବାରମାନଙ୍କରେ ଦେଖିବାକୁ ମିଳିଥାଏ । ସାଧାରଣତଃ କିଛି ପରିବାର ସଂପୂର୍ଣ୍ଣ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଲକ୍ଷ୍ମୀନୃସିଂହ ରୂପେ ପୂଜା କରିଆସୁଛନ୍ତି । ଯେପରିକି ନୃସିଂହ ହେଲେ ଶ୍ରୀଜଗନ୍ନାଥ, ଲକ୍ଷ୍ମୀ ହେଲେ ମାଆ ସୁଭଦ୍ରା, ଶ୍ରୀବଳଭଦ୍ର ହେଲେ ଅନନ୍ତ ଶେଷନାଗ ଏବଂ ସୁଦର୍ଶନଙ୍କୁ ନିଜେ ମହାପ୍ରଭୁ ନୃସିଂହ ରୂପରେ ଧାରଣ କରିଥା'ନ୍ତି । ଏଠାରେ ନୃସିଂହ ଉପାସନାର ତଥ୍ୟ କିଛି ଶାସନଗ୍ରାମର ସ୍ତୋତ୍ରୀୟ ବ୍ରାହ୍ମଣ ପରିବାରର ଗୋତ୍ର ଏବଂ ସାଙ୍ଗିଆକୁ ନେଇ ହସ୍ତଗତ ହୋଇଛି । ଯଥା- 'ବୀର ନରସିଂହପୁର ଶାସନ - କୌତ୍ସସ ମିଶ୍ର, ଭରଦ୍ୱାଜ ମିଶ୍ର ଓ ଗୌତମ ହୋତା । ବୀର ବଳଭଦ୍ରପୁର ଶାସନ - ଭରଦ୍ୱାଜ ମିଶ୍ର । ବାସୁଦେଇପୁର ଶାସନ - କାଶ୍ୟପ ଉପାଧ୍ୟାୟ । ପ୍ରତାପ ରାମଚନ୍ଦ୍ରପୁର ଶାସନ - ଭରଦ୍ୱାଜ ମିଶ୍ର । ବୀର ପ୍ରତାପପୁର ଶାସନ - କୌତ୍ସସ ମିଶ୍ର । ଗୋପୀନାଥପୁର ଶାସନ - କୌତ୍ସସ ମିଶ୍ର । କପିଳେଶ୍ୱରପୁର ଶାସନ - କାଶ୍ୟପ ତ୍ରିପାଠୀ । ଶ୍ରୀରାମଚନ୍ଦ୍ରପୁର ଶାସନ - ଭରଦ୍ୱାଜ ମହାପାତ୍ର, କୌତ୍ସସ ମିଶ୍ର । ବୀର ରାମଚନ୍ଦ୍ରପୁର ଶାସନ - ଭରଦ୍ୱାଜ ମିଶ୍ର । ଶ୍ରୀପୁରୁଷୋତ୍ତମପୁର ଶାସନ - ଭରଦ୍ୱାଜ ମିଶ୍ର ।

ସାଧାରଣତଃ ପ୍ରତିବର୍ଷ ବୈଶାଖ ମାସ ଶୁକ୍ଳପକ୍ଷ ନୃସିଂହ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ଶ୍ରୀଲକ୍ଷ୍ମୀନୃସିଂହଙ୍କର ପୂଜା ଉପରୋକ୍ତ ବ୍ରାହ୍ମଣ ପରିବାରରେ କରାଯାଇଥାଏ । ସକାଳ ଧୂପରେ ପଞ୍ଚ ଉପଚାର ପୂଜା କରାଯାଇ ଖେଚୁଡ଼ି ପ୍ରସାଦ ମହାପ୍ରଭୁଙ୍କୁ ସମର୍ପଣ କରାଯାଇଥାଏ । ନୃସିଂହ ପୁରାଣ ମତରେ ଯେହେତୁ ମହାପ୍ରଭୁ ଆବିର୍ଭାବ ସନ୍ଧ୍ୟା ସମୟରେ ହୋଇ ଦୈତ୍ୟ ହିରଣ୍ୟକଶିପୁକୁ ବଧ କରିଥିଲେ, ତେଣୁ ପ୍ରତ୍ୟେକଙ୍କ ଗୃହରେ ସନ୍ଧ୍ୟା ସମୟରୁ ବିଶଦ ଭାବେ ଷୋଡ଼ଶ ଉପଚାରରେ ପୂଜା ଆରମ୍ଭ ହୋଇ ରାତ୍ରରେ ଶେଷ ହୋଇଥାଏ । ରାତ୍ର ଧୂପର ପ୍ରସାଦ ରୂପରେ ମୁଖ୍ୟତଃ ପଇଡ଼, ପାଟକପୁରା କଦଳୀ, ପଣସ, ଆମ୍ବ, ତାଳ, ସପୁରୀ ଆଦି ଋତୁ ଫଳ ସହିତ ଚୁଡ଼ାଘଷା, ସୁଜି କ୍ଷୀରି, କାକରା, ମାଣ୍ଡୁଅ, ଖଜା, ଉଖୁଡ଼ା ଏବଂ ପଣା ଆଦି ଭୋଗ ଅର୍ପଣ କରାଯାଏ ମହାପ୍ରଭୁ ଶ୍ରୀଲକ୍ଷ୍ମୀନୃସିଂହଙ୍କ ନିକଟରେ ।

ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରର ଚତୁଃପାର୍ଶ୍ୱରେ ଅନେକ ସ୍ଥାନରେ ନୃସିଂହ ମନ୍ଦିର ଏବଂ ମନ୍ଦିର କାନ୍ଥରେ ନୃସିଂହ ମୂର୍ତ୍ତି, ତତ୍‌ସହିତ ଶ୍ରୀମନ୍ଦିର ନିକଟସ୍ଥ ଅନେକ ସାହିମାନଙ୍କର ଦୁଆର କାନ୍ଥ, ଶ୍ରୀକ୍ଷେତ୍ରର ଅନେକ ମଠ ଏବଂ ଜାଗାଘରମାନଙ୍କରେ ଲକ୍ଷ୍ମୀନୃସିଂହଙ୍କର ଉପାସନା ଦେଖିବାକୁ ମିଳେ । ଏଥିରୁ ଅନୁମେୟ ଯେ ପୁରାକାଳରୁ ଆମ ପୂର୍ବପୁରୁଷ ନୃସିଂହ ଉପାସନା ସହିତ ଓତପ୍ରୋତ ଭାବେ ଜଡ଼ିତ । ଆଚାର୍ଯ୍ୟ ଶ୍ରୀଶ୍ରୀଧର ସ୍ୱାମୀଙ୍କର ପ୍ରଣୀତ ଶ୍ରୀମଦ୍ ଭାଗବତ ଟୀକାରେ ମହାପ୍ରଭୁ ଶ୍ରୀନୃସିଂହଙ୍କର ବନ୍ଦନାରେ ଲିଖିତ- 'ବାଗିଶା ଯସ୍ୟ ବଦନେ ଲକ୍ଷ୍ମିର୍ଯସ୍ୟ ଚ ବକ୍ଷସି / ଯସ୍ୟାସ୍ତେ ହୃଦୟେ ସମ୍ବିତ୍ ତମ୍ ନୃସିଂହ ମହମ୍ ଭଜେ ।'

(ଅଧ୍ୟାପକ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ)
ବାଙ୍କୀ, ମୋ: ୯୦୪୦୩୫୦୦୮୯ ।



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାହୁଡ଼ିଲେ ମହାବାହୁ...

ଜିଲ୍ଲାର ଅଭିରାମ ଦାସ (୫୭) ନାମକ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି।

ଆଷାଢ ମାସ ଶୁକ୍ଳ ଦଶମୀ। ଏହି ପବିତ୍ର ତିଥିରେ ଅନୁଷ୍ଠିତ ହୋଇଛି ବାହୁଡ଼ା ଯାତ୍ରା। ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ଫେରାଇ ନେବା ଲାଗି ବଡ଼ଦାଣ୍ଡରେ ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ। ସେପଟେ ଗୁଣ୍ଡିଚା ମନ୍ଦିରରେ ନୀତିକାନ୍ତି ବି ସଅଳ ଚାଲିଥିଲା। କୁସୁମୀ ଲାଗି ସାରି ଦଇତାପତିମାନେ ଶୁକ୍ରବାର ସକାଳ ୮ଟା ୧୦ରେ ବାହାରିଥିଲେ। ଏହାପରେ ୮ଟା ୨୫ରେ ମଙ୍ଗଳ ଆଳତି ହୋଇ ପୂର୍ବାହ୍ନ ୧୦ଟା ୨୦ ସୁଦ୍ଧା ଠାକୁରଙ୍କ ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଏବଂ ସକାଳ ଧୂପ ସରିଥିଲା। ସକାଳ ଧୂପରେ ମହାପ୍ରଭୁ ଖେଚୁଡ଼ି ଖାଇଥିଲେ। ୧୦ଟା ୩୫୦ରେ ମଙ୍ଗଳାର୍ପଣ ହୋଇଥିଲା। ଆଉ ନିର୍ଦ୍ଧାରିତ ସମୟ (ମଧ୍ୟାହ୍ନ ୧୨ଟା) ର ୧ଘଣ୍ଟା ୧୦ମିନିଟ୍ ପୂର୍ବରୁ ଅର୍ଥାତ୍ ପୂର୍ବାହ୍ନ ୧୦ଟା ୫୦ରେ ବାଜିଥିଲା ବିଜେ କାହାଳୀ। ଆରମ୍ଭ ହୋଇଥିଲା ଦାରୁବିଗ୍ରହଙ୍କ ପହଣ୍ଡି। ଧାଡି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ ରଥାରୂଢ଼ ହୋଇଥିଲେ। ପରେ ପରେ ବଡଠାକୁର ବଳଭଦ୍ର, ହଳଦୀମୁଖି ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୁଢ ହୋଇଥିଲେ। ଅପରାହ୍ନ ୨ଟା ୧୫ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା। ଅଝଟ ନ ହୋଇ ସଅଳ ସଅଳ ରଥକୁ ବିଜେ କରିଥିଲେ ଠାକୁର। ଅପରାହ୍ନ ୨ଟା ୩୫ରେ ସୁଦ୍ଧା ଠାକୁରଙ୍କ ରୁନ୍ଧା ସରିବା ପରେ ୨ଟା ୪୫ରେ ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ କରିଥିଲେ। ଏହାପରେ ରଥାରୂଢ ଠାକୁରଙ୍କୁ ପୁଷ୍ପାଳକ ସେବକମାନେ ବେଶରେ ସୁସଜ୍ଜିତ କରାଇଥିଲେ। ବେଶ ବଢିବା ପରେ ଛେରାପହଁରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମଯାନରେ ଆସି ଶରଧାବାଲିସ୍ଥିତ ରଥ ନିକଟରେ ପହଞ୍ଚିଥିଲେ। ଆରମ୍ଭ ହୋଇଥିଲା ଛେରାପହଁରା। ତିନିରଥରେ ଗଜପତି ସୁନାବେଣ୍ଟ ଲଗା ଖଡ଼ିକାରେ ଛେରାପହଁରା କରିଥିଲେ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ଛେରାପହଁରା କରିଥିଲେ ଗଜପତି। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ପାଇଁ ସମୟ ନିର୍ଘଣ୍ଟ ଥିବାବେଳେ ୫୦ ମିନିଟ୍ ବିଳମ୍ବ ଅର୍ଥାତ୍ ଅପରାହ୍ନ ୪ଟା ୨୦ ମଧ୍ୟରେ ଶେଷ ହୋଇଥିଲା। ତାଳଧ୍ୱଜ ରଥରେ ଛେରାପହଁରା ସରିବା ପରେ ଏହି ରଥରୁ ଚାରମାଳ ଫିଟା ହୋଇ ଘୋଡ଼ା ଲାଗିଥିଲେ। ପରେ ପରେ ନନ୍ଦିଘୋଷ ଏବଂ ଦେବଦଳନ ରଥରୁ ଚାଳମାଳ ଫିଟା ଯିବା ସହ ଘୋଡ଼ା ଲାଗି ହୋଇଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ କରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଅଧଘଣ୍ଟା ଅର୍ଥାତ୍ ସାଢେ ୪ଟାରେ ଆରମ୍ଭ ହୋଇଥିଲା ରଥଟଣା। ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଯାଇଥିଲା। ପରେ ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା। ଲକ୍ଷ ଲକ୍ଷ ଭକ୍ତ ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ।

ମାଉସୀ ମା' ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ସେଠାରେ ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା। ମାଉସୀ ମା'ର ପୋଡ଼ପିଠା ଖାଇ ଠାକୁରମାନେ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲେ। ପ୍ରଥମେ ତାଳଧ୍ୱଜ ରଥ ଏବଂ ପରେ ଦର୍ପଦଳନ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ରିପୋର୍ଟ ପ୍ରସ୍ତୁତି ବେଳକୁ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ରାତି ପ୍ରାୟ ସାଢେ ୯ଟାରେ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ଚାଲିଥିଲା। ଏହି ନୀତି ପରେ ପୁନଶ୍ଚ ନନ୍ଦିଘୋଷ ରଥ ଟଣାଯାଇ ସିଂହଦ୍ୱାରକୁ ନିଆଯିବ।

## ଏନ୍‌ଟିଏର ୪...

ଅସନ୍ତୋଷ ଦେଖାଦେଇଥିଲା। ଏନ୍‌ଟିଏ ପ୍ରତିବର୍ଷ ନିଟ୍, ଜେଇଇ ଏବଂ ସିୟୁଇଟି ଭଳି ପ୍ରାୟ ୧୫ ରୁ ୨୦ଟି ବଡ଼ ଜାତୀୟସ୍ତରର ପରୀକ୍ଷା ପରିଚାଳନା କରିଥାଏ। ଉଲ୍ଲେଖଯୋଗ୍ୟ, ଗତକାଲି କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟରେ ଏକ ବଡ଼ ଧରଣର ପ୍ରଶାସନିକ ଅଦଳବଦଳ କରାଯାଇଛି। ବରିଷ୍ଠ ଆଇଏଏସ୍ ଅଧିକାରୀ ନରେଶ ପାଲ୍ ଗାଙ୍ଗୱାରଙ୍କୁ ଉଚ୍ଚ ଶିକ୍ଷା ବିଭାଗର ନୂତନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ ସଚିବ ବିନୀତ ଯୋଶୀଙ୍କୁ ତାଙ୍କ ପଦବୀରୁ ହଟାଇ ପଞ୍ଚାୟତିରାଜ ମନ୍ତ୍ରଣାଳୟର ସଚିବ ଭାବେ ବଦଳି କରାଯାଇଛି।

## ୧୦ ବର୍ଷ ଜେଲ୍...

କୋଟି ଟଙ୍କାର ଜରିମାନା ସ୍ଥିର କରାଯାଇଛି। ଗୋପନୀୟତା ରକ୍ଷା କରିବାରେ ବିଫଳ ହେଉଥିବା ସଂସ୍ଥାଗୁଡ଼ିକ ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଲଗାଯାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ରାତିରେ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ, ପ୍ରଶ୍ନପତ୍ର ପ୍ରକାଶ କୌଣସି ସାଧାରଣ ଘଟଣା ନୁହେଁ, ଏହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ପାଇଁ ଅତ୍ୟନ୍ତ କଷ୍ଟଦାୟକ। ଛାତ୍ରଛାତ୍ରୀଙ୍କ ଗୋଟିଏ ବର୍ଷ ଯେପରି ନଷ୍ଟ ନହୁଏ, ସେଥିପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ସଂଶୋଧନ ବିଲ୍ ସୋମବାର ସଂସଦର ଲୋକସଭାରେ ଆଗତ କରାଯିବ। ଅନ୍ୟପଟେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଦୋହରାଇଛନ୍ତି। ସରକାରଙ୍କ ଏହି କଠୋର ଆଇନଗତ ପଦକ୍ଷେପ ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଫେରାଇ ଆଣିବାରେ କେତେ ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଲା।

## ୨୪ ଘଣ୍ଟାର...

ଦେଇନଥିଲେ। ତେବେ ସିଜେପିର ସର୍ତ୍ତ ଥିଲା ଯେ ସେମାନେ କୌଣସି ମନ୍ତ୍ରୀଙ୍କ ବାସଭବନ କିମ୍ବା କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଯିବେ ନାହିଁ। ନିରପେକ୍ଷ ସ୍ଥାନ କିମ୍ବା ଜନ୍ତର-ମନ୍ତରରେ ବୈଠକ ହେଲେ ସେମାନେ ଆଲୋଚନା କରିବେ ବୋଲି ସଂଗଠନ ସ୍ପଷ୍ଟ କରିଥିଲା। ଏହାପରେ ଶୁକ୍ରବାର ସକାଳେ ଜନ୍ତର-ମନ୍ତରଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା କନଷ୍ଟିଚ୍ୟୁସନ କ୍ଲବ୍‌ରେ ସିଜେପିର ପ୍ରବକ୍ତା ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କ ସହ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏବଂ ଜେ.ପି. ନଡ୍ଡାଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଜେ.ପି. ନଡ୍ଡା କହିଥିଲେ ଯେ ସିଜେପି ପକ୍ଷରୁ ଉଠାଯାଇଥିବା ତିନୋଟି ପ୍ରମୁଖ ଦାବି ଓ ପାଞ୍ଚଟି ସୁଧାର ପ୍ରସ୍ତାବ ଉପରେ ସରକାର ଗୁରୁତ୍ୱର ସହ ବିଚାର କରିବେ। ଏଥିପାଇଁ ସରକାର ଆସନ୍ତାକାଲି ପର୍ଯ୍ୟନ୍ତ ସମୟ ମାଗିଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସିଜେପି ପ୍ରବକ୍ତାମାନେ କହିଛନ୍ତି ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗରେ କୌଣସି ପ୍ରକାର ବୁଝାମଣା ହେବ ନାହିଁ। ତେବେ ପ୍ରଦର୍ଶନକାରୀଙ୍କୁ କ୍ଷତିପୂରଣ ପ୍ରଦାନ ଓ ସେମାନଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ପ୍ରସଙ୍ଗରେ ସରକାର ସକାରାତ୍ମକ ସଙ୍କେତ ଦେଇଥିବା ସଂଗଠନ ପକ୍ଷରୁ କୁହାଯାଇଛି।

## ଚଳନ୍ତା ଗାଡ଼ି...

ଯୋଗୁଁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରାଜସ୍ଥାନ, ବିହାର ଏବଂ ଗୁଜରାଟ ସମେତ ଅନେକ ରାଜ୍ୟ ପାଇଁ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଏବଂ ବଜ୍ରପାତର ସତର୍କସୂଚନା ଜାରି କରିଛି। ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆରଏଫ୍) ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

## ୨୮ ଯାଏଁ...

ସମ୍ଭାବନା ରହିଛି ବୋଲି କେନ୍ଦ୍ର କହିଛି। ଅନ୍ୟପଟେ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ବୃଦ୍ଧି ପାଇବା ସହ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୭ ପର୍ଯ୍ୟନ୍ତ ଗଭୀର ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ଏବଂ ସହରାଞ୍ଚଳରେ ରାସ୍ତାଘାଟରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ବିଶେଷ କରି ରାଜଧାନୀ ଭୁବନେଶ୍ୱର ଏବଂ କଟକ ସହରରେ ଟ୍ରାଫିକ୍ ସମସ୍ୟା ଉପୁଜିପାରେ। ଏହାକୁ ଦୃଷ୍ଟିରେ ରଖି ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ବିଭାଗଗୁଡ଼ିକୁ ମଧ୍ୟ ଆଲର୍ଟ ମୋଡ୍‌ରେ ରଖାଯାଇଛି।

## ଓଡ଼ିଶାରେ ନୂଆ...

ମାଧ୍ୟମରେ ଆମ ଓଡ଼ିଶାର ୬,୦୦୦ ରୁ ଅଧିକ ଉଚ୍ଚ ଶିକ୍ଷିତ ଏବଂ କୁଶଳୀ ଯୁବକ-ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ। ଏହି ଦୁଇଟି ପ୍ରକଳ୍ପରେ ଆସନ୍ତା ୫ ବର୍ଷରେ ପ୍ରାୟ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ପୂର୍ବରୁ ଆମେ ବିଦେଶୀ ଏଆଇ ଉପରେ ନିର୍ଭର କରୁଥିଲୁ, କିନ୍ତୁ ଆଜି ଆମର ସ୍ୱଦେଶୀ ଏଆଇ 'ସର୍ଭମ', ବିଶ୍ୱର ଯେକୌଣସି ଟେକ୍ନୋଲୋଜି ସହ ସମକକ୍ଷ ହୋଇପାରିଛି। ଆଗାମୀ ଦିନରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର କରାଯିବ। ଓଡିଶାରେ ଏହି ଏଆଇ ପାର୍କ ଓ ଡାଟା ସେଣ୍ଟର ପ୍ରତିଷ୍ଠା ହେବା ଫଳରେ ଓଡିଶାରୁ ହିଁ ଓଡିଆ ସହିତ ବିଭିନ୍ନ ଭାରତୀୟ ଭାଷାରେ କୃତ୍ରିମ ବୁଦ୍ଧିମତାର ସେବା ଉପଲବ୍ଧ ହୋଇପାରିବ।

ଏହି ଅବସରରେ, ଓଡ଼ିଶାରେ ନିବେଶ କରିବା ପାଇଁ ଏଚସିଏଲ୍ ପ୍ରଯୁକ୍ତିବିଦ୍ୟା ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏଚସିଏଲ୍ ଚେୟାରପର୍ସନ୍ ରୋଶନୀ ନାଦର ମାଲହୋତ୍ରା ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏଚସିଏଲ୍ ରାଜ୍ୟରେ ନିଜର ଆଗାମୀ ନିବେଶ ଯୋଜନା ଆରମ୍ଭ କରିବାକୁ ଯାଉଛି। ନିକଟରେ ଓଡ଼ିଶାରେ ସଫଳତାର ସହ ଆୟୋଜିତ ହୋଇଥିବା ଏଆଇ ସମ୍ମିଳନୀ ପ୍ରମାଣିତ କରିଛି ଯେ ରାଜ୍ୟ କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ସମର୍ଥ ଓ ପ୍ରସ୍ତୁତ ରହିଛି। ଏହି ଅବସରରେ ସେ ଓଡ଼ିଶାରେ ଏକ ସ୍ୱତନ୍ତ୍ର 'ଏଆଇ ପାର୍କ' ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିବା ସହ ଏହା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ, ଏଚସିଏଲ ଟେକର ସିଇଓ ବିଜୟକୁମାର, ସର୍ଭମ ଏଆଇର ସିଇଓ ପ୍ରତ୍ୟୁଷ କୁମାର, ଶିଳ୍ପ ଓ ଶିକ୍ଷା ଜଗତର ବିଶିଷ୍ଟ ବ୍ୟକ୍ତିବୃନ୍ଦ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବାଘ ସହ...

ମାନବିକତା ଭୁଲି ସାଲାଇନ ଦେବା, ଆଶୁଚିକିତ୍ସା କରିବା ବଦଳରେ ଆଉଟଡୋର ଟିକଟରେ ରେଫର କରିବା ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବାଲେଶ୍ୱର ମେଡିକାଲ କଲେଜକୁ ସୁନୀଲଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ନେଇ ବାଲେଶ୍ୱର ଡିଏଫ୍ଓଙ୍କୁ ଯୋଗାଯୋଗ କରିବାପରେ ବାଘ ଆକ୍ରମଣ ଘଟଣାକୁ ସ୍ୱୀକାର କରିଥିଲେ। ତେବେ କୁଳଡିହାରେ ବାଘ ରହିଥିବା ସନ୍ଦେହ ଦୂର ହୋଇଥିବା ବେଳେ ଆକ୍ରମଣ କରିଥିବା ବାଘଟି ଅଭୟାରଣ୍ୟର ନା ମହାରାଷ୍ଟ୍ରରୁ ଆଣି ଶିମିଳିପାଳ ଅଭୟାରଣ୍ୟରେ ଛଡ଼ା ଯାଇଥିବା ବାଘୁଣୀ ଯମୁନା ବୋଲି ଆଲୋଚନା ଚାଲିଛି।

## ଏଥର 'ଫୋର୍ସ ଲେବର'...

ପରେ, ଭାରତ ଜୁନ୍ ୧୪ ରେ ତାର ବୈଦେଶିକ ବାଣିଜ୍ୟ ନୀତି ସଂଶୋଧନ କରିଥିଲା। ଆମେରିକା ବିଶ୍ୱାସ କରିଥିଲା ଯେ ଭାରତ ଶ୍ରମ ଅଧିକାର ମନିଟରିଂ, ନିୟମାବଳୀ ଲାଗୁ କରିବା ଏବଂ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ବୃଦ୍ଧି କରିବା ଦିଗରେ ସକାରାତ୍ମକ ପଦକ୍ଷେପ ନେଇଛି। ଏହି ଆଧାରରେ, ପ୍ରସ୍ତାବିତ ଶୁଳ୍କରେ ୨.୫% ହ୍ରାସ ମଞ୍ଜୁର କରାଯାଇଥିଲା। ତେବେ ୧୦%ଶୁଳ୍କ ଜାରି ରଖିବାର ଅର୍ଥ ହେଉଛି ଭାରତକୁ ସମ୍ପୂର୍ଣ୍ଣ ଛାଡ ମିଳିନାହିଁ। ଏହାର ଅର୍ଥ ହେଉଛି ଯେ ଆମେରିକା ଏବେ ବି ଚାହୁଁଛି ଯେ ଭାରତ ବଳପୂର୍ବକ ଶ୍ରମ ସହିତ ଜଡିତ ଶ୍ରମ ମାନଦଣ୍ଡ ଏବଂ ନିୟମାବଳୀକୁ ଅଧିକ ପ୍ରଭାବଶାଳୀ ଭାବରେ ଲାଗୁ କରୁ। ହେଲେ ୧୨.୫% ପରିବର୍ତ୍ତେ ୧୦% ଶୁଳ୍କ ଭାରତୀୟ ରପ୍ତାନିକାରୀଙ୍କ ଉପରେ ଅତିରିକ୍ତ ଖର୍ଚ୍ଚ ବୋଝକୁ କିଛିଟା ହ୍ରାସ କରିବ।


**FOR SALE**

1 Number of TATA ACE GOLD SCV, Registration No.- OD-22-W-8066Model- 2023, ENGINE NO –700CCDI04DWXS51786, CHASSIS NO - MAT559033PVD21438, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At- Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO-06784-250703.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.17-KUR-TRD-OT-2026-27

**କାର୍ଯ୍ୟର ନାମ :** ଡିପୋଜିଟ୍ ଟର୍ମରେ ସାନକେରେଜଙ୍ଗା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍-କେରେଜଙ୍ଗା ଲାଇନ୍ ନିକଟରେ ନାଲ୍‌କୋ ସାଇଡିଂର ରେଲୱେ ସାଇଡ଼ିଂ ପର୍ଯ୍ୟନ୍ତ ଟେକ୍ ଅଫ୍ ପଏଣ୍ଟର ଇଣ୍ଟରଲକିଂ ନିମନ୍ତେ କେରେଜଙ୍ଗା ଷ୍ଟେସନର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ରେ ରୂପାନ୍ତରଣ ସମ୍ବନ୍ଧୀୟ ଅଗ୍ଜିଲିଆରୀ ଟ୍ରାନ୍ସଫର୍ମର (AT) ର ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ :** ₹7,26,446.79, EMD: ₹14,500.00, ଶେଷ ହେବା ଅବଧି: 180 ଦିନ।

ବିଡିଙ୍ଗ୍ ଆରମ୍ଭ ହେବା ତାରିଖ: 27.07.2026

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 10.08.2026, 13:00 ଘଟିକା।

ବିଡରମାନେ କେବଳ ଶେଷ ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିପାରିବେ। ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହିଭଳି ମିଳିଥିବା ସମସ୍ତ ମାନୁଆଲ ଅଫର ପ୍ରତି ଧ୍ୟାନ ଦିଆଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www. ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ୍

PR-319/R/26-27



[GOVERNMENT OF ODISHA] 34001/530/2627

**OFFICE OF THE SUPERINTENDING ENGINEER, BARAGADA (R&B) DIVISION, BARAGADA**

E-mail - eepwdbgh@gmail.com Phone/Fax-06646-234819

INVITATIONS FOR BIDS (I.F.B.)

e-Procurement Notice

IDENTIFICATION NO. IFB-SE PWD BGH No.05 OF 2026-27

No. 3580, Dated.22.07.2026

1. The Superintending Engineer, Baragada (R&B) Division, Baragada on behalf of Governor of Odisha invites **Percentage Rate** bid in **Single & Double Cover System** in **ONLINE MODE** for the **Civil & E.I. works (Civil+EI+PH) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.
2. No of Civil & E.I. work: – **09 Nos.**
3. Cost of Tender Paper: – **Rs.4,000/-, Rs.6,000/- & Rs.10,000/-**
4. Class of contractor: – **"C", "D", "B" Class Contractor & "HT" Electrical Contractor**
5. Date & Time of available in web site & receipt of Bids: – **11:00 Hrs. of 04.08.2026 to 17:00 Hrs. of 17.08.2026.**
6. Date of opening of Technical Bid: – **18.08.2026 at 11:30 Hrs.**
7. The Bidders have to participate in **ONLINE** bidding only. Further details can be seen from the State Govt. Portal website **https://tendersodisha.gov.in**
8. Any corrigendum / Addendum will be displayed in the website **https://tendersodisha.gov.in** only.

**Superintending Engineer, Baragada (R&B) Division**

OIPR-34001/34039/1/26-27/0003



**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**

Phone No.: 06815-222052 e-Mail: parala.mply@gmail.com

**Expression of Interest (EOI)** 13001/1294/2627

**For Management of Mission Shakti Groups taking up the Initiative on rejuvenation of Waterbodies.**

Letter No. 2738 Date 23.07.2026

Paralakhemundi Municipality, invites Expression of Interest in sealed cover from interested Mission Shakti Group of Ward No-03 (Sadaram Tank) to be engaged on boarding of Women mission Shakti Groups (MSGS) as a implementing agency for Operational & Maintenance of water bodies Rejuvenation initiative . The sealed Expression of interest should be submitted to the Executive Officer Paralakhemundi Municipality on or before date **-01-08-2026**, Time-**5.00** PM by registered/speed post only.

The Technical Bid will be opened on date-**04-08-2026** at **11.00** AM in the EO's Chamber. The sealed envelope should be superscripted with **"EOI for Management of Mission Shakti Groups taking up the Initiative on rejuvenation of Water Bodies"**. The detailed terms and conditions of the Expression of Interest are available in website. http://www.gajapati.odisha.gov.in

**Executive Officer Paralakhemundi Municipality**

OIPR-13001/13145/1/26-27/0006



**OFFICE OF THE NOTIFIED AREA COUNCIL, BALUGAON**

Balugaon, Khordha, Odisha, Pin-752030, Email Id. eonac.balugaon2013@gmail.com

**No. 909 / Dt. 23/07/2026**

E-Procurement Notice 13001/1280/2627

Bid Identification No.Balugaon.04/2026-27

The Executive Officer, NAC BALUGAON, BALUGAON, (Odisha) on behalf of NAC BALUGAON invites item wise Bids/ Expression of Interest (EOI) for **"Supply, Fitting, Fixing & Installation of Decorative Light for Beautification of Chilika Shore in Ward No.02 under Balugaon N.A.C."** from intending Farms, Suppliers, Agencies, Manufacturers & Authorized Dealers for tendering their bids through online mode only.

1. Intending bidders have to participate through **"On-Line"** bidding only via website: **http://www.tendersodisha.gov.in**
2. The bid documents may be submitted online from **10.00 A.M of Dt.24.07.2026 to 5.00 P.M of Dt. 05.08.2026** for online bidding.
3. EOI Identification No.Balugaon.04/2026-27.
4. Last date & time of receipt of Bid through online **Dt.05.08.2026 up to 5.00 P.M.**
5. Bid received via online will be opened at **12.30 P.M. onwards on Dt.06.08.2026.**
6. The bidder must possess compatible Digital Signature Certificate (DSC) of **Class-II or Class-III.**
7. Further detail information any one can visit the e-procurement portal of the Govt. of Odisha i.e. **http://www.tendersodisha.gov.in.** Corrigendum if any shall only be published in above web site.
8. All other details are available in the EOI.

**Executive Officer NAC Balugaon**

OIPR-13001/13148/1/26-27/0002



**PM SHRI SCHOOL JAWAHAR NAVODAYA VIDYALAYA**

AT/PO: TARBHA, DIST. SONEPUR, ODISHA, PIN-767016

Ref. No. F. No. 2.16/JNVTS(O)/2026-27/ Dated: 24.07.2026

**TENDER NOTICE - 03**

Sealed Tenders are invited from the authorized registered Dealers/ Suppliers for supply of various Store items i.e. Grocery items like Arhar Dal, Ghee, Onion, Garlic and Vegetable items as well as other items for the session 2026-27 to PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha). Tender documents and all details can be downloaded with the Google Drive link: **https://drive.google.com/drive/folders/1O4bhUhzDwBrL41glmE7buOmsiGTeobcp?usp=sharing.** The tenders will be received upto **04.08.2026 at 04.30 PM** and opened on **05.08.2026 at 11.00 AM** in the office chamber of Principal by the Purchase Advisory Committee.

**Sd/- Principal**



**TPNODL**

TP NORTHERN ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**TP Northern Odisha Distribution Limited**

**Regd. Off: Corp Office, Januganj, Remuna Golei, Balasore, Odisha-756019**

**CIN No.: U40109OR2021PLC035951; Website: www.tpnodl.com**

**NOTICE INVITING TENDER (NIT), 25th July, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001243 | One-year Rate Contract for conduction of Nukkad Natak and Gram Sabha regarding the awareness of PM Surya Ghar Yojana and ULA model across all operational areas of TPNODL. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**



**CORRIGENDUM-CUM-CANCELLATION NOTICE**

OFFICE OF THE EXECUTIVE ENGINEER 32001/597/2627

PODAGADA DAM DIVISION, KHATIGUDA

UPPER INDRAVATI DAM CIRCLE, KHATIGUDA,

DIST.: NABARANGPUR, PIN-764085

Date: 24.07.2026

It is hereby informed to all the intending bidders and all concerned that the Tender invited vide **e-Tender Call Notice No. EEPDD-01(02)/2026-27, Dated: 06.04.2026** for the work as follows has been cancelled on administrative grounds to avoid future legal complications;

1. **IMPROVEMENT TO BITUMINOUS CONNECTING ROAD FROM KAPUR EARTH DAM TO LEFT DYKE-II THROUGH BARAGUDA VILLAGE U.I.D.C KHATIGUDA.**
2. **IMPROVEMENT OF THE BITUMINOUS INTERCONNECTED ROADS AT D/S AREA (RIGHT FLANK) OF INDRAVATI DAM & GARDEN PREMISES U.I.D.C KHATIGUDA.**

**Sd/- Executive Engineer**

**Podagada Dam Division, Khatiguda**

OIPR-32001/32095/1/26-27/0004



**ପୂର୍ବ ତଟ ରେଳପଥ**

**ସେପ୍ଟେମ୍ବର ଏବଂ ଅକ୍ଟୋବର-2026 ପାଇଁ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

ଇ-ନିଲାମର ଅନୁସୂଚୀ

| ମାସ | ମଣ୍ଡଳ /ୟୁନିଟ୍ | ନିମ୍ନ ଉଲ୍ଲେଖିତ ତାରିଖ ଅନୁଯାୟୀ : ସେପ୍ଟେମ୍ବର-2026 | | | | ଅକ୍ଟୋବର-2026 | | | |
|---|---|---|---|---|---|---|---|---|---|
| ସେପ୍ଟେମ୍ବର ଏବଂ ଅକ୍ଟୋବର-2026 | ଡିପୋ ମଞ୍ଚେଶ୍ୱର | 7 | 15 | 21 | 28 | 5 | 12 | 21 | 27 |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 8 | 16 | 22 | 28 | 6 | 13 | 22 | 28 |
| | ରାୟଗଡ଼ା ମଣ୍ଡଳ | 9 | 16 | 23 | 29 | 7 | 14 | 22 | 29 |
| | ସମ୍ବଲପୁର ମଣ୍ଡଳ | 10 | 18 | 24 | 30 | 8 | 15 | 23 | 30 |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ମଞ୍ଚେଶ୍ୱର, ସମ୍ବଲପୁର, ଖୋର୍ଦ୍ଧା ରୋଡ୍ ଏବଂ ରାୟଗଡ଼ା ମଣ୍ଡଳ / ୟୁନିଟ୍‌ରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍‌ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗ୍‌ସ (ସୁଇଚ୍, କ୍ରସିଙ୍ଗ୍‌ସ, ଫିସ୍ ପ୍ଲେଟସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ୍ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ୍, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ୍ ଏବଂ ବୋରିଙ୍ଗ୍ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍-ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଲୱେ ପ୍ରଶାସନର ଅନ୍ୟ ଆଇଟମଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି। ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07 ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ହେବ।

PR-321/R/26-27

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଜୁନାଗଡ଼** 7001/79/2627

**OFFICE OF THE REGULATED MARKET COMMITTEE, JUNAGADA**

At/po-Junagarh, Dist.- Kalahandi, (Odisha) Pin-766014, e-mail: rmcjunagarh@gmail.com

ବିଜ୍ଞାପନ ସଂଖ୍ୟା. ୭୪୩/ ତାରିଖ. ୨୪/୦୭/୨୦୨୬/

**ବିଜ୍ଞାପନ**

ଏତଦ୍ ଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ ଅଞ୍ଚଳାଧୀନ ସମସ୍ତ ଚାଷି, ବ୍ୟବସାୟୀ ଓ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜୁନାଗଡ ନୂତନ ବଜାର ପ୍ରାଙ୍ଗଣ (ରେଳ ଷ୍ଟେସନ ରାସ୍ତା) ଠାରେ ୮ (ଆଠ) ଗୋଟି, ଜାତୀୟ ରାଜପଥ ପାର୍ଶ୍ୱସ୍ଥ ନୂତନ ବଜାର ପ୍ରାଙ୍ଗଣ ର ମୁଖ୍ୟ ଗେଟ ର ପୂର୍ବ ପାର୍ଶ୍ୱ ରେ ୩ (ତିନି) ଗୋଟି ଓ ପଶ୍ଚିମ ପାର୍ଶ୍ୱ ରେ ୨ (ଦୁଇ) ଗୋଟି ପକ୍କା ଦୋକାନ ଗୃହ ନିର୍ମାଣ କରାଯାଇଅଛି। ଉକ୍ତ ଦୋକାନ ଗୃହକୁ ମାସିକ ଭଡା ଆକାରରେ ଆବଣ୍ଟନ କରାଯିବାପାଇଁ ସ୍ଥିର କରାଯାଇଅଛି। ଏଣୁ ଇଚ୍ଛୁକ ଚାଷି, ବ୍ୟବସାୟୀ ତଥା ଜନସାଧାରଣ ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି। ଦୋକାନ ଗୃହ ମାସିକ ଭଡା ଓ ସିକ୍ୟୁରିଟୀ ଦେୟ ମୁଦା ଲଫାଫା ଓ ଦୋକାନ ଗୃହ ନମ୍ବର ସହିତ ଦାଖଲ କରି ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ କଳାହାଣ୍ଡି ଙ୍କ ଠିକଣାରେ ପଠାଇ ପାରିବେ। ଆବଣ୍ଟନ ଦୋକାନ ଗୃହ ସଂଖ୍ୟା ଠାରୁ ଯଦି ଆବେଦନକାରୀଙ୍କ ସଂଖ୍ୟା ଅଧିକ ହୁଏ, ତେବେ **ଖୋଲା ନିଲାମ** କିମ୍ବା **ଲଟେରୀ** ମାଧ୍ୟମରେ ଦୋକାନ ଗୃହ ଆବଣ୍ଟନ କରାଯିବ।

ଦୋକାନ ଗୃହ ନେବାପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ ଙ୍କ ଠାରୁ ଟ.୨୦୦.୦୦ (ଦୁଇ ଶହ ଟଙ୍କା) ମାତ୍ର ଦାଖଲ କରି ଫର୍ମ ନେଇ ଆବେଦନ କରି ପାରିବେ।

(କ) ଫର୍ମ ବିକ୍ରୟ ତାରିଖ : ତା- ୨୭.୦୭.୨୦୨୬ ରିଖ ଠାରୁ ତା- ୦୭.୦୮.୨୦୨୬ ରିଖ ଅପରାହ୍ନ ଘ.୦୫.୦୦ ପର୍ଯ୍ୟନ୍ତ।

(ଖ) ଆବେଦନ କରିବା ର ଶେଷ ତାରିଖ : ୦୭.୦୮.୨୦୨୬ ଅପରାହ୍ନ ଘ.୦୫.୦୦ ପର୍ଯ୍ୟନ୍ତ (ରେଜିଷ୍ଟ୍ରି ପୋଷ୍ଟ ଯୋଗେ)।

(ଗ) ସମସ୍ତ ଆବେଦନକାରୀ ତା – ୧୨.୦୮.୨୦୨୬ ରିଖ ଦିବା ୧୧:୦୦ ଘଣ୍ଟା ସମୟରେ ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼ କାର୍ଯ୍ୟାଳୟ ଠାରେ ଉପସ୍ଥିତ ରହି ଆବେଦନକାରୀ ମାନଙ୍କ ଆବେଦନ ପତ୍ର ଯାଞ୍ଚ ଓ ଆବଣ୍ଟନରେ ଭାଗ ନେବେ।

ବି. ଦ୍ର: (କ)ଭାରତୀୟ ଡାକ ସେବାରେ ଆବେଦନ ବିଳମ୍ବ କିମ୍ବା ତ୍ରୁଟି ପାଇଁ ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ ଦାୟୀ ରହିବ ନାହିଁ।

(ଖ)ଆବେଦନ କରିବା ନିୟମାବଳୀ ଫର୍ମରେ ଦର୍ଶାଯାଇଅଛି।

ସ୍ୱା/-

ଉପ-ଜିଲ୍ଲାପାଳ, ଧର୍ମଗଡ - ତଥା -

ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼

OIPR-7001/7074/1/26-27/0002



**THE ORISSA MINERALS DEVELOPMENT COMPANY LTD.**

**(A Government of India Enterprise)**

**CIN: L51430OR1918GOI034390**

Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001

Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF AUDITED STANDALONE FINANCIAL RESULTS FOR THE YEAR ENDED 31st MAR, 2026 - IND-AS COMPLAINT**

(Rs.in Lakhs)

| SL. NO. | PARTICULARS | FOR YEAR ENDING 31.03.2026 | Qtr-III ENDING 31.12.2025 | FOR YEAR ENDING 31.03.2025 |
|---|---|---|---|---|
| 1 | Total Income from Operation / Other Income | 10,000.20 | 2,111.64 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (539.97) | 587.05 | (4,863.58) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (539.97) | 587.05 | (4,863.58) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (290.77) | 434.41 | (4,043.92) |
| 5 | Total Comprehensive income for the period [comprising profit / (loss) for the period (after tax) and other comprehensive income (after tax)] | (284.42) | 434.41 | (4,105.47) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (5,523.75) | (4,747.89) | (5,239.33) |
| 8 | Net Worth | (5,463.75) | (4,687.89) | (5,179.33) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | (4.85) | 7.24 | (67.40) |
| | 2. Diluted | (4.85) | 7.24 | (67.40) |

1. The above results of the Company were approved by the Board of Directors at their respective meetings held on 24th July' 2026.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: **www.birdgroup.co.in**, the NSE (**www.nseindia.com**), the BSE (**www.bseindia.com**) and the CSE (**www.cse-india .com**)

**For and on behalf of the Board of Director**

**Sd/-**

**(G V N Prasad)**

Managing Director

**Place:** Vishakhapatnam

**Date:** 24th July 2026



**AFFIDAVIT**

I, AYESHA PRAVEEN, aged about 26 years, W/o- SK ABDUL ASIF resident of 61/2740, MEHERPALLI JHARPADA,NEAR HANUMAN TEMPLE, BHUBANESWAR, 751006, Odisha, declared by this Affidavit No.854/2026 Dated. 23.07.2026, That now onwards I shall Be Known as **AYESHA** for all future Purposes .

**AFFIDAVIT**

I, HARISH KUMAR AGRAWAL, aged about 56 years, S/o-BANSHIDHARA AGRAWAL resident of KHARIAR, WARD NO-2, SANTINAGAR, PO/PS. KHARIAR, DIST-NUAPADA, ODISHA, declared by this Affidavit No.439 Dated. 01.03.2026, That now onwards I shall Be Known as **HARESH KUMAR AGRAWAL** for all future Purposes .

**AFFIDAVIT**

**By virtue of an affidavit sworn before Notary Public, Rayagada, No. 7545 dated 20.07.2026, I, Manoj Ullaka, aged about 23 years, S/o Lachhana Ullaka, permanent resident of Vill. Kuradi, PO-Jilunda, PS/Block-Kalyansinghpur, Dist-Rayagada, 765017, Odisha, declare that I have changed my name from Madana Ulaka to Manoj Ullaka. Henceforth, I shall be known as Manoj Ullaka for all purposes.**

**Manoj Ullaka**

**AFFIDAVIT**

I, SHAIK SABBIR, aged about 45 years, S/o-SHAIKH MOHAMMAD SADIQUE ALI resident of BIBHUTI PUR KATIA MERDHA, MERDAKATIA CHHAK, MANGALPUR, JAJPUR, 755006, ODISHA, declared by this Affidavit No.856/2026 Dated. 23.07.2026, That now onwards I shall Be Known as **SHAIKH SABBIR ALI** for all future Purposes .

**AFFIDAVIT**

By virtue of an affidavit sworn before Notary Public, Bhubaneswar, S.L.No. 50 on dated 24/07/2026, I **TILOTTAMA KHUNTIA**, W/o Saroj Kumar Khuntia resident of At- Khairaput, Po- Khairaput, P.S: Mudulipada, Dist: Malkangiri, Odisha, PIN: 764043, declare that I have changed my name from **TILATAMA KHUNTIA (Old Name)** to **TILOTTAMA KHUNTIA (New Name)**. Henceforth, I shall be known as **TILOTTAMA KHUNTIA** for all purposes.

**Sd- TILOTTAMA KHUNTIA**

**AFFIDAVIT**

By virtue of an affidavit sworn before the Executive Magistrate Nuagaon, dated **23th July 2026 I, Bhagirathi Naik**, resident of village-Jiginipada, Po- Udayapur, Ps-Nuagaon, Dist- Nayagarh, Pin-752083, Odisha declare that I have changed the name of my son from **Chinimaya Naik** to **Bhagaban Naik**. Henceforth, he shall be known as **Bhagaban Naik** for all purposes.

**S/d- Bhagirathi Naik**

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଇଞ୍ଜିନିୟର (ଟ୍ରାକ୍ସନ୍ ଡିଷ୍ଟ୍ରିବ୍ୟୁସନ୍), ପଶ୍ଚିମ ରେଳବାଇ, ରତଲାମ, ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଟେଣ୍ଡର ନଂ.: EL/TRD/58/2026-27/14, ତାରିଖ: 22.07.2026। କାର୍ଯ୍ୟର ନାମ ହେଉଛି ରତଲାମ ମଣ୍ଡଳରେ ଟ୍ରାକ୍ସନ୍ ଡିଷ୍ଟ୍ରିବ୍ୟୁସନ୍ (TRD) ସମ୍ପତ୍ତିର ନିର୍ଭର ଯୋଗ୍ୟତା ବୃଦ୍ଧି ପାଇଁ ଜଙ୍ଗଧରା ବଣ୍ଡ, ସତର୍କତା ସୂଚନା ଫଳକ, ନମ୍ବର ପ୍ଲେଟ୍ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟର ପ୍ରତିସ୍ଥାପନ। କାର୍ଯ୍ୟର ଆନୁମାନିକ ମୂଲ୍ୟ ଟ.3,49,44,668/-, ଇଏମଡି / ବିଡ୍ ସୁରକ୍ଷା ରାଶି ଟ.6,98,900/-, କାର୍ଯ୍ୟ ସମାପ୍ତି ଅବଧି ୧୨ ମାସ ଏବଂ ଟେଣ୍ଡର ଦସ୍ତାବିଜର ମୂଲ୍ୟ ନିଃଶୁଳ୍କ ରହିଛି। ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ ୧୭.୦୮.୨୦୨୬, ଅପରାହ୍ନ ୩.୦୦ଟା, ଏବଂ ଅଫରର ବୈଧତା ଟେଣ୍ଡର ଖୋଲିବା ତାରିଖଠାରୁ ୬୦ ଦିନ ରହିବ। ଅଧିକ ବିବରଣୀ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରନ୍ତୁ। ନୋଟିସ ବୋର୍ଡ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଇଞ୍ଜିନିୟର (ଟ୍ରାକ୍ସନ୍ ଡିଷ୍ଟ୍ରିବ୍ୟୁସନ୍), ପଶ୍ଚିମ ରେଳବାଇ, ରତଲାମ–457001ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପଲବ୍ଧ ରହିବ।

SPAN/13/1/167

Like us on: facebook.com/WesternRly

**AFFIDAVIT**

**I, Pragyan Paramita Singh, D/o- Pradeep Kumar Singh, resident of D-200, Sector-18, Ps: Sector-15, Rourkela, Dist: Sundargarh, Pin - 769003 do hereby declare that, I have changed my name from Pragyan Paramita Singh to Pragyan Paramita Dash, vide affidavit No 861, dtd. 17. 07.2026 sworn before the Notary, Pragyan Paramita Singh and Pragyan Paramita Dash are same and one identical person. Henceforth I shall be known as PRAGYAN PARAMITA DASH for all future purposes.**

## ନର୍ସିଂହୋମରେ ବେଆଇନ ଲିଙ୍ଗ ନିରୂପଣ, ଭ୍ରୁଣ ହତ୍ୟା ଘଟଣା

# ୧୫ ଦିନ ବିତିଲା; ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ

**ବାଲେଶ୍ୱର, ୨୪।୭ (ସମିସ)**

ସୋର ବଡ଼ଖୁରୀ ଛକସ୍ଥିତ ମହାପାତ୍ର ହେଲଥ କେୟାର ଓ ମହାପାତ୍ର ନର୍ସିଂହୋମରେ ବେଆଇନ ଲିଙ୍ଗ ନିରୂପଣ, ଭ୍ରୁଣ ହତ୍ୟା ଏବଂ ଅନ୍ୟାନ୍ୟ ଗୁରୁତର ଅନିୟମିତତା ଅଭିଯୋଗକୁ ନେଇ ଜିଲ୍ଲାପାଳଙ୍କ ଚଢ଼ଉ ପରେ ରାଜ୍ୟବ୍ୟାପୀ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଜିଲ୍ଲାପାଳଙ୍କ ନେତୃତ୍ୱରେ ଗତ ୯ ତାରିଖରେ ହୋଇଥିବା ଅତର୍କିତ ଚଢ଼ଉରେ ବହୁ ଦସ୍ତାବିଜ, ଅଲ୍ଟ୍ରାସାଉଣ୍ଡ ରେକର୍ଡ, ଅପରେସନ ରେଜିଷ୍ଟର, କମ୍ପ୍ୟୁଟର, ଡିଜିଟାଲ ତଥ୍ୟ ଓ ଚିକିତ୍ସା ଉପକରଣ ଜବତ କରାଯାଇଥିଲା। ଉଭୟ ପ୍ରତିଷ୍ଠାନକୁ ସିଲ୍ କରାଯାଇଥିଲା। ପରେ ମାଲିକ ସତ୍ୟ ରଞ୍ଜନ ମହାପାତ୍ର ଓ ମ୍ୟାନେଜର ବାସୁଦେବ ଦାସଙ୍କୁ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ସିଡ଼ିଏମ୍‌ଓଙ୍କ ଥାନାରେ ଲିଖିତ ଅଭିଯୋଗ ପରେ ମାମଲା ରୁଜୁ ସହ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କିନ୍ତୁ ଚଢ଼ାଉର ୧୫ ଦିନ ପରେ ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଚଢ଼ଉ ଦିନ ଜିଲ୍ଲାପାଳ ନିଜେ ପ୍ରାଥମିକ ତଦନ୍ତରେ ସରକାରୀ ଡାକ୍ତରଙ୍କ ସମ୍ପୃକ୍ତିର ଗଣମାଧ୍ୟମକୁ ସୂଚନା ଦେଇଥିବା ସତ୍ତ୍ୱେ ସେମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ କାହିଁକି ହୋଇନାହିଁ? ଚଢ଼ଉ ଦିନ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ




ପ୍ରାଥମିକ ତଦନ୍ତରେ କେତେକ ସରକାରୀ ଡାକ୍ତର ଏହି ନର୍ସିଂହୋମକୁ ଆସି ଅବୈଧ କାର୍ଯ୍ୟରେ ସମ୍ପୃକ୍ତ ଥିବାର ସୂଚନା ମିଳିଛି। ସେ ଏହା ମଧ୍ୟ କହିଥିଲେ ଯେ ରାଜ୍ୟ ସ୍ତରର ବିଶେଷଜ୍ଞ ଟିମ୍ ସମସ୍ତ ଦସ୍ତାବିଜ ଯାଞ୍ଚ କରୁଛି ଏବଂ ଯାହାଙ୍କ ବିରୋଧରେ ପ୍ରମାଣ ମିଳିବ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ। ଏହି ବୟାନ ପରେ ଲୋକଙ୍କ ଆଶା ଥିଲା ଯେ ତଦନ୍ତ ଦ୍ରୁତ ଗତିରେ ଆଗକୁ ବଢ଼ିବ ଏବଂ ଯେଉଁମାନେ ଦୋଷୀ, ସେମାନଙ୍କ ବିରୋଧରେ ତୁରନ୍ତ ପ୍ରଶାସନିକ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ। ହେଲେ ଘଟଣାକୁ ୧୪ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସରକାରୀ ଡାକ୍ତରଙ୍କୁ ନିଲମ୍ବନ କରାଯାଇନାହିଁ, କାହାକୁ ତଦନ୍ତ ସ୍ୱାର୍ଥରେ କାର୍ଯ୍ୟରୁ ଦୂରେଇ ରଖାଯାଇନାହିଁ। ଏହାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯଦି ପ୍ରାଥମିକ ତଦନ୍ତରେ ସମ୍ପୃକ୍ତିର ସୂଚନା ମିଳିଥିଲା, ତେବେ ସେମାନଙ୍କୁ ତଦନ୍ତ ଶେଷ ପର୍ଯ୍ୟନ୍ତ ଦାୟିତ୍ୱରେ ରଖିବାର କାରଣ କଣ ? ପ୍ରମାଣ ନଷ୍ଟ କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିବାର ଆଶଙ୍କାକୁ ପ୍ରଶାସନ କିପରି ଏଡ଼ାଉଛି ? ଏହି ମାମଲାରେ ଜବତ ହୋଇଥିବା ଦସ୍ତାବିଜ ସଂଖ୍ୟା କମ୍ ନୁହେଁ। ଶହ ଶହ ରୋଗୀଙ୍କ ରେଜିଷ୍ଟର, ଅଲ୍ଟ୍ରାସାଉଣ୍ଡ ରେକର୍ଡ, ଅପରେସନ ରେଜିଷ୍ଟର, ଆର୍ଥିକ କାରବାରର ବିବରଣୀ, କମ୍ପ୍ୟୁଟର ହାର୍ଡଡିସ୍କ ଓ ଡିଜିଟାଲ ତଥ୍ୟ ଯାଞ୍ଚ କରାଯାଉଛି। ରାଜ୍ୟ ସ୍ତରର ଦୁଇଜଣ ବରିଷ୍ଠ ଅଧିକାରୀଙ୍କ ସହ ଜିଲ୍ଲା ସ୍ତରର ଅଧିକାରୀମାନେ ଏହି ତଦନ୍ତରେ ସାମିଲ ଅଛନ୍ତି। ତେବେ ଏତେ ବଡ଼ ତଦନ୍ତ ପରେ ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ବି ସରକାରୀ କର୍ମଚାରୀଙ୍କ ବିରୋଧରେ ପ୍ରାଥମିକ ପ୍ରଶାସନିକ ପଦକ୍ଷେପ ନ ହେବା ସ୍ୱାଭାବିକ ଭାବେ ସନ୍ଦେହ ସୃଷ୍ଟି କରୁଛି। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମାମଲାରେ କେବଳ ଗୋଟିଏ ବେସରକାରୀ ନର୍ସିଂହୋମର ଭୂମିକା ନୁହେଁ, ବରଂ ସମ୍ଭାବ୍ୟ ନେଟୱର୍କକୁ ନେଇ ତଦନ୍ତ ଚାଲିଥିବା କଥା ନିଜେ ପ୍ରଶାସନ କହିଛି। ଯଦି ସେପରି ହୁଏ, ତେବେ ଏହି ନେଟୱର୍କରେ କେଉଁମାନେ ଥିଲେ? କେଉଁ ସରକାରୀ ଡାକ୍ତର କିମ୍ବା କର୍ମଚାରୀଙ୍କ ନାମ ତଦନ୍ତରେ ସାମ୍ନାକୁ ଆସିଛି? ସେମାନଙ୍କ ବିରୋଧରେ କଣ ପ୍ରାଥମିକ ପଦକ୍ଷେପ ନିଆଯାଇଛି? ଏହି ସବୁ ପ୍ରଶ୍ନର ଉତ୍ତର ଆଜି ପର୍ଯ୍ୟନ୍ତ ମିଳିନାହିଁ। ସ୍ୱାସ୍ଥ୍ୟ ବିଭାଗର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ବଢ଼ୁଛି।

## ସାମାଜିକ ସମୀକ୍ଷା ବୈଠକ



**ନୀଳଗିରି, ୨୪।୭ (ସମିସ):** ଶୁକ୍ରବାର ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସାମାଜିକ ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୟାଧର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବ୍ଲକ୍ ସ୍ତରୀୟ ଜନ ଶୁଣାଣି ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ପର୍ଯ୍ୟାୟ ଗତ ୧ ଅକ୍ଟୋବର ୨୦୨୫- ୩୧ ମାର୍ଚ୍ଚ୨୦୨୬ ମଧ୍ୟରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ ସରକାରଙ୍କ ପକ୍ଷରୁ ଅନୁଦାନ ରାଶିରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ଅଞ୍ଚଳରେ ହିତାଧିକାରୀଙ୍କ ଆବାସ ଯୋଜନାରେ ଘର, ସାମାଜିକ ବନୀ କରଣ ଏବଂ ଗ୍ରାମ ସଭା ଉପରେ ଗୁରୁତ୍ୱ ଆରୋପ କରାଥିଲା। ଏହି ସାମାଜିକ ସମୀକ୍ଷାରେ ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ଜନ ପ୍ରତିନିଧି, ଜବକାର୍ଡଧାରୀ ଶ୍ରମିକ, ସମାଜସେବୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଏନ୍.ଜି.ଓ. ଜନସାଧାରଣ ଏବଂ ଗଣ ମାଧ୍ୟମର ପ୍ରତିନିଧିଗଣ ଯୋଗ ଦେଇଥିଲେ।

## ଜଳେଶ୍ୱର ସିଭିଲ୍ ସିନିୟର ଓ ଜୁନିୟର କୋର୍ଟରେ ସରକାରୀ ଅମିନ ନିଯୁକ୍ତି ଦାବି

**ଜଳେଶ୍ୱର, ୨୪।୭ (ସମିସ):** ଜଳେଶ୍ୱର କୋର୍ଟରେ ବିଭିନ୍ନ ପ୍ରକାରର ମକଦ୍ଦମା ପାଇଁ ବିଭିନ୍ନ ବିଭାଗ ରହିଛି। ଜମିଜମା ସଂକ୍ରାନ୍ତୀୟ ମକଦ୍ଦମା ପାଇଁ ସିଭିଲ ସିନିୟର ଡିଭିଜନ ଓ ସିଭିଲ ଜୁନିୟର ଡିଭିଜନ ରହିଛି। ଯେଉଁଥିରେ ଜନସାଧାରଣଙ୍କର ବିଭିନ୍ନ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଯଥା ଜମିଜମା ପାର୍ଟିସନ, ଜମିଜମା ସଂକ୍ରାନ୍ତୀୟ ସମସ୍ୟାର ଫଇସଲା କରାଯାଇ ଜମିର ମ୍ୟାପ ପ୍ରଦାନ କରାଯାଇଥାଏ। କୋର୍ଟରେ ସମାଧାନ ପରେ ମହକିଲ ମାନଙ୍କୁ ତୁରନ୍ତ ସାର୍ଟିଫାଏଡ କପି ପ୍ରଦାନ କରାଯିବାର ନିୟମ ରହିଥିଲେ ମଧ୍ୟ ଜଳେଶ୍ୱର କୋର୍ଟ ତରଫରୁ କୌଣସୀ ଜମିଜମାର ନକ୍ସା ବା ସାଟିଫାଏଡ କପି ତୁରନ୍ତ ପ୍ରଦାନ କରାଯାଉ ନ ଥିବାର ଜଣାଯାଇଛି। ସାଟିଫାଏଡ କପି ଓ ନକ୍ସା ପାଇଁ ବାଲେଶ୍ୱର ଯିବା ଏବଂ ବାଲେଶ୍ୱରରୁ ନକ୍ସାର ସାଟିଫାଏଡ କପି ଫେରିବାକୁ ୨ମାସରୁ ଅଧିକ ସମୟ ଲାଗୁଛି। କାରଣ ଜଳେଶ୍ୱର କୋର୍ଟରେ କୌଣସୀ କମିସନର ଓ ସରକାରୀ ଅମିନ ନହାନ୍ତି। ସରକାରୀ ଅମିନ ନଥିବାରୁ ନକ୍ସାକୁ ନକଲ କରିବା ପାଇଁ ବା କୋର୍ଟ ତରଫରୁ କୌଣସୀ ଜମିଜମାର ମପାମପି କରାଯାଇ ପାରୁନାହିଁ। ସେଥିପାଇଁ ଜଳେଶ୍ୱର କୋର୍ଟରେ ଓକିଲ ମାନେ ଏହି ସମସ୍ତ ମକର୍ଦ୍ଦମା ପାଇଁ ଦୀର୍ଘ ସମୟ ଗଡାଇ ଚାଲୁଛନ୍ତି ଫଳରେ ମହକିଲମାନେ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ବହୁ ସମୟ ଅତିକ୍ରାନ୍ତ ହେଉଛି। ଅମିନ ଦରକାର ପଡିଲେ ବାଲେଶ୍ୱରରୁ ଆସୁଛନ୍ତି ସେଥିପାଇଁ ମଧ୍ୟ ମହକିଲମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଜଳେଶ୍ୱର ସିଭିଲ ସିନିୟର ଓ ଜୁନିୟର କୋର୍ଟରେ ତୁରନ୍ତ କମିସନର ଓ ସରକାରୀ ଅମିନ ନିଯୁକ୍ତି ଦେବାକୁ ମହକିଲ ତଥା ଜନସାଧାରଣ ଦାବି କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲାପାଳ ତଥା ଜିଲ୍ଲା ଜର୍ଜଙ୍କ ଦୃଷ୍ଟି ଦେବାକୁ ଦାବୀ ହେଉଛି।

## ଜଳ ନିଷ୍କାସନ ପଥ ଅବରୋଧ ଅଭିଯୋଗ

**ଚନ୍ଦନେଶ୍ୱର,୨୪।୭ (ସମିସ):** ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତ ଗାଜିପୁର ଗ୍ରାମର ୪ ନମ୍ବର ୱାର୍ଡ ରେ ଜନୈକ ବ୍ୟକ୍ତି ପାରମ୍ପରିକ ପାଣି ନିଷ୍କାସନ ପଥକୁ ଅବରୋଧ କରିବାରୁ ୱାର୍ଡରେ ପାଣି ଜମି ରହୁଛି। ଆଣ୍ଠୁଏ ପାଣିରେ ଲୋକମାନେ ଯିବାଆସିବା କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେବା ସହିତ ଛୋଟଛୋଟ ପିଲାମାନେ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି । ତେଣୁ ତୁରନ୍ତ ଉକ୍ତ ବେଆଇନ ଭାବେ ଅବରୋଧ କରାଯାଇଥିବା ପାଣି ନିଷ୍କାସନ ପଥକୁ ଅବରୋଧମୁକ୍ତ କରିବା ପାଇଁ ଆଜି ଗୁରୁବାର ଅପରାହ୍ନ ରେ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହିତ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସରପଞ୍ଚ ତପନ କୁମାର ପଣ୍ଡା ଓ ସାଂସଦଙ୍କ ପ୍ରତିନିଧି ଆଶିଷ ପାତ୍ରଙ୍କୁ ତୁରନ୍ତ ପାଣି ନିଷ୍କାସନ ପାଇଁ ଗ୍ରାମବାସୀ ମାନେ ଗୁହାରି କରିଛନ୍ତି । ଏଥିରେ ୱାର୍ଡ ସଭ୍ୟ ଅଶ୍ୱିନୀ ପଣ୍ଡା,କୋମଳଲୋଚନ ପ୍ରଧାନ, ସୁଶାନ୍ତ ପ୍ରଧାନ, ଚିନ୍ମୟ ପ୍ରଧାନ, ତପନ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ବୈଜୟନ୍ତୀ ସାହୁ, ମାୟାରକ୍ଷଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨ଟି ଡାକୁଆ ବୋଡ଼ା ସାପ ଉଦ୍ଧାର

**ନୀଳଗିରି, ୨୪।୭ (ସମିସ):** ନୀଳଗିରି ଏନ୍‌ଏସିର ନିଜଗଡସ୍ଥିତ ଆଦିବାସୀ ଶିକ୍ଷଣ ସାଧନ କେନ୍ଦ୍ରରେ ଦୁଇଟି ଡାକୁଆ ବୋଡ଼ା ସାପକୁ ଉଦ୍ଧାର କରାଯାଇଛି। ଉକ୍ତ କେନ୍ଦ୍ରରେ ବିବେକାନନ୍ଦ ପାଠ ଚକ୍ର ସଂଗଠନର ଏକ କ୍ୟାମ୍ପ ଚାଲିଥିବା ବେଳେ ସଂଗଠନର କର୍ମକର୍ତ୍ତା ଅଜିତ୍ କୁମାର ମହାନ୍ତି ସାପ ଦୁଇଟିକୁ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସ୍ନେକ ହେଲ୍ପଲାଇନର ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେବା ପରେ ଶ୍ରୀ ରାଉତ ବିଷାକ୍ତ ସାପ ଦୁଇଟିକୁ ଧରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।



## ରାଇବଣିଆ ଅଞ୍ଚଳରେ ହେବ ଏସ୍ଆଇଆର୍ ଶୁଣାଣି କ୍ୟାମ୍ପ୍

**ଜଳେଶ୍ୱର ବ୍ଲକ, ୨୪।୭(ସମିସ):** ଜଳେଶ୍ୱର ବ୍ଲକର ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏକ ବଡ଼ ଆଶ୍ୱାସନାପୂର୍ଣ୍ଣ ଖବର ଆସିଛି। ଏଣିକି ଏସଆଇଆର/ସଂଶୋଧନ ଶୁଣାଣି ପାଇଁ ଲୋକଙ୍କୁ ଆଉ ୩୦ କିଲୋମିଟର ଦୂର ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟକୁ ଧାଇଁବାକୁ ପଡ଼ିବ ନାହିଁ। ନିଜ ଅଞ୍ଚଳରେ ହିଁ ଏହି ଶୁଣାଣି ସୁବିଧା ଉପଲବ୍ଧ ହେବ। ଉକ୍ତ ସମସ୍ୟାକୁ ନେଇ ବିଏଲଓ ସୁପରଭାଇଜର ସତ୍ୟବ୍ରତ କାପୁଡ଼ି ଗୁରୁବାର ଦିନ ଜଳେଶ୍ୱର ବିଡିଓଙ୍କୁ ଭେଟି ରାଇବଣିଆ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ କ୍ୟାମ୍ପ ଜରିଆରେ ଏସଆଇଆର ଶୁଣାଣି କରିବାକୁ ଅନୁରୋଧ କରି ଦରଖାସ୍ତ ଦେଇଥିଲେ। ଜଳେଶ୍ୱର ବିଡିଓ ଘଟଣାର ଗୁରୁତ୍ୱ ଓ ଲୋକଙ୍କ ଅସୁବିଧାକୁ ବିଚାର କରି ରାଇବଣିଆ ଅଞ୍ଚଳରେ ସ୍ୱତନ୍ତ୍ର କ୍ୟାମ୍ପ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ଜୁଲାଇ ୨୭ ତାରିଖ ରାଜନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଜ ନଗର, ୨୮ ତାରିଖ ମାକିଡିଆସ୍ଥିତ ଏସ. କେ. ହାଇସ୍କୁଲ,୨୯ ତାରିଖ ଓଲମରା ସରକାରୀ ହାଇସ୍କୁଲ ଏହି ଶୁଣାଣି କ୍ୟାମ୍ପରେ ଗ୍ରାମବାସୀ ଉପସ୍ଥିତ ରହି ନିଜର ଏସଆଇଆର ସଂଶୋଧନ ଓ ଅନ୍ୟାନ୍ୟ କାର୍ଯ୍ୟ କରିପାରିବେ।

## ଆକ୍ରମଣରେ ୫ ଆହତ, ୨ ଗୁରୁତର

**ସୋର, ୨୪।୭ (ସମିସ):** ସୋର ବ୍ଲକ ତେଣ୍ଟେଇ ଗ୍ରାମର ଜଣେ ଅସବର୍ଣ୍ଣ ଯୁବକକୁ ଭଲ ପାଇ ସେହିଗ୍ରାମର ଜଣେ ସବର୍ଣ୍ଣ ଯୁବତୀ ବିବାହ କରିଥିବା କାରଣରୁ ଝିଅର ପଡ଼ୋଶୀମାନେ ଅସବର୍ଣ୍ଣଙ୍କ ଘରେ ପଶି ପରିବାର ଲୋକଙ୍କ ଉପରେ ମାରଣାସ୍ତ୍ର ଧରି ଝିଅକୁ ଉଠାଇ ନେବାକୁ ଚେଷ୍ଟା କରିଥିଲେ ଏହାକୁ ବିରୋଧ କରିବାରୁ ପରିବାର ଲୋକଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ଅସବର୍ଣ୍ଣଙ୍କ ପରିବାରରେ ୫ ଜଣ ଲୋକ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେଣ୍ଟେଇ ଗ୍ରାମର ସ୍ନେହଲତା ବେହେରା ଗତ ୩ ମାସ ତଳେ ସେହିଗ୍ରାମର ପ୍ରହ୍ଲାଦ ମଳିକଙ୍କ ପୁଅ ପ୍ରଭୁଦେବ କୁମାରଙ୍କୁ ଭଲପାଇ ବିବାହ କରିଥିଲେ। ମାତ୍ର ପ୍ରଭୁଦେବ ଦଳିତ ସଂପ୍ରଦାୟର ହୋଇଥିବାରୁ ଏହି ବିବାହକୁ ସ୍ନେହଲତାର ପଡ଼ୋଶୀମାନେ ସହଜରେ ଗ୍ରହଣ କରିନପାରି ବିଭିନ୍ନ ସମୟରେ ସ୍ନେହଲତାକୁ ନେଇଯିବାକୁ ଚେଷ୍ଟା କରିଚାଲିଥିବା ବେଳେ ଗତକାଲି ଅପରାହ୍ନରେ ଏକ ଥର ଗାଡ଼ିରେ ଅଜୟ ବେହେରା, ତାପୁ ସାହୁ, କାଙ୍ଗାଳି ସାହୁ, ସନାତନ ବେହେରା, ଚନ୍ଦ୍ରକାନ୍ତ ସେଠୀ, ସୂର୍ଯ୍ୟକାନ୍ତ ବେହେରା ଲୁହା ରଡ଼ ଏବଂ ମାରଣାସ୍ତ୍ର ହାତରେ ଧରି ପ୍ରହ୍ଲାଦଙ୍କ ଘରେ ପଶି ସ୍ନେହଲତାକୁ ନେଇଯିବା ପାଇଁ ଉଦ୍ୟମ କରୁଥିବା ବେଳେ ପରିବାର ଲୋକେ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଆକ୍ରମଣ କରିବାରୁ ପ୍ରହ୍ଲାଦ ଏବଂ ତାଙ୍କ ପୁଅ ପ୍ରଭୁଦେବ ଓ ସାଇକୃଷ୍ଣ, ସ୍ତ୍ରୀ ଶୈଳବାଳା, ବୋହୂ ସ୍ନେହଲତା ଏବଂ ୮୦ ବର୍ଷର ବୃଦ୍ଧା ମା ଆହତ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ପ୍ରହ୍ଲାଦ ଏବଂ ତାଙ୍କ ସ୍ତ୍ରୀ ଶୈଳବାଳା ଗୁରୁତର ଭାବେ ଆହତ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଅନନ୍ତପୁର ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସମାଜସେବୀଙ୍କ ପରଲୋକ

**କାଳିପଦା, ୨୪।୭ (ସମିସ):** ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ଡ଼ାଲୁଆ ଗ୍ରାମର ଯୁବ ସମାଜସେବୀ ସଞ୍ଜୟ କୁମାର ଜେନାଙ୍କ (୫୪) ଆଜି ଆକସ୍ମିକ ଭାବେ ହୃଦଘାତରେ ମୃତ୍ୟୁ ହୋଇ ଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଅସ୍ତି ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ, ସମାଜସେବୀ କିଶୋର ଚନ୍ଦ୍ର ପାତ୍ର, ସାମ୍ବାଦିକ ରାଧାକୃଷ୍ଣ ଜେନା ପ୍ରମୁଖ ତାଙ୍କ ବାସ ଗୃହରେ ପହଁଞ୍ଚି ତାଙ୍କୁ ଶେଷ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଥିଲେ। ସେ ସ୍ୱେଚ୍ଛାସେବୀ ସଂଗଠନ ମୀରା, ଯାତ୍ରାପାର୍ଟି. ସାଂସ୍କୃତିକ ଅନୁଷ୍ଠାନ ଗୁଡିକର ପୃଷ୍ଠପୋଷାକ ଥିଲେ। ତାଙ୍କର ଏକ ମାତ୍ର ପୁଅ ରାଜା ଜେନା ମୁଖାଗ୍ନି ଦେଇଛନ୍ତି।



ଜଳେଶ୍ୱର ବ୍ଲକ୍: ବେହେରାସାହି ଗ୍ରାମର ସୁବର୍ଣ୍ଣରେଖା ନଦୀକୂଳରେ ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ 'ବଳରାମ ଦାସ ଗଢ଼ିଛନ୍ତି ବାଲିରଥ' ଥିମ୍‌ରେ ଶିଳ୍ପୀ ଅଜୟ କୁମାର ଘୋଷଙ୍କ ବାଲୁକାକଳା

## ପୁରୀ ରଥଯାତ୍ରାରେ ସେବା ପ୍ରଦାନ



**ଜଳେଶ୍ୱର, ୨୪।୭ (ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ୪୮ଜଣ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ସଂଗଠନର ମାନସ କାର୍ଯ୍ୟକର୍ତ୍ତା ପୁରୀ ରଥଯାତ୍ରାରେ ବଡ ଦାଣ୍ଡରେ ବିଭିନ୍ନ ସେବା ପ୍ରଦାନ କରିଛନ୍ତି। ପ୍ରାତ ସ୍ମରଣୀୟ ପୂଜ୍ୟ ଗୁରୁଦେବ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧିଶ୍ୱର ତଥା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ମୁକ୍ତିମଣ୍ଡପର ମହାନାୟକ ଶ୍ରୀମଦ୍ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଜୀଙ୍କର ଦ୍ୱାରା ପ୍ରତିଷ୍ଠିତ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ସଂଗଠନ ମାଧ୍ୟମରେ ଆଜକୁ ୩୪ବର୍ଷ ଧରି ଅନବରତ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଦିନ ମାନଙ୍କରେ ପିଇବା ପାଣି ବଣ୍ଟନ, ପିଣି ଛିଂଚନ, ରନ୍ଧାଖାଦ୍ୟ ବଣ୍ଟନ, ସୁଖିଲା ଖାଦ୍ୟ ବଣ୍ଟନ, ଆମ୍ବୁଲାନ୍ସ ସେବା, ଷ୍ଟେଚର ସେବା, ବଡଦାଣ୍ଡ ସଫେଇ, ଦହି ସରବତ ବଣ୍ଟନ ଆଦି ଅନେକ ପ୍ରକାରର ସେବା ପ୍ରଦାନ କରିଆସୁଛନ୍ତି। ସଂଗଠନର ପ୍ରାନ୍ତୀୟ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଚଳିତ ବର୍ଷ ୧୬ ତାରିଖ ଦିନ ରଥଯାତ୍ରାରେ ୭୭୬ଜଣ କାର୍ଯ୍ୟକର୍ତ୍ତା ସେବା ପ୍ରଦାନ କରିଥିଲେ। ସେହିପରି ୨୪ତାରିଖ ବାହୁଡା ଯାତ୍ରାରେ ୩୨୭ ଜଣ ମାନସ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ସେବା ପ୍ରଦାନ କରାଯାଇଛି। ସେଥିରେ ଜଳେଶ୍ୱର ବ୍ଲକର ମାନସ କାର୍ଯ୍ୟକର୍ତ୍ତା ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲେ। ସଂଘର ରାଜ୍ୟ ମହାମନ୍ତ୍ରୀ କୁମାର ସତ୍ୟଜିତ ବେଜ, ବାଲେଶ୍ୱର ଜିଲ୍ଲା କ୍ଷେତ୍ରୀୟ ସମ୍ପାଦକ ଗିରିଜା ଶଙ୍କର କର, ଶାଳିକୋଠା ଶାଖା ସଭାପତି ପ୍ରଦୀପ କୁମାର ମହାନ୍ତି, ସତ୍ୟରଂଜନ ପତି, ସୁଶାନ୍ତ କୁମାର ପ୍ରଧାନ, ଗୌରାଙ୍ଗ ପ୍ରଧାନ, ଶାନ୍ତିଆ ଶାଖା ସଭାପତି ସୌରଭ ଦାସ, ଫଂଚୁଘଣ୍ଟା ଶାଖା ସଭାପତି ଅଂଜନ କୁମାର ଦାସ, ଅଲାଲପୁର ଶାଖାର ପୀଠ ପରିଷଦର ପ୍ରେରକ ସତ୍ୟନାରାୟଣ କର, ପ୍ରାନ୍ତୀୟ ଉପାଧ୍ୟକ୍ଷ ରଘୁନାଥ ମହାନ୍ତ, ପ୍ରାନ୍ତୀୟ ସଂଗଠନ ସଚିବ ଶୁଭେନ୍ଦୁ ସ୍ୱାଇଁ, ପୂର୍ବ ବିଭାଗର ସଂଗଠନ ସଚିବ ଲିଙ୍ଗରାଜ ପତି, ସମ୍ପର୍କ ସଚିବ ବାହୁବଳେନ୍ଦ୍ର ମଲ୍ଲୀକ, ଉତର ବିଭାଗର ସଂଗଠକ ସଚିବ ମହେଶ ତ୍ରୀପାଠୀ ଓ ପ୍ରତ୍ୟେକ ବିଭାଗର ମାନ୍ୟ କାର୍ଯ୍ୟକର୍ତ୍ତା ଓ ପ୍ରତ୍ୟେକ ଜିଲ୍ଲାର କ୍ଷେତ୍ରୀୟ ସଂପାଦକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇଯାଇଛି।

## ଗ୍ରାମୀଣ ମହିଳାଙ୍କ ନିମନ୍ତେ ଆର୍ଥିକ ସାକ୍ଷରତା ଉପରେ ତାଲିମ

**ବାଲେଶ୍ୱର,୨୪।୭ (ସମିସ):** ଚାନ୍ଦିପୁର ପାନ୍ଥନିବାସ ପରିସରରେ ଗ୍ରାମୀଣ ମହିଳାଙ୍କ ନିମନ୍ତେ ଆର୍ଥିକ ସାକ୍ଷରତା ଉପରେ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ଯୁବ ବିକାଶର ପ୍ରତିଷ୍ଠାତା ଚେୟାରମ୍ୟାନ ଗୋବିନ୍ଦ ବଲ୍ଲଭ ଦଳାଇ ଉଦଘାଟନ କରିଥିଲେ। ଯୁବ ବିକାଶର ଗୋବିନ୍ଦ ଦଳାଇ, ଏସ୍.ଏମ୍.ଏଫ୍.ଜି.ର ସିଏସଆର ମୁଖ୍ୟ ଅମୋଲ ଭାଲେରାଓ, ଉପ ସଭାପତି ଅଭ୍ରଦୀପ ଦାସ, ସିନି, କଲିକତାର ପ୍ରୋଗ୍ରାମ ମ୍ୟାନେଜର ବିନୟ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୩୦ ଜଣ ଗ୍ରାମୀଣ ଅଗ୍ରଣୀ ସ୍ୱେଚ୍ଛାସେବୀ ମହିଳା ଓ ୫ ଜଣ ଗୋଷ୍ଠୀ ତାଲିମଦାତାମାନଙ୍କୁ ମହିଳା ମାନଙ୍କୁ ଆର୍ଥିକ ସାକ୍ଷରତା କରାଇବାର ଆବଶ୍ୟକତା ଓ ବିଶେଷ ଜ୍ଞାନ କୌଶଳ ଯଥା ସଞ୍ଚୟ, ବୀମା, ନିବେଶ ଓ ଡିଜିଟାଲ ଆର୍ଥିକ କାରବାର ସମୂହର ସରଳ ଉପାୟ ବିଷୟରେ ଜ୍ଞାନ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସିନିର ଆର୍ଥିକ ସାକ୍ଷରତା ପ୍ରକଳ୍ପ ମୁଖ୍ୟ ଅସିତ ଦଳାଇ, ବଣ ଧୂଳିର ଫୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଅଧ୍ୟକ୍ଷ ବିଜୟ ଆଚାର୍ଯ୍ୟ, ପରିବେଶ ଫାଉଣ୍ଡେସନର ଜ୍ଞାନ ରଞ୍ଜନ ମହାପାତ୍ର, ଗୌରୀଶଙ୍କର ରାଜ, ସଂଯୁକ୍ତା ବେହେରା, ରାଖାଲ ମାଇତି, ସୁଜୟ, ଚୁମୁକି ମାଝୀ, ଯୁବ ବିକାଶର ଶୁଭସ୍ମିତା ମହାନ୍ତି, ବିନତି ପରିଡା, ସୁଧୀର ଭକ୍ତା, ଦୀନବନ୍ଧୁ ରାଉତ, ଜିତେନ୍ଦ୍ର ମହାନ୍ତ, ଜଗଦୀଶ ପରିଡ଼ା, ପ୍ରେରଣା ଫାଉଣ୍ଡେସନର ଶୁଭେନ୍ଦୁ ଗିରି ପ୍ରମୁଖ ଯୋଗଦାନ କରିଥିଲେ।



## ଔପଦା ବ୍ଲକ୍‌ରେ ଅଚଳାବସ୍ଥା

# ପଡ଼ିରହିଛି ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଯୋଜନା

**ଔପଦା, ୨୪।୭ (ସମିସ)**

ସରକାରଙ୍କ ବଡ଼ ବଡ଼ ଦାବି ଏବଂ ବିକାଶର ଡିଣ୍ଡିମ ପିଟା ଯୋଜନା ଭିତରେ ବାଲେଶ୍ୱର ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଔପଦା ବ୍ଲକରେ ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସରକାରୀ ସ୍ତରରେ ଆନ୍ତରିକତାର ଅଭାବ ଏବଂ ଜିଲ୍ଲା ପ୍ରଶାସନର ଚରମ ଅବହେଳା ଯୋଗୁଁ ଆଜି ବ୍ଲକର ବିକାଶ ସମ୍ପୂର୍ଣ୍ଣ ବାଟବଣା ହୋଇଛି। ବ୍ଲକ କାର୍ଯ୍ୟାଳୟରେ ଗୋଟିଏ ପରେ ଗୋଟିଏ ପ୍ରମୁଖ ପଦବୀ ଖାଲି ପଡ଼ିଥିବା ବେଳେ ପ୍ରାୟ ୧୦ କୋଟିରୁ ଉଦ୍ଧ୍ୱର୍ଵ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ନାଲିଫିତା ତଳେ ଚାପି ହୋଇ ରହିଛି। ଅନ୍ୟପଟେ କଠିନ ଭୌଗୋଳିକ ସ୍ଥିତି ଯୋଗୁଁ ଅଞ୍ଚଳବାସୀ ସାଧାରଣ ସେବାରୁ ବଞ୍ଚିତ ହେଉଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଜିଲ୍ଲା ପ୍ରଶାସନ କୌଣସି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି।

ଔପଦା ବ୍ଲକର ମୋଟ ୧୧ଟି ପଞ୍ଚାୟତ ମଧ୍ୟରୁ ୫ଟି ପଞ୍ଚାୟତର ଅଞ୍ଚଳବାସୀଙ୍କ ପାଇଁ ବ୍ଲକ ସଦର ମହକୁମା ସାଜିଛି ସାତପର। ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ହେଲେ ଲୋକଙ୍କୁ ଖଇରା, ସୋର ଓ ବାହାନଗା ଭଳି ତିନୋଟି ବ୍ଲକ ଅତିକ୍ରମ କରି ପ୍ରାୟ ୫୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ପଡୁଛି। ଏଭଳି ଦୁର୍ଗମ ଭୌଗୋଳିକ ସ୍ଥିତି ମଧ୍ୟରେ ଅଞ୍ଚଳବାସୀ ଗତି କରୁଥିବା ବେଳେ ପ୍ରଶାସନିକ ଅବହେଳା ସେମାନଙ୍କ ଦୁର୍ଦ୍ଦଶାକୁ ଆହୁରି ଦ୍ୱିଗୁଣିତ କରିଦେଇଛି। ବ୍ଲକ କାର୍ଯ୍ୟାଳୟରେ ଅଫିସର ଓ କର୍ମଚାରୀଙ୍କ ଘୋର ଅଭାବ ଯୋଗୁଁ ଦୈନନ୍ଦିନ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବ୍ଲକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡ଼ିଥିବା ବେଳେ ମୋଟ ୩ ଜଣ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରୁ ୨ ଜଣ ଦୀର୍ଘଦିନ ହେବ ଅସୁସ୍ଥତା କାରଣରୁ ଛୁଟିରେ ଅଛନ୍ତି, ଯାହାଫଳରେ ମାତ୍ର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ପୂରା ବ୍ଲକର ନିର୍ମାଣ ଭାର ରହିଛି। ସେହିପରି ବ୍ଲକର ମୁଖ୍ୟ କିରାଣୀ ଓ ଆକାଉଣ୍ଟସ ଅଫିସର ପଦବୀ ଶୂନ୍ୟ ପଡ଼ିଥିବାରୁ ଖଇରା ବ୍ଲକର ଆକାଉଣ୍ଟସ ଅଫିସର ଅତିରିକ୍ତ ଦାୟିତ୍ୱରେ ରହି କାମ ଚଳାଉଛନ୍ତି। କ୍ଷେତ୍ରସ୍ତରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି; ଜିଆରଏସର ୧୧ଟି ପଦବୀରୁ ୮ଟି ଏବଂ ଏଡିଓର ୧୧ଟି ପଦବୀରୁ ୮ଟି ଫାଙ୍କା ରହିଛି। ଡିଏନପୁର, କାଣ୍ଡଗରଡ଼ି, ଇଶ୍ୱରପୁର ଓ ଅଘିରାପଦା ଭଳି ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତଗୁଡ଼ିକରେ ପିଇଓ ପଦବୀ ଶୂନ୍ୟ ରହିଛି। ଅନ୍ୟପଟେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ୨ ଜଣ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରୁ ଜଣେ ହେଲେ ବି ନାହାନ୍ତି, ସୋର ବ୍ଲକ କନିଷ୍ଠ ଯନ୍ତ୍ରୀ ଅତିରିକ୍ତ ଦାୟିତ୍ୱରେ ରହି ଏଠାରେ ପାନୀୟ ଜଳ ବ୍ୟବସ୍ଥା ବୁଝୁଛନ୍ତି। ଏହିଭଳି ଚରମ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ଆଜି ବ୍ଲକର ରାସ୍ତାଘାଟ, ପାନୀୟ ଜଳ, ଗ୍ରାମୀଣ ଆବାସ ଓ ମନରେଗା ପରି ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ଯୋଜନାର ପ୍ରାୟ ୧୦ କୋଟିରୁ ଉଦ୍ଧ୍ୱର୍ଵ ଟଙ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ ଅଟକି ରହିଛି। ସାଧାରଣ ଲୋକେ ନିଜର ନିତିଦିନିଆ କାମ ପାଇଁ ବ୍ଲକ ଅଫିସ ଘୂରି ଘୂରି ନିରାଶ ହୋଇ ଫେରୁଛନ୍ତି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ଏହି ଶୋଚନୀୟ ସ୍ଥିତି ପ୍ରତି ଦୃଷ୍ଟି ଦେଇ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ ନକଲେ, ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଗଣ-ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

● କୁସୁମାଶୋଳ କଂକ୍ରିଟ୍ ରାସ୍ତା

## ଡ୍ରେନ୍ ନ ଥିବାରୁ ରାସ୍ତା ଉପରେ ଆଣ୍ଠୁଏ ପାଣି

ଶୁଳିଆପଦା, ୨୪।୭(ସମିସ): ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ଝାଲିଆମାରା ପଞ୍ଚାୟତର କୁସୁମାଶୋଳ ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନ ଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲେ ହେଁ ମାସ ମାସ ଧରି ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାଯାଇନାହିଁ। ପ୍ରଶାସନର ଏହି ବେପରୁଆ ମନୋଭାବ ଯୋଗୁଁ ଏବେ ଗାଁର ବ୍ୟବହୃତ ଓ ବର୍ଷା ପାଣି ଡ୍ରେନ୍ ପରିବର୍ତ୍ତେ ସିଧାସଳଖ କଂକ୍ରିଟ୍ ରାସ୍ତା ଉପରେ ପ୍ରବାହିତ। ଫଳରେ ରାସ୍ତାରେ ଆଣ୍ଠୁଏ ଉଚ୍ଚର କାଦୁଅ ଓ ଦୂଷିତ ପାଣି ଜମି ରହୁଥିବାରୁ ଗ୍ରାମବାସୀଙ୍କ ସମେତ ଏହି ବାଟ ଦେଇ ଯାତାୟାତ କରୁଥିବା ବାସିନ୍ଦା ପ୍ରତିଦିନ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସ୍କୁଲ୍ ପିଲା, ବୟସ୍କ ଓ ରୋଗୀଙ୍କ ପାଇଁ ଏହି ରାସ୍ତା ବିପଜ୍ଜନକ ହୋଇପଡ଼ିଛି। ଦୀର୍ଘ ଦିନ ଧରି ରାସ୍ତାରେ ଦୂଷିତ ପାଣି ଜମି ରହିବାରୁ ମଶା, ମାଛି ବଂଶବୃଦ୍ଧି କରି ନାନାଦି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ରାସ୍ତା ନିର୍ମାଣ ଏତେ ଦିନ ବିତିଯାଇଥିଲେ ବି ଡ୍ରେନ୍ ସମସ୍ୟା ଯୋଗୁଁ କୁସୁମଶୋଳ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମବାସୀ ତୁରନ୍ତ ଏହି ସମସ୍ୟାର ସମାଧାନ କରି ଡ୍ରେନ୍ ନିର୍ମାଣ କରିବାକୁ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।



## ଦୁର୍ଘଟଣାରେ ୩ ଗୁରୁତର ଆହତ

କୁଆମରା, ୨୪।୭(ସମିସ): ଉଦଳା-ବୈଶିଙ୍ଗା ରାସ୍ତାର ଲେଙ୍କାସାହି ଛକରେ ଗତକାଲି ବିଳମ୍ବିତ ରାତିରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବଡ଼ସାହି ବ୍ଲକ ପଟିସାରୀ ଗ୍ରାମର ଅରୁଣ କୁଅଁରବାବୁ (୩୦), ପ୍ରଦ୍ୟୁମ୍ନ ଦ୍ୱିବେଦୀ (୪୩) ଓ ରତ୍ନାକର ବେହେରା (୩୫)। ପୁରୁଣା ବାରିପଦା ଅଗ୍ନିଶମ କର୍ମଚାରୀ ଖବର ପାଇ ତିନିଜଣଙ୍କୁ ଉଦ୍ଧାର କରି କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାଲେଶ୍ୱର ଏଫ୍ଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। କୁଆମରା ଫାଣ୍ଡି ପୁଲିସ ପହଞ୍ଚି ବାଇକ ଦୁଇଟିକୁ ଜବତ କରିଥିବା ଏଏସ୍ଆଇ ରସାନନ୍ଦ ମହାନ୍ତି କହିଛନ୍ତି।

● ମୋରଡ଼ା ଥାନାଞ୍ଚଳରେ ବଢ଼ିଚାଲିଛି ଚୋରି ଘଟଣା

## ପୁଲିସ ହାତ ଖାଲି, ଲୋକଙ୍କ ଭଗବାନ ଭରସା

ମୋରଡା, ୨୪।୭(ସମିସ): ମୋରଡା ଥାନା ଅଞ୍ଚଳରେ ଚୋରି ଘଟଣା ବଢ଼ିଚାଲିଛି। କେତେବେଳେ ଫାଣ୍ଡିଠାରୁ ଅଳ୍ପ ଦୂରରେ ଚାରିଚକିଆ ପିକଅପ ଗାଡି ଚୋରି ହୋଇଛି ତ ଆଉ କେତେବେଳେ ଥାନା ଓ ଫାଣ୍ଡିରୁ ଅଳ୍ପ ଦୂରରେ ବାଇକ ଚୋରି ଘଟଣା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ଦିନ ସୁନା ବ୍ୟବସାୟୀଙ୍କଠାରୁ ୪୦ ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲୁଟିନେଇଥିବାବେଳେ ବୁଧବାର ଘରେ ପଶି କଳାକନା ବୁଲାଇଛନ୍ତି। ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ବାଚନମଣ୍ଡଳୀ ହୋଇଥିବାବେଳେ ପୁଲିସର ଅସହାୟତା ଲୋକଙ୍କ ସାମ୍ନାରେ ସ୍ପଷ୍ଟ ବାରି ହେବାରେ ଲାଗିଛି। ଫଳରେ ଲୋକେ ଭଗବାନଙ୍କ ଭରସାରେ ରହିଛନ୍ତି। ବୁଧବାର ମୋରଡା ଥାନାଠାରୁ ଦୁଇ କିଲୋମିଟର ଦୂର ପଳାସବଧା ଗ୍ରାମର ପ୍ରଫୁଲ୍ଲ ପଣ୍ଡାଙ୍କ ପରିବାର ଘର ପଛପଟେ ରୋଷେଇ କରୁଥିବାବେଳେ କେହି ଦୁର୍ବୃତ୍ତ ଘରେ ପଶି ଆଲମାରୀ ଭିତରୁ ସୁନାର ହାର, ମଙ୍ଗଳ ସୂତ୍ର, ପଲା, କାନଫୁଲ, ମୁଦି, ବ୍ରେସଲେଟ, ରୁପା ପାଉଁଜି, ଝୁଣ୍ଟିଆ ଓ ଦଶ ହଜାର ଟଙ୍କା ସହିତ ଲୁଗା ଚୋରି କରି ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି ପ୍ରଫୁଲ୍ଲ। ଚୋରି ହୋଇଥିବା ଜିନିଷର ଆନୁମାନିକ ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କା ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ତେବେ ଦେଖିବାକୁ ଗଲେ ଏହି ସାତଦିନ ମଧ୍ୟରେ ସମୁଦାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ମାମଲା ରୁଜୁ ହୋଇସାରିଥିଲେ ମଧ୍ୟ ପୋଲିସ ହାତ ଖାଲି ରହିଛି।

## ପଦ୍ମପୋଖରୀ ହାଟରେ ନଳକୂପ ଅଚଳ

ଶରତ, ୨୪।୭ (ସମିସ): କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ପଦ୍ମପୋଖରୀ ହାଟ ପଡିଆ ଓ ପଞ୍ଚାୟତ କାର୍ଯ୍ୟାଳୟରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ପଦ୍ମପୋଖରୀ ହାଟ ପଡ଼ିଆରେ ଥିବା ଏକମାତ୍ର ନଳକୂପ ତିନି ମାସ ହେବ ଅଚଳ ହୋଇପଡିଛି। ଏଥିପାଇଁ ହାଟସାହି ଓ ରାସ୍ତାରେ ଯାତାୟତ କରୁଥିବା ଲୋକେ ପାନୀୟ ଜଳକୁ ନେଇ ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ବ୍ୟବସ୍ଥା ଉପଲବ୍ଧ ହୋଇପାରି ନାହିଁ। ଏଥିପାଇଁ ପଞ୍ଚାୟତବାସୀ ବ୍ଲକ୍ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ରାଜ୍ୟ ଓ କେନ୍ଦ୍ର ସରକାର ପାଣି ପଞ୍ଚାୟତ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା ପଦ୍ମପୋଖରୀ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରୁନାହିଁ। ଆଗାମୀ ଏକ ସପ୍ତାହ ମଧ୍ୟରେ ଏହାର ସମାଧାନ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ପଦ୍ମପୋଖରୀ ଯୁବକ ସଂଘର ସମ୍ପାଦକ କ୍ରିଷ୍ଣା ଗିଲୁଆ, ଯୁବ ସମାଜସେବୀ ନବୀନ ମୁଣ୍ଡରୀ, ଦେବାଶିଷ ଗିଲୁଆ, ଟିପୁ ମୁଣ୍ଡରୀ ଚେତାବନୀ ଦେଇଛନ୍ତି।



ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା

# ରାସ୍ତାରେ ନର୍ଦ୍ଦମା ପାଣି; ବଢୁଛି ଜନଅସନ୍ତୋଷ

ବେତନଟୀ, ୨୪।୭(ସମିସ)

ବେତନଟୀ ବ୍ଲକର ହେଡକ୍ୱାର୍ଟର ବେତନଟୀ ବଜାର ସମେତ ଆଖପାଖ ଗ୍ରାମାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ରଥଯାତ୍ରା ଓ ପରବର୍ତ୍ତୀ ସମୟରେ ବେତନଟୀ ହାଟ ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଗଢ଼ିଉଠିଥିବା ଅସ୍ଥାୟୀ ମାଉସୀମା' ମନ୍ଦିରକୁ ଜଗତର ନାଥ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ରାସ୍ତା ଉପରେ ଭାସୁଥିବା ନର୍ଦ୍ଦମା ପାଣିରେ ଚାଲିଚାଲି ଯିବାକୁ ବାଧ ହେଉଛନ୍ତି। ଦୀର୍ଘବର୍ଷର ଅବହେଳା, ପ୍ରଶାସନିକ ସ୍ଥାଣୁତା ଓ ସଫେଇ କାର୍ଯ୍ୟରେ ଅନିୟମିତତା ଯୋଗୁଁ ସମଗ୍ର ଅଞ୍ଚଳରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଥିବାବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ମୁତାବକ, ପ୍ରାୟ ୨୫ରୁ ୩୦ ବର୍ଷ ପୂର୍ବେ ବେତନଟୀ ବଜାର ଓ ସଂଲଗ୍ନ ଗ୍ରାମାଞ୍ଚଳରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାଯାଇଥିଲା। ତେବେ ଦୀର୍ଘବର୍ଷ ଧରି ପୁନରୁଦ୍ଧାର କିମ୍ବା ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ କେତେକ ସ୍ଥାନରେ ଡ୍ରେନ୍ ଭାଙ୍ଗିରୁଜି ଯାଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ମାଟି ଓ ଆବର୍ଜନା ଜମି ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ନିକଟ ଅତୀତରେ ବେତନଟୀ-ବଡ଼ସାହି ପୂର୍ତ୍ତ ବିଭାଗ ରାସ୍ତା ସହ ବିଭିନ୍ନ ଗ୍ରାମ୍ୟ ରାସ୍ତାର ଉଚ୍ଚତା ବୃଦ୍ଧି କରାଯାଇଥିଲେ ହେଁ ନିର୍ମାଣକାରୀ ସଂସ୍ଥା ଡ୍ରେନ୍‌ର ମରାମତି ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଏଥିସହ ନିୟମିତ ସଫେଇ ଓ ସଚେତନତା ଅଭାବରୁ ଲୋକମାନେ ଆବର୍ଜନା ପକାଇବାରୁ ସ୍ଥିତି ଆହୁରି ଜଟିଳ ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ନୂତନ ସରକାର ଗଠନ ପରେ ତୃଣମୂଳ ସ୍ତରରେ ରାଜନୈତିକ ଓ ପ୍ରଶାସନିକ ସମନ୍ୱୟର ଅଭାବ ଦେଖାଦେଇଥିବା ଅଭିଯୋଗ ହେଉଛି। ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ଟଣାଓଟରା ଯୋଗୁଁ ଡ୍ରେନ୍ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ସଂଗଠନ ଓ ବୁଦ୍ଧିଜୀବୀ ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ପାଣ୍ଠି ଅଭାବର ବାହାନା ଦେଖାଇ ଦାୟିତ୍ୱ ଏଡ଼ାଇ ଦିଆଯାଉଥିଲା। ପୂର୍ବତନ ବେତନଟୀ ବିଡିଓ ସୁଶାନ୍ତ ସୂତାରଙ୍କ ସମୟରେ ଅର୍ଥ ହେରଫେର୍ ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯିବା ପରେ ଶାମାଖୁଣ୍ଟା ବିଡିଓ ମୁନା ସେଠୀଙ୍କୁ ବେତନଟୀର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ବେତନଟୀ ବ୍ଲକ ମିଡିଆ ଆସୋସିଏସନ୍ ଓ ସ୍ଥାନୀୟ ବୁଦ୍ଧିଜୀବୀ ନୂତନ ବିଡିଓଙ୍କୁ ଭେଟି ସମସ୍ୟା ବାବଦରେ ଆଲୋଚନା କରିବା ପରେ ଡ୍ରେନ୍ ସଫେଇ କାମ ଆରମ୍ଭ ହୋଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ନିଜ ମନମୁଖୀ ଭାବେ ନିମ୍ନମାନର ସଫେଇ କାମ କରି ଚାଲିଯିବାରୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଲାନାହିଁ। ଫଳରେ ଅସ୍ଥାୟୀ ମାଉସୀମା' ମନ୍ଦିରଠାରୁ ମାତ୍ର ୫୦ରୁ ୭୦ ଫୁଟ ଦୂରରେ ରାସ୍ତା ଉପରେ ନର୍ଦ୍ଦମା ପାଣି ଭସୁଛି। ଶ୍ରଦ୍ଧାଳୁଙ୍କ ସମେତ ସ୍ଥାନୀୟ ବ୍ୟବସାୟୀ ଓ ବାସିନ୍ଦା ଦୂଷିତ ପାଣି, ଦୁର୍ଗନ୍ଧ ମଧ୍ୟରେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଯାହା ସଂକ୍ରାମକ ରୋଗ ବ୍ୟାପିବାର ଭୟ ସୃଷ୍ଟି କରିଛି। ବେତନଟୀରେ ସଫେଇ ନାମରେ ହୋଇଥିବା ପ୍ରଶାସନିକ କୋହଳତା ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଆଜି ଜନସାଧାରଣ ଓ ଶ୍ରଦ୍ଧାଳୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସୂତ୍ର ବାହାର କରିବା ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ। ନିମ୍ନମାନର ସଫେଇ କାର୍ଯ୍ୟ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଡ୍ରେନ୍‌ର ପୁନରୁଦ୍ଧାର, ନିୟମିତ ସଫେଇ ଓ ଜଳ ନିଷ୍କାସନର ଏକ ସ୍ଥାୟୀ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି ହେଉଛି।



## ଷ୍ଟେଟ ବ୍ୟାଙ୍କ ପେନସନଧାରୀଙ୍କ ସମସ୍ୟା ସମାଧାନ ନେଇ ଆଲୋଚନା

ବାରିପଦା, ୨୪।୭(ସମିସ): ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ପକ୍ଷରୁ ନିଜ ବ୍ୟାଙ୍କ ପେନସନର୍ସଙ୍କ ସମସ୍ୟା ସମାଧାନ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ପରିଚାଳକ ପୌରୋହିତ୍ୟ କରିଥିବାବେଳେ ମାନବ ସମ୍ବଳ ପରିଚାଳକ ସଞ୍ଜୟ କୁମାର ନାୟକ ବୈଠକ ପରିଚାଳନା କରି ପେନସନର୍ସଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଷ୍ଟେଟ ବ୍ୟାଙ୍କ ପେନସନର ସଂଘ ଓଡ଼ିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ବିଭିନ୍ନ ସମସ୍ୟା ଉତ୍ଥାପନ କରି ବାରିପଦା ମୁଖ୍ୟ ଶାଖାରେ ପେନସନର୍ସଙ୍କ ପାଇଁ ଚିକିତ୍ସାଳୟ ଖୋଲିବା, ସପ୍ତାହକୁ ଦୁଇଦିନ ବିଭିନ୍ନ ରୋଗର ପରୀକ୍ଷା କରାଯାଇ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଅନୁରୋଧ କରାଯାଇଥିଲା। ଦାବିଗୁଡିକ ଖୁବଶୀଘ୍ର ବିଚାରକୁ ନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାଚକ୍ରରେ ଜିଲ୍ଲାର ବହୁ ସଂଖ୍ୟକ ପେନସନଧାରୀ ଉପସ୍ଥିତ ଥିଲେ।



## ମତ୍ସ୍ୟଚାଷ ସମ୍ପର୍କିତ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୨୪।୭(ସମିସ): ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟରେ ମତ୍ସ୍ୟ ବିଭାଗ ପକ୍ଷରୁ ଉନ୍ନତ ମତ୍ସ୍ୟଚାଷ ସମ୍ବନ୍ଧୀୟ ଏକଦିବସୀୟ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ଡ. ସୁବଳ କୁମାର ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶାମାଖୁଣ୍ଟା ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସମ୍ବିତ ମାନସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସଞ୍ଜୀବ କୁମାର ସିଂ ଯୋଗ ଦେଇଥିଲେ। ଅଫିକ୍ରା ସହାୟକ କୋମଳେଶ ଗିରି ଓ ଶାମାଖୁଣ୍ଟା ବ୍ଲକ ଜୁନିୟର ମତ୍ସ୍ୟ ବୈଷୟିକ ସହାୟକ ଶୁଭେନ୍ଦୁ ବେହେରା ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗର ଲୋକାଭିମୁଖୀ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ନୂତନ ପୋଖରୀ ଖନନ ପାଇଁ ମତ୍ସ୍ୟ ପୋଖରୀ ଯୋଜନା, ପୁରାତନ ପୋଖରୀରେ ମାଛଚାଷ ପାଇଁ ଇନପୁଟ ସହାୟତା, ଗୁଣ୍ଡି ଯାଆଁଳ ଉନ୍ନତମାନର ଫ୍ରାଏ ଓ ଅଙ୍ଗୁଳିକା ଯାଆଁଳ ଉତ୍ପାଦନ ନିମନ୍ତେ ଆର୍ଥିକ ସହାୟତା, ଜୈବକୁଞ୍ଜ କୁଣ୍ଡରେ ମାଛଚାଷ, ଫାର୍ମ ପୋଖରୀ ଇନପୁଟ, ପଞ୍ଚାୟତ ପୋଖରୀରେ ମାଛଚାଷ ନିମନ୍ତେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଇନପୁଟ ସହାୟତା, ଜଳରେ ଅମ୍ଳଜାନ ବୃଦ୍ଧି ନିମନ୍ତେ ଏଇରେଟର ମେସିନ୍ ସହାୟତା, ମାଛ ଧରିବା ନିମନ୍ତେ ମାଛ ଜାଲ ସହାୟତା, ପୋଖରୀ ପ୍ରସ୍ତୁତିକରଣ, ରୋଗ ଓ ଖାଦ୍ୟ ପରିଚାଳନ ସହିତ ଉନ୍ନତ ମାଛଚାଷ ପଦ୍ଧତି ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା।

## ପଦାର୍ଥ ବିଜ୍ଞାନର ବରିଷ୍ଠ ଅଧ୍ୟାପକଙ୍କ ବିୟୋଗରେ ଶୋକସଭା

ସାରସକଣା, ୨୪।୭(ସମିସ): ଝାରପୋଖରୀଆସ୍ଥ ସାଇନିଂ ଟ୍ୟୁଟୋରିଆଲ ପ୍ରାଙ୍ଗଣରେ କଳାବାଡିଆସ୍ଥ ହରପ୍ରଭା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ସ୍ୱରୂପ ଚନ୍ଦ୍ର ବେହେରାଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ସୁମିତ କୁମାର ସାଉଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଉପସ୍ଥିତିରେ ଦିବଂଗତଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ୨ ମିନିଟର ନିରବ ପ୍ରାର୍ଥନା କରିଥିଲେ। ତାଙ୍କ ବିୟୋଗରେ ଝାରପୋଖରୀଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଶକ୍ତିଶ୍ରୀ ଆଲୋଚନାଚକ୍ର ଓ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

ରାସଗୋବିନ୍ଦପୁର, ୨୪।୭(ସମିସ): ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ ତୋଟାପଡ଼ାସ୍ଥ ବାସୁଦେବ ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଆନୁକୂଲ୍ୟରେ 'ସଚେତନ ନାରୀ, ସୁରକ୍ଷିତ ସମାଜ' ଶୀର୍ଷକ ଆଲୋଚନାଚକ୍ର ଓ ୬ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଉଦ୍ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ ରାସଗୋବିନ୍ଦପୁର ବ୍ଲକର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କ ଆତ୍ମସୁରକ୍ଷା, ମହିଳା ସୁରକ୍ଷା ସମ୍ବନ୍ଧୀୟ ପ୍ରଚଳିତ ଆଇନ ଓ ସେମାନଙ୍କର ଅଧିକାର ବିଷୟରେ ଆଲୋଚନା କରିଥିଲେ। ସେ ଛାତ୍ରୀମାନଙ୍କୁ ସଚେତନ ରହିବା ସହ ଯେକୌଣସି ବିପଦ ସମୟରେ ଆଇନର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଉର୍ମିଳା ପ୍ରଧାନ ଓ ଆତ୍ମସୁରକ୍ଷା ସେଲ୍‌ର ମୁଖ୍ୟ ଡ଼. ସୁମତି ବିନ୍ଧାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଶିକ୍ଷିକା କରିସ୍ମା ଖାତୁନଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଯିବା ସହ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଚେତନତା, ଆତ୍ମବିଶ୍ୱାସ ଓ ଆତ୍ମସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା।




## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

କୁଆମରା ୨୪।୭(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଜି ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ସଦୁଆଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପକ ପ୍ରଭାସ ପ୍ରାମାଣିକ, ଗୋଲକ ବିହାରୀ ଦାସ, ଦୁର୍ଗାଚରଣ ପ୍ରଧାନ, ପ୍ରଦୀପ କୁମାର ସାମଲ, ଭବଦ୍ୟୁତି ମହାରଣା, ଅଧ୍ୟାପିକା ଇନ୍ଦିରା ପାଲ, ସୁପ୍ରଭା ପାତ୍ର, ଅନନ୍ୟା ଆଚାର୍ଯ୍ୟ, ଭାରତୀ ମଲ୍ଲିକ ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ, ଅଧ୍ୟବସାୟ, କର୍ତ୍ତବ୍ୟ ପରାୟଣତା ଦିଗରେ ଧ୍ୟାନ ଦେବାକୁ ନବାଗତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କଳା, ବିଜ୍ଞାନ ଓ ଧନ୍ଦାମୂଳକ ବିଭାଗରୁ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସବରେ ଉପସ୍ଥିତ ଥିଲେ। ବିମଳ କୁମାର ସିଂଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ମହିନ୍ଦ୍ରା ଫାଇନାନ୍ସ ପକ୍ଷରୁ କ୍ୟାମ୍ପସ୍ ମନୋନୟନ




ବାରିପଦା, ୨୪।୭(ସମିସ): ସ୍ଥାନୀୟ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ଶୁକ୍ରବାର ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ପକ୍ଷରୁ ରାଜ୍ୟ ଆଇନ ସେବା ପରିଚାଳକ ରେଖ୍ ବନ୍ଦନୱାଜ୍ ଓ କ୍ଷେତ୍ର ପରିଚାଳକ ପବିତ୍ର କୁମାର ରବରହରାଙ୍କ ଦ୍ୱାରା ଏକ କ୍ୟାମ୍ପସ୍ ମନୋନୟନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ରଞ୍ଜନ କୁମାର ତରାଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ନିଜ ଦକ୍ଷତା, ଆତ୍ମବିଶ୍ୱାସ ଓ ବୃତ୍ତିଗତ ମନୋଭାବନା ପରିଚୟ ଦେଇ ଉଜ୍ଜ୍ୱଳ କ୍ୟାରିୟର ଗଢିବା ପାଇଁ ଉତ୍ସାହିତ କରିଥିଲେ। ଏହି କ୍ୟାମ୍ପସ୍ ମନୋନୟନରେ ମହାବିଦ୍ୟାଳୟର ୩ବର୍ଷିଆ ଏଲଏଲବି ଓ ୨ ବର୍ଷିଆ ଏଲଏଲଏମ ପାଠ୍ୟକ୍ରମର ଅନ୍ତିମ ବର୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ମା' ତାରିଣୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ମାଗଣା ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ

ରାଇରଙ୍ଗପୁର,୨୪।୭(ସମିସ): ଆଜି ପବିତ୍ର ବାହୁଡ଼ାଯାତ୍ରା ଅବସରରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର୍ ବ୍ଲକ୍ ଗୁହାଳଡାଙ୍ଗିରିସ୍ଥ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଏକ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହୋଇଛି। ତାରିଣୀ ଏଣ୍ଟରପ୍ରାଇଜେସ୍ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଏଡିଏମ୍ ଅଜିତ୍ କୁମାର ଫିତା କାଟି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଛନ୍ତି। ଆମ୍ବୁଲାନ୍ସଟି ଗୋରୁମହିଷାଣୀ ସିଏଚ୍ଏସ୍‌ରେ ରହିବା ସହ କୁଲେଇଶିଳା, ସୁଦର୍ଶନପୁର, ବଡମୋଉଦା, ଗୁହାଳଡାଙ୍ଗିରି, ସାନ ପାଖନା ଆଦି ପାଞ୍ଚଟି ପଞ୍ଚାୟତକୁ ସେବା ଯୋଗାଇବ। ମା' ତାରିଣୀ ଏଣ୍ଟରପ୍ରାଇଜେସର ପ୍ରୋପାଇଟର ତଥା ବିଶିଷ୍ଟ ସମାଜସେବୀ ହରିହରଗିରି ତାଙ୍କ ସ୍ୱର୍ଗୀୟ ମାତା ଲକ୍ଷ୍ମୀଦେବୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଏହି ଆମ୍ବୁଲାନ୍ସକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି। ଗରିବ ଅସହାୟ ରୋଗୀଙ୍କୁ ନିଶୁଳ୍କ ସେବା ଯୋଗାଇବା ସହ ଆର୍ଥିକ ସ୍ୱଚ୍ଛଳ ପରିବାରଙ୍କ ଠାରୁ ଅଳ୍ପ ପଇସା ନିଆଯିବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରକାଶ କରାଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗରିବ ଅସହାୟ ଲୋକଙ୍କୁ ସେବା ପ୍ରଦାନ କରିବା। କାର୍ଯ୍ୟକ୍ରମରେ ପୂର୍ବତନ ମୟୂରଭଞ୍ଜ ସାଂସଦ ରାମ ଚନ୍ଦ୍ର ହାଁସଦା, ରାଇରଙ୍ଗପୁର ବ୍ଲକ୍ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ୍, ରାଇରଙ୍ଗପୁର ଏସ୍‌ବିଆଇର ମୁଖ୍ୟ ପ୍ରବନ୍ଧକ ସଚ୍ଚିଦାନନ୍ଦ ଓଝା, ଗୋରୁମହିଷାଣୀ ଥାନା ପ୍ରଭାରୀ ଜଗନ୍ନାଥ ମୁଣ୍ଡା, ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି, ଗୁହାଳଡାଙ୍ଗ୍ରୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତାରିଣୀ ପ୍ରସାଦ ରାଉତ, ବରିଷ୍ଠ ସାମ୍ବାଦିକ ମନୋଜ ଦାସ, ରଞ୍ଜନ କୁମାର ନନ୍ଦ, ସମାଜସେବୀ ସୁବାଷ ଚନ୍ଦ୍ର ମଣ୍ଡଳ , ଦୁଷ୍ମନ୍ତ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ହରିହର ଗିରିଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଘୁଲୁଘୁଲିଆ ରାସ୍ତା ଶୋଚନୀୟ

# ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ

ଶରତ/ମହୁଲଡିହା, ୨୪।୭(ସମିସ)

ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ଗ୍ରାମପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ଜାଗାଇ ସାହି, ବିଦିରି ସାହି ଓ ବାଉଁଶରାଇ ସାହିରେ ଦୁଇଶହ ପଚାଶରୁ ଉର୍ଦ୍ଧ୍ୱ ପରିବାରର ପାଖାପାଖି ତିନିହଜାର ଲୋକ ବାସ କରନ୍ତି। ଏବେ ଏହି ଗାଁ ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଫଳରେ ଗ୍ରାମବାସୀ ଯାତାୟତରେ ଅନେକ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ସ୍କୁଲ, କଲେଜ ଛାତ୍ରଛାତ୍ରୀ ସମେତ ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କୁ ମେଡିକାଲ ନେବା ଆଣିବାରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ହାଟ, ବଜାର ଜିନିଷ କିଣାକିଣି ଯାତାୟାତରେ ଅସୁବିଧା ହେଉଛି। ଏନେଇ ସ୍ଥାନୀୟ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ଓ ନିବେଦନ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଏଥିପ୍ରତି ଧ୍ୟାନଦେଇ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଶ୍ୟାମ ସୁନ୍ଦର ହାଇବୁରୁ, ଗୋବିନ୍ଦ ହାଇବୁରୁ,ପ୍ରଧାନ ହାଇବୁରୁ, ଚକ୍ରଧର ହାଇବୁରୁ, ସୀତାରାମ ହାଇବୁରୁ, ବୀରସିଂ ହାଇବୁରୁ, ଡମ୍ବରୁଧର ହାଇବୁରୁ, ରାମ ହାଇବୁରୁ, ବାପୁନ୍ ହାଇବୁରୁ, ସାନ ଗାଲା ହାଇବୁରୁ, ବଳଭଦ୍ର ହାଇବୁରୁ, ମଙ୍ଗିଲାଲ ହାଇବୁରୁ ଆଦି ପ୍ରଶାସନ ନିକଟରେ ଦାବି କରିଛନ୍ତି । ବର୍ଷାଦିନ ଆସିଲେ କାଦୁଅ ଓ ପାଣିରେ ରାସ୍ତା ପଚପଚ ହୋଇଯାଉଛି। ଏଥିଯୋଗୁଁ ଯାତାୟତରେ ବାଧା ଉପୁଜୁଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ବା ପିଚୁ ରାସ୍ତାରୁ ଜାଗାଇ ସାହି ଦେଇ ଯାଇଥିବା ରାସ୍ତା, ବିଦିରୀ ସାହି ଓ ବାଉଁଶରାଇ ସାହି ପ୍ରାୟ ତିନି କିଲୋମିଟର ହେବ। ଏହି ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଗ୍ରାମବାସୀ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଘୁଲୁଘୁଲିଆ ଗ୍ରାମରେ ଥିବା ଜାଗାଇ ସାହି, ବିଦିରି ସାହି ଓ ବାଉଁଶରାଇ ସାହିରେ ଥିବା ଲୋକେ କଂକ୍ରିଟ ରାସ୍ତା ନିର୍ମାଣ ଦାବିରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାୟୀ ସମାଧାନ ହୋଇପାରୁନି । ଗାଁକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅର୍ଥ ଅନୁମୋଦନ କରି ରାସ୍ତା ତିଆରି ନିମନ୍ତେ ଗ୍ରାମବାସୀମାନେ ଦାବି କରିଛନ୍ତି। ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ନ କରାଗଲେ ଗ୍ରାମବାସୀ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।



● ରାହୁଲ ଗାନ୍ଧୀଙ୍କ ଗିରଫଁର ପ୍ରତିବାଦ

## ଜିଲ୍ଲା କଂଗ୍ରେସର ବିକ୍ଷୋଭ, କୁଶପୁତ୍ତଳିକା ଦାହ

ବାରିପଦା, ୨୪।୭(ସମିସ): ଜାତୀୟ କଂଗ୍ରେସ ନେତା ତଥା ବିରୋଧୀ ଦଳର ମୁଖ୍ୟ ରାହୁଲ ଗାନ୍ଧୀଙ୍କ ଗିରଫ ପ୍ରତିବାଦରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ବାରିପଦା ସହରରେ ଏକ ବିଶାଳ ବିକ୍ଷୋଭ ରାଲି ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବହୁ ନେତା, କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ସତ୍ୟସାଇ ଛକରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା ସହରର ପ୍ରମୁଖ ରାସ୍ତା ଦେଇ ଷ୍ଟିଲ ଗୋଲେଇ ପର୍ଯ୍ୟନ୍ତ ପରିକ୍ରମା କରି ଶେଷରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପ୍ରତିବାଦକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରି ନିଜ ଅସନ୍ତୋଷ ପ୍ରକାଶ କରିଥିଲେ। ରାଲି ସମୟରେ କଂଗ୍ରେସ କର୍ମୀ କେନ୍ଦ୍ର ସରକାର ଓ ବିଜେପି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାହୁଲ ଗାନ୍ଧୀଙ୍କ ଗିରଫ ଏକ ଗଣତନ୍ତ୍ର ବିରୋଧୀ ପଦକ୍ଷେପ ଓ ଏହା ରାଜନୈତିକ ପ୍ରତିହିଂସାର ପରିଚାୟକ। ଏହାର ପ୍ରତିବାଦ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ନିଜ ପଦରୁ ଇସ୍ତଫା ଦେବାକୁ ଦଳ ଦାବି କରିଥିଲା। ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ କହିଥିଲେ, ଦେଶରେ ବିରୋଧୀ ଦଳର ସ୍ୱରକୁ ଦମନ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ସଂସ୍ଥାର ଦୁରୁପଯୋଗ କରୁଛନ୍ତି। ଯଦି ଏଭଳି କାର୍ଯ୍ୟ ଜାରି ରହେ, ତେବେ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବ।




### ଆନନ୍ଦପୁରକୁ ରେଳ ସଂଯୋଗ ପ୍ରସଙ୍ଗ

# ମିଳୁନି ସବୁଜ ସଙ୍କେତ; ଚୁପ୍ ବସିଛନ୍ତି ଶାସକ ଦଳର ନେତା

ଆନନ୍ଦପୁର, ୨୪।୭ (ସମିସ)

ରାଜ୍ୟ ପାଇଁ ରେଳ ବେଜଟ୍ ପ୍ରତିବର୍ଷ ବୃଦ୍ଧି ପାଉଛି। ଓଡ଼ିଶାରେ ନୂଆନୂଆ ପ୍ରକଳ୍ପକୁ ମଧ୍ୟ କେନ୍ଦ୍ର ସରକାର ଘୋଷଣା କରୁଛନ୍ତି। ହେଲେ ଖଣିଖାଦାନଭରା କେନ୍ଦୁଝର ଜିଲ୍ଲାର ପ୍ରମୁଖ ଅଞ୍ଚଳ ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଅଦ୍ୟାବଧି ଘୋଷଣା ମଧ୍ୟ କରଯାଉ ନଥିବା ବେଳେ ବିଜେପି ନେତାମାନଙ୍କ ସ୍ୱର ମଧ୍ୟ ଶୁଭୁନାହିଁ। ଗତ ୧୫ ବର୍ଷ ହେଲା ସ୍ଥାନୀୟ ଜନସାଧାରଣ ଦାବି କରି ଆସୁଥିବାବେଳେ ଏହାକୁ ସବୁଜ ସଂକେତ ମିଳୁନାହିଁ। ଓଡିଶାରେ ଡବଲ ଇଞ୍ଜୀନ୍ ସରକାର ଚାଲିଛି। ଏଥିପାଇଁ ଦାବି ପୂରଣ ସହଜ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଥିଲେ। ତେବେ ଓଡିଶାରୁ ରାଜ୍ୟସଭାକୁ ଯାଇ ରେଳମନ୍ତ୍ରୀ ହୋଇଥିବା ଅଶ୍ୱନୀ ବୈଷ୍ଣବଙ୍କ କୃପାଦୃଷ୍ଟି ଆନନ୍ଦପୁର ଉପରେ କେବେ ପଡିବ ଏହାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝର ଜିଲ୍ଲାରେ ମୋଟ୍ ୧୬୪.୮୨କିମି ରେଳପଥ ରହିଛି। ସମସ୍ତ ରେଳପଥ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡରେ ଥିବାବେଳେ ଆନନ୍ଦପୁରର ଜନସାଧାରଣ ଏଥିରୁ ବଞ୍ଚିତ ହୋଇଛନ୍ତି। ଏପରିକି ଆନନ୍ଦପୁର ଉପଖଣ୍ଡର ଜନସାଧାରଣ ପଡୋଶୀ ଜିଲ୍ଲା ଯାଜପୁରରୋଡ ଓ ଭଦ୍ରକ ରେଳଷ୍ଟେସନ୍ ଉପରେ ନିର୍ଭର କରି ଆସୁଛନ୍ତି। ରେଳପଥ ନଥିବାରୁ ଏହି ଅଞ୍ଚଳର ପର୍ଯ୍ୟଟନ ତଥା ଉପଖଣ୍ଡର ବିକାଶ ବାଧାପ୍ରାପ୍ତ ହେବା ଜଳଜଳ ଦେଖାଯାଉଛି। ପ୍ରଥମେ ୨୦୦୫ରେ ଯାଜପୁରରୋଡରୁ ଭାୟା ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡକୁ ରେଳସଂଯୋଗ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ରେଳଲାଇନ୍ ନିର୍ମାଣ ହେଲେ ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ୨୦୦କିମି ରାସ୍ତା ହ୍ରାସପାଇବ ବୋଲି ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଏହାଛଡା ପରେ ଧାମରାରୁ ଭଦ୍ରକ ଭାୟା ଆନନ୍ଦପୁର, ଘଟଗାଁ ଦେଇ ସୀତାବିଞ୍ଜି ଷ୍ଟେସନକୁ ରେଳପଥ ସଂଯୋଗପାଇଁ ଅନ୍ୟ ଏକ ପ୍ରସ୍ତାବ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ୨୦୧୩-୧୪ ଆର୍ଥିକବର୍ଷରେ ଜେକେରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶିପୁରକୁ ରେଳପଥ ସଂଯୋଗପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ନିକଟରୁ ପ୍ରସ୍ତାବ ଆସି ସଂପୃକ୍ତ ଜିଲ୍ଲାପାଳଙ୍କୁ ରିପୋର୍ଟ ମଗା ଯାଇଥିଲା। ପରବର୍ତ୍ତୀ ସମୟରେ ଏହା ନାଲିଫିତା ତଳେ ରହିଯାଇଛି। କେନ୍ଦୁଝର ଜିଲ୍ଲାର ଟାଙ୍ଗିରିଆପାଳ ଷ୍ଟେସନରୁ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳସଂଯୋଗ କରାଗଲେ ଉଭୟ ବ୍ୟବସାୟିକ ଓ ଯାତ୍ରୀସୁବିଧା ହୋଇପାରିବ ବୋଲି ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ମଧ୍ୟ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଥିଲେ। ସେହିପରି ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଗତ ୧୫ବର୍ଷ ହେଲା ବାରିଗାଁ ମା'ଧନେଇ ସେବାସଂଘ, ଆନନ୍ଦପୁର ବିକାଶ ପରିଷଦ, ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଆନନ୍ଦପୁରରେ ବିକ୍ଷୋଭ, ମାନବଶୃଙ୍ଖଳ ସହିତ ଭୁବନେଶ୍ୱରରେ ମଧ୍ୟ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଏପରିକି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚାରିଥର ରେଳମନ୍ତ୍ରଣାଳୟକୁ ଆନନ୍ଦପୁରର ଦାବି ସମ୍ପର୍କରେ ବିଚାର କରିବାପାଇଁ ଅବଗତ କରାଯାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହାର ଅଗ୍ରଗତି ହୋଇପାରୁ ନଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାର ଖଣିଖାଦାନରୁ ମିଳୁଥିବା ଟିକସରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷ ସମୃଦ୍ଧ ହେଉଥିବାବେଳେ ଏହି ଜିଲ୍ଲାକୁ ଅବହେଳା କରାଯିବା ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଛି। କେନ୍ଦୁଝରରୁ ସାଂସଦ ଅନନ୍ତ ନାୟକ ନିର୍ବାଚିତ ହେବାପରେ ରେଳପଥ ସଂଯୋଗପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଚଳିତବର୍ଷ ରେଳବଜେଟରେ ଓଡିଶାକୁ ବିପୁଳ ଅନୁଦାନ ଘୋଷଣା କରାଯାଇଥିଲେ ମଧ୍ୟ ଆନନ୍ଦପୁର କଥା ସରକାର ଭୁଲି ଯାଇଛନ୍ତି। ଗତ ଏପ୍ରିଲ ୧୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନନ୍ଦପୁର ମହୋତ୍ସବ ଆସିଥିବାବେଳେ ରେଳସଂଯୋଗ ପାଇଁ ସେ ରେଳମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି ବୋଲି କହିଥିଲେ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରେଳମନ୍ତ୍ରୀଙ୍କର ଏକାଧିକ ଭେଟଘାଟ ଓ ବୈଠକ ହେଲାଣି ହେଲେ ଆନନ୍ଦପୁର ରେଳପଥ ସଂଯୋଗ ସମ୍ପର୍କରେ କିଛି ସୂଚନା ମିଳିନାହିଁ। ଗତ ୧୫ତାରିଖରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଓଡିଶାର ଅନେକ ନୂତନ ରେଳପଥକୁ ମଞ୍ଜୁରୀ ମିଳିବା ସହିତ ଅର୍ଥ ବରାଦ କରାଯାଇଥିଲେ ମଧ୍ୟ ଆନନ୍ଦପୁରକୁ ଉପେକ୍ଷା କରାଯାଇଛି। ଆନନ୍ଦପୁରର ବିଜେପି ନେତାମାନେ ମଧ୍ୟ ରେଳସଂଯୋଗ ଦାବିନେଇ ନିରବତା ଅବଲମ୍ବନ କରିଥିବାରୁ ଦାବି ପୂରଣ ହୋଇପାରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ମହାପ୍ରଭୁଙ୍କୁ ଛାତ୍ରଙ୍କ ଗୁହାରି; ଯନ୍ତରମନ୍ତର ଆନ୍ଦୋଳନକାରୀଙ୍କୁ ନ୍ୟାୟ ଦିଅ




କେନ୍ଦୁଝର, ୨୪।୭ (ସମିସ): କେନ୍ଦୁଝରର ପ୍ରସିଦ୍ଧ ବାହୁଡ଼ା ଯାତ୍ରା ସମୟରେ ଜଣେ ଛାତ୍ରଙ୍କ ମହାପ୍ରଭୁଙ୍କୁ ଅଭିନବ ନିବେଦନ ଦେଖି ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ।

ରଥ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ବେଳେ ଶ୍ରଦ୍ଧାଳୁଙ୍କ ଗହଣରେ ଜଣେ ଛାତ୍ରଙ୍କର ମହାପ୍ରଭୁଙ୍କୁ ନିବେଦନ କରିବା ଶୈଳୀ ଦେଖି ଦେଖଣାହାରୀ ଭକ୍ତ ଚକିତ ହୋଇଥିଲେ। ଛାତ୍ର ଜଣଙ୍କ ମୁଣ୍ଡରେ କ୍ୟାପ ଏବଂ ମୁହଁରେ ମାସ୍କ ପିନ୍ଧି କାନ୍ଧ ଛଳ ଛଳ ଆଖିରେ ଏକ ପ୍ଲା କାର୍ଡ ରଥରୂଢ଼ ପ୍ରଭୁ ବଳଦେବଜୀଉଙ୍କ ରଥ ଆଡ଼କୁ ଦେଖେଇଥିଲେ।

ଯେଉଁ ପ୍ଲାକାର୍ଡରେ ଇଂରାଜୀରେ "ମହାପ୍ରଭୁ ଗ୍ରାଣ୍ଟ କରେଜ ଆଣ୍ଡ ଜଷ୍ଟିସ ଟୁ ଦି ଷ୍ଟୁଡେଣ୍ଟ ଆଟ ଯନ୍ତର ମନ୍ତର' ଲେଖା ହୋଇଥିଲା। ଯାହାକି ଦିଲ୍ଲୀରେ ଚାଲିଥିବା ସିଜେପିର ଛାତ୍ର ଆନ୍ଦୋଳନକୁ ବୁଝାଉଥିଲା। ଏହା ବେଶ୍ ଆଲୋଚନାର ବିଷୟ ପାଲଟିଛି।

## ଜିଲ୍ଲା ଶିକ୍ଷାଧିକାରୀଙ୍କ ପଦୋନ୍ନତି ବଦଳି ବାତିଲ

ବାରିପଦା, ୨୪।୭ (ସମିସ): ମୟୂରଭଞ୍ଜର ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ହୋଇଥିବା ପଦୋନ୍ନତି ବଦଳି ଆଦେଶ ବାତିଲ ସହିତ ପୂର୍ବଭଳି ଜିଲ୍ଲା ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହିତ ଗତ ମେ' ୨୧ ତାରିଖରେ ଜାରି ହୋଇଥିବା ବିଜ୍ଞପ୍ତି ନମ୍ବର ୧୨୯୦୮/ଏସଏମଇ ମାଧ୍ୟମରେ ତାଙ୍କୁ ଓଡ଼ିଶା ସ୍କୁଲ ଶିକ୍ଷା ପ୍ରୋଗ୍ରାମ ଅଥରିଟି (ଓସେପା) ଅତିରିକ୍ତ ନିର୍ଦ୍ଦେଶକ ପଦବୀ ଭାବେ ପଦୋନ୍ନତି ନେଇ ପୂର୍ବ ଆଦେଶ ରଦ୍ଦ କରିଛନ୍ତି। ରାଜ୍ୟପାଳଙ୍କ ଆଦେଶକ୍ରମେ ଅତିରିକ୍ତ ସଚିବଙ୍କ ଦ୍ୱାରା ଏହି ବିଜ୍ଞପ୍ତି ଜାରି କରାଯାଇଛି। ଏହି ବିଜ୍ଞପ୍ତି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆକାଉଣ୍ଟାଣ୍ଟ ଜେନେରାଲ, ଓପିଏସ୍‌ସି ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ପଠାଯାଇଛି। ଏହା ଓଡ଼ିଶା ଗେଜେଟରେ ମଧ୍ୟ ପ୍ରକାଶିତ ହେବ। ଏହି ନିଷ୍ପତ୍ତି ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ସୁଗଠିତ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ଏଆଇଡିଏସ୍‌ଓ ପକ୍ଷରୁ ସଂହତି ଦିବସ




ବାରିପଦା, ୨୪।୭ (ସମିସ): ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ କରିବା, ପରୀକ୍ଷାରେ ଦୁର୍ନୀତି ପ୍ରଶ୍ନପତ୍ର ଲିକ୍ ବନ୍ଦ କରିବା, ଅପାରଗ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଏନଟିଏକୁ ବାତିଲ କରିବା, ଶିକ୍ଷା ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ସମେତ ଛାତ୍ରଛାତ୍ରୀଙ୍କ ଉପରେ ବର୍ବର ଲାଠି ଚାଳନା କରିଥିବା ଦିଲ୍ଲୀ ପୁଲିସ ଓ ଗୁଣ୍ଡାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସମର୍ଥନରେ ଶୁକ୍ରବାର ଏଆଇଡିଏସଓ କେନ୍ଦ୍ରୀୟ ପରିଷଦ ପକ୍ଷରୁ ଦେଶବ୍ୟାପୀ ସଂହତି ଦିବସ ପାଳନ କରିବାକୁ ଆହ୍ୱାନ କରିଥିବାବେଳେ ବାରିପଦା ତକତପୁରଠାରେ ଏଆଇଡିଏସଓ ପକ୍ଷରୁ ସଂହତି ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା, ହରି ଥାୟାଲ, ପୂର୍ଣ୍ଣଚନ୍ଦ୍ର ବାଙ୍କୀରା, ସାକିଲା ହେମ୍ବ୍ରମ ନେତୃତ୍ୱ ନେଇଥିଲେ।

## ୧୮ ନଂ ଜାତୀୟ ରାଜପଥରେ ଓଲଟିଲା କଣ୍ଟେନର

ବେତନଟୀ,୨୪।୭ (ସମିସ):ବେତନଟୀ ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ତାରାକୋଟି ନିକଟରେ ଏକ ମାଲ୍‌ବୋଝେଇ କଣ୍ଟେନର ଭାରସାମ୍ୟ ହରାଇ ରାସ୍ତା



ତଳକୁ ଓଲଟିପଡ଼ିଛି। ଏହି ଦୁର୍ଘଟଣାରେ ଚାଳକ ଓ ଖଲାସୀ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁବାର ପୂର୍ବାହ୍ନରେ ବାରିପଦାରୁ ବେତନଟୀ ଅଭିମୁଖେ ଆସୁଥିବା ରାଜସ୍ଥାନର ଏକ ମାଲ୍ ବୋଝେଇ କଣ୍ଟେନର ତାରାକୋଟି ନିକଟରେ କୌଣସି କାରଣବଶତଃ ଚାଳକଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ଗାଡ଼ିଟି ରାସ୍ତା କଡ଼କୁ ପ୍ରାୟ ୧୫ ଫୁଟ ତଳକୁ ଖସି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଶବ୍ଦ ଶୁଣି ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। କ୍ୟାବିନ ଭିତରେ ଫସି ରହିଥିବା ଚାଳକ ଓ ଖଲାସୀଙ୍କୁ ଉଦ୍ଧାର କରିଥିଲେ।

## ସ୍ୱଧର୍ମକୁ ଫେରିଲେ ୧୦ ଆଦିବାସୀ ପରିବାର

ଆନନ୍ଦପୁର,୨୪।୭ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଗଁପୁର ଏବଂ ଗଡବାନ୍ଧଗୋଡା ପଞ୍ଚାୟତରେ ୧୦ରୁ ଅଧିକ ଆଦିବାସୀ ପରିବାରର ପ୍ରାୟ ୫୦ ସଦସ୍ୟ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ରଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂସ୍କୃତି ପ୍ରମୁଖ ଶରତଚନ୍ଦ୍ର ସ୍ୱାଇଁ ଅନ୍ୟ ଧର୍ମ ଗ୍ରହଣ କରିଥିବା ପରିବାର ଲୋକଙ୍କ ସହ ଆଲୋଚନା କରିବା ପରେ ଉକ୍ତ ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନେ ପୁଣି ସ୍ୱଧର୍ମକୁ ଗ୍ରହଣ କରିଛନ୍ତି। କଇଁସିଆରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ସମସ୍ତ ବନବାସୀଙ୍କୁ ଫୁଲ ଓ ଚନ୍ଦନ ତିଳକ ଧାରଣ କରାଯାଇଥିଲା। ସନାତନ ଧର୍ମ ସମ୍ପର୍କରେ ମାର୍ଗ ଦର୍ଶନ ମଧ୍ୟ କରାଯାଇଥିଲା। ପରେ ସେମାନେ ଉତ୍ସାହିତ ହୋଇ ବାହୁଡା ଯାତ୍ରା ପରିପେକ୍ଷୀରେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ।

## କେନ୍ଦୁଜିଆଣୀ ସରସ୍ୱତୀ ଶିଶୁମନ୍ଦିରରେ ନିଟ୍‌ରେ ସଫଳ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ମହୁଲଡିହା,୨୪।୭ (ସମିସ): ଚଳିତ ବର୍ଷ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦୁଇ ପୂର୍ବତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଠାକୁରମୁଣ୍ଡା ବ୍ଲକ ନୂଆଗାଁ ଗ୍ରାମର ଚାଷୀଙ୍କ ପୁଅ ଦିବ୍ୟରଂଜନ ମହାନ୍ତ ୧୨୨୩୭ ଓ ବିଶୋଇ ବ୍ଲକ କୁଳିପୋଷି ଗ୍ରାମର ଶିକ୍ଷକଙ୍କ ପୁଅ ଯଶୋବନ୍ତ ମହାନ୍ତ ୫୮୫୩ ର୍‌ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ନୂଆଗାଁର ଦିବ୍ୟରଞ୍ଜନଙ୍କ ପିତା ଶଙ୍କର୍ଷଣ ମହାନ୍ତ, ମାତା ମୋନାଲିସା ମହାନ୍ତଙ୍କୁ ଓ କୁଳିପୋଷି ଗ୍ରାମର ଯଶୋବନ୍ତଙ୍କ ପିତା ଉମେଶ ଚନ୍ଦ୍ର ମହାନ୍ତ, ମାତା ଲାବଣ୍ୟବତୀ ମହାନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଦିବ୍ୟରଞ୍ଜନଙ୍କ ପିତାମାତାଙ୍କ ବୃତ୍ତି ହେଉଛି ଚାଷ ଓ ଯଶୋବନ୍ତଙ୍କ ପିତାମାତା ଉଭୟେ ଶିକ୍ଷକତା କରନ୍ତି। ମୁଖ୍ୟଅତିଥି ଭାବେ ପ୍ରାନ୍ତ ପୂର୍ବ ଛାତ୍ର ପରିଷଦ ପ୍ରମୁଖ ଦେବେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ କର୍ମମୟ ଜୀବନରେ ଅସାଧାରଣ ହୋଇ ପରିଚୟ ସୃଷ୍ଟି କରିବା ପାଇଁ କହିଥିଲେ।

ପୂର୍ବ ଛାତ୍ର ଓଏଏସ ରବି ଶଙ୍କର ହେମ୍ବ୍ରମ ନିଜ ଅନୁଭୂତି ପ୍ରଦାନ ସହ ଗଠନମୂଳକ ମନ୍ତବ୍ୟ ଦେଇଥିଲେ। ସେମାନଙ୍କ ପିତାମାତା ନିଜର ଅନୁଭୂତିଭରା ପ୍ରେରଣାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ମୟୂରଭଞ୍ଜ ବିଭାଗ ନିରୀକ୍ଷକ ଲମ୍ବୋଦର ମହାନ୍ତ ଓ ବିଦ୍ୟାଳୟର ପୂର୍ବତନ ଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ବୈଠକର ସମ୍ୟକ ସୂଚନା ଦେଇ ଅତିଥି ପରିଚୟ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ କରୁଣାକର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ।

## ଗାଡ଼ିଆରେ ବୁଡ଼ି ୪ ବର୍ଷର ଶିଶୁକନ୍ୟା ମୃତ

ତୁରୁମୁଙ୍ଗା, ୨୪।୭ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଚୁଟିଆପଶି ଗ୍ରାମରେ ଶୁକ୍ରବାର ଅଘଟଣ ଘଟି ଗାଡ଼ିଆରେ ବୁଡ଼ି ଜଣେ ୪ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲେ



ଉପେନ୍ଦ୍ର ଦଳ ଦାସିଆଙ୍କ ୪ ବର୍ଷର ଝିଅ ସଞ୍ଜୀବନୀ ଦଳ ଦାସିଆ। ସୂଚନା ଅନୁସାରେ, ସଞ୍ଜୀବନୀ ଭାଇଙ୍କ ସହ ଘର ନିକଟରେ ଥିବା ଗଡ଼ିଆକୁ ଯାଇ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ପରିବାର ଓ ଗ୍ରାମବାସୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ପାଟଣା ମେଡ଼ିକାଲକୁ ଆଣିଥିଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ପରେ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପାଟଣା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ଶିଶୁ କନ୍ୟାର ଅକାଳ ମୃତ୍ୟୁରେ ପରିବାର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଥିବା ସରକାରୀ ସହାୟତା ପାଇଁ ଦାବି ହେଉଛି।

## ଗବପାଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ଚୋରି

ବୈଶିଙ୍ଗା,୨୪।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତ ଅଧୀନ ଗବପାଳଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ତାଲାଭାଙ୍ଗି ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ନେଇ ଅଭିଯୋଗ ହେବା ପରେ ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗବପାଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କାର୍ଯ୍ୟରତ କମ୍ୟୁନିଟି ହେଲଥ ଅଫିସରଙ୍କ ଅଭିଯୋଗ ମୁତାବକ ଗୁରୁବାର ଅପରାହ୍ନ ସାଢେ ପାଞ୍ଚଟା ପାଖାପାଖି ସମୟରେ କାର୍ଯ୍ୟାଳୟ ବନ୍ଦ କରି ଘରକୁ ଯାଇଥିବାବେଳେ ଶୁକ୍ରବାର ସକାଳେ କାର୍ଯ୍ୟାଳୟ ଖୋଲିବାକୁ ଆସି ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ଲାଗିଥିବାବେଳେ ମୁଖ୍ୟଦ୍ୱାର ସମେତ କାର୍ଯ୍ୟାଳୟ ଭିତରର ଏକାଧିକ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟାଳୟରୁ ଦୁଇଟି ଇନଭର୍ଟର, ଦୁଇଟି ବ୍ୟାଟେରୀ ସମେତ ହିମୋଗ୍ଲୋବିନ ମାପିବା ପାଇଁ ଉଦ୍ଦିଷ୍ଟ ଯନ୍ତ୍ରକୁ ଚୋରିକରି ନେଇଥିବା ଦେଖିବାକୁ ପାଇଥିଲେ। ଔଷଧ ଓ ଅନ୍ୟାନ୍ୟ ଆସବାବପତ୍ର ଏଣେତେଣେ ଫିଙ୍ଗି ଦେଇଥିଲେ। ଦାୟିତ୍ୱରେ ଥିବା କମ୍ୟୁନିଟି ହେଲଥ ଅଫିସରଙ୍କ ଏତଲାକ୍ରମେ ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ତଦନ୍ତ କରି ଫେରିଥିବାବେଳେ ଚୋରି ସମ୍ପତ୍ତିର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବା ନେଇ ଆକଳନ କରାଯାଉଛି।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ହାଟଡ଼ିହୀ,୨୪।୭ (ସମିସ): ହାଟଡ଼ିହୀ ବ୍ଲକ ବଞ୍ଚୋ ଗାଁର ଜଣେ ଚାଷୀଙ୍କ ସାପ କାମୁଡ଼ାରେ ଅକାଳ ବିୟୋଗ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଏନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ଗ୍ରାମର ଅନାମ ଚରଣ ରାଉତ ଗତକାଲି ନିଜ ଚାଷ ବିଲକୁ କାମ କରିବାକୁ ଯାଇଥିଲେ। ଘରକୁ ଫେରିବା ପରେ ତାଙ୍କ ଦେହ ଅସୁସ୍ଥ ଲାଗୁଥିବା କହିଥିଲେ। ରାତିରେ ହଠାତ୍ ମୁଣ୍ଡ ବୁଲାଇବା ସହ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ସନ୍ଦେହ ଅନୁଯାୟୀ, ଚାଷ ଜମିରେ କାମ କରୁଥିବା ବେଳେ ତାଙ୍କୁ ବିଷାକ୍ତ ସାପ କାମୁଡ଼ିଥିଲା। ପୁଲିସ ଏନେଇ ଶବ ବ୍ୟବଚ୍ଛେଦ କରାଇଛି। ରିପୋର୍ଟ ଆସିଲା ପରେ କାରଣ ସ୍ପଷ୍ଟ ହେବ। ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ସମେତ ମୁକେଶ ରାଉତ, ସୁଶାନ୍ତ ବିଶ୍ୱାଳ, ସୁବ୍ରତ ବିଶ୍ୱାଳ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ରତିକାନ୍ତ ନିଜସ୍ୱ ପାଣ୍ଠିରୁ ଆର୍ଥିକ ସହାୟତା କରିଥିବା ବେଳେ ପରିବାରର ଭରଣପୋଷଣ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ସହ ଆବଶ୍ୟକ ସରକାରୀ ସୁବିଧା ଯୋଗାଇ ଦେବାକୁ ରତିକାନ୍ତଙ୍କ ସମେତ ଗାଁଲୋକେ ଦାବି କରିଛନ୍ତି।

## ଚାଷ ଜମିରେ ଟ୍ରାକ୍ଟର ଓଲଟି ଯୁବକ ମୃତ

ମହୁଲଡିହା,୨୪।୭ (ସମିସ): ଠାକୁରମୁଣ୍ଡା ବ୍ଲକ୍ ମହୁଲଡିହା ଥାନା ଅନ୍ତର୍ଗତ ଭାଲିଆଡାଳ ପଞ୍ଚାୟତର ବଡଳା ଗ୍ରାମରେ ଜଣେ ଯୁବକ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ବଡଳା ଗ୍ରାମର ଅଙ୍ଗନବାଡି କର୍ମୀଙ୍କ ସ୍ୱାମୀ ଶାମୁ ବାନାରା (୩୫)। ତାଙ୍କର ଦୁଇଟି ଝିଅ ଅଛନ୍ତି। ସେ ନିଜ ଚାଷ ଜମିରେ ତଳି ଲଗାଇବା ପାଇଁ କାଦୁଅ କରୁଥିଲେ। କାଦୁଅ ସାରି ଜମିରୁ ରାସ୍ତାକୁ ଉଠି ଆସୁଥିବାବେଳେ ଟ୍ରାକ୍ଟର ପଛେଇ ଯାଇ ଓଲଟି ପଡ଼ିବାରୁ ଶାମୁ ଟ୍ରାକ୍ଟରରେ ଚାପି ହୋଇଯାଇଥିଲେ। ପାଖ ଜମିରେ ଚାଷ କାମ କରୁଥିବା ଲୋକ ଟ୍ରାକ୍ଟର ତଳୁ ଶାମୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ପାରିନଥିଲେ। ସେମାନେ ଅନ୍ୟଏକ ଟ୍ରାକ୍ଟର ସାହାଯ୍ୟରେ ଟ୍ରାକ୍ଟରକୁ ସାଇଡ୍ କରି ଶାମୁଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଶିମିଳିପାଳରୁ ୪ ଶିକାରୀ ଗିରଫ



ବାରିପଦା, ୨୪।୭ (ସମିସ): ଶିମିଳିପାଳ ଅଭୟାରଣ୍ୟରେ ଅବୈଧ ପ୍ରବେଶ କରି ବନ୍ୟଜନ୍ତୁ ଶିକାର କରିବାକୁ ଉଦ୍ୟମ କରୁଥିବା ୪ ଜଣ ଶିକାରୀଙ୍କୁ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡର କର୍ମଚାରୀ ଗିରଫ କରିଛନ୍ତି। ସେମାନଙ୍କ ପାଖରୁ ୨ଟି ହାତତିଆରି ଦେଶୀ ବନ୍ଧୁକ, ବାରୁଦ ଗୁଣ୍ଡ, ୨ଟି ଟର୍ଚ୍ଚ ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଜବତ କରାଯାଇଛି। ଏହାଦ୍ୱାରା ଏକ ବଡ଼ଧରଣର ଶିକାର ଘଟଣାକୁ ରୋକାଯାଇଛି। ଏଆଇ ଟ୍ରେଲଗାର୍ଡ କ୍ୟାମେରାରେ ଶିକାରୀଙ୍କ ଗତିବିଧି ଧରାପଡ଼ିବା ପରେ ଶିମିଳିପାଳ ଟାଇଗର ପ୍ରୋଟେକ୍ସନ୍ ଫୋର୍ସ (ଏସଟିଏଫ) ସମେତ ଏନଫୋର୍ସମେଣ୍ଟ ଟିମ୍ ଦ୍ୱାରା ସକ୍ରିୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ କରାଯାଇ ସେମାନଙ୍କୁ ଗିରଫ କରାଯାଇ ପୋଡ଼ାଡିହା ବନ୍ୟପ୍ରାଣୀ ରେଞ୍ଜରେ ଏହି ଘଟଣାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ହେଲେ ଫଗୁ ଓରଫ ଫଗୁରାମ ଟୁଡୁ (୨୩), ରାମଚନ୍ଦ୍ର କିସ୍କୁ (୫୬), ତାଙ୍କ ପୁଅ ରଞ୍ଜନ (୨୬) ଓ ବିଶ୍ୱନାଥ ହାଁସଦା (୬୫)। ସମସ୍ତଙ୍କ ଘର କପ୍ତିପଦା ଥାନା ଅନ୍ତର୍ଗତ ବଡ଼ଜୁନପାଳ ଓ ସଞ୍ଜୁନପାଳ ଅଞ୍ଚଳରେ। ସେମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ଉପନିର୍ଦ୍ଦେଶକ ସୁମିତ କୁମାର କର ସୂଚନା ଦେଇଛନ୍ତି।

## କାର୍ଯ୍ୟରତ ମ୍ୟାଟ୍ରନ୍‌ଙ୍କ ମୃତ୍ୟୁ



ମାଣଡ୍ରା,୨୪।୭ (ସମିସ): ବଡ଼ସାହି ବ୍ଲକ ମାଣଡ୍ରାସ୍ଥ ଏସଏସଡି ବାଳିକା ବିଦ୍ୟାଳୟରେ ମ୍ୟାଟ୍ରନ ଭାବେ କାର୍ଯ୍ୟ କରୁଥିବା କାଞ୍ଚନ ନାଏକ (୫୦) କିଛି ଦିନ ହେବ ଅସୁସ୍ଥ ଥିଲେ। ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ବାରିପଦାସ୍ଥ ସାଇ ନର୍ସିଂହୋମକୁ ନିଆଯାଇଥିଲା। ହଠାତ ବିପି ଓ ଏସିଡ ବଢ଼ିଯିବାରୁ ବୁଧବାର ଭୋର ୪ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ବଡ଼ସାହି ବ୍ଲକ ଅନ୍ତର୍ଗତ ଶିଆଳିଘାଟି ପଞ୍ଚାୟତର ଶିଆଳିଘାଟି ଗ୍ରାମର ଭଗବାନ ନାଏକଙ୍କ ଧର୍ମପତ୍ନୀ ଥିଲେ। ମାଣଡ୍ରାସ୍ଥ ଏସଏସଡି ବାଳିକା ବିଦ୍ୟାଳୟରେ ମ୍ୟାଟ୍ରନ ଭାବେ ଦୀର୍ଘ ୯ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। ଏହି ଖବର ପାଇ ସ୍କୁଲ ତଥା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ସୂଚନା ଅଧିକାର ପ୍ରଶ୍ନର ଉତ୍ତରଦେଲା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ

# ଶିମିଳିପାଳରେ କୌଣସି ଇକୋ-ଟୁରିଜିମ୍ ପ୍ରକଳ୍ପ ପ୍ରସ୍ତାବ ଆସିନି

ବାରିପଦା,୨୪।୭ (ସମିସ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ଆଖପାଖରେ କୌଣସି ଇକୋ-ଟୁରିଜିମ୍, ଟୁରିଜିମ୍ ଭିତ୍ତିଭୂମି, ରିସର୍ଟ କିମ୍ବା ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପ ପାଇଁ କୌଣସି ପ୍ରସ୍ତାବ ଆସିନାହିଁ ବୋଲି କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ ସୂଚନା ଅଧିକାର ଆଇନରେ ଆଗତ ପ୍ରଶ୍ନର ଉତ୍ତରରେ ଜଣାଇଛନ୍ତି। କୋଲକାତାରେ ରହୁଥିବା ରାଇରଙ୍ଗପୁରର ଆଇନଜୀବୀ ଆକାଶ ଶର୍ମାଙ୍କ ସୂଚନା ଅଧିକାର ଆବେଦନର ଉତ୍ତରରେ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବୈଜ୍ଞାନିକ ଏମଆର ପ୍ରସାଦ ଜାରି କରିଥିବା ପତ୍ରରେ କୁହାଯାଇଛି ଯେ, ଶିମିଳିପାଳ ସଂଲଗ୍ନ ମୟୂରଭଞ୍ଜ ଜିଲ୍ଲାର ଯଶିପୁର ତହସିଲ ଅନ୍ତର୍ଗତ କଳିକାପ୍ରସାଦ ଓ ଟମକଶୀଳା ମୌଜା ଅଞ୍ଚଳରେ କେବଳ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ପକ୍ଷରୁ ଏକ ବନ ଜମି ଡାଇଭର୍ସନ୍ ପ୍ରସ୍ତାବ ଆସିଛି। ଏହି ପ୍ରସ୍ତାବର ନମ୍ବର ହେଉଛି ଏଫପି/ଓଆର/ ଆରଓଏଡି/୧୪୮୦୮୭/୨୦୨୧। ଯାହାର ସମସ୍ତ ସୂଚନା ପରିବେଶ ୨.୦ ପୋର୍ଟାଲରେ ଉପଲବ୍ଧ ରହିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଉପରୋକ୍ତ ତଥ୍ୟ ସମ୍ପର୍କରେ ସମସ୍ତ ଦସ୍ତାବିଜ୍, ମାନଚିତ୍ର ଓ ସୂଚନା ପୋର୍ଟାଲରେ ପ୍ରକାଶିତ ହୋଇଛି। ଯେକେହି ପରିବେଶଗତ ସ୍ତରରେ ଚିନ୍ତା କରୁଛନ୍ତି, ସେମାନେ ସେଠାରୁ ଯାଞ୍ଚ କରିପାରିବେ। ଏହି ସୂଚନା ଅଧିକାର ଉତ୍ତର ଶିମିଳିପାଳର ପରିବେଶ ସୁରକ୍ଷା ପାଇଁ ଚିନ୍ତିତ ସ୍ଥାନୀୟ ଲୋକ, ପରିବେଶବିତ ଓ ବନ୍ୟପ୍ରାଣୀପ୍ରେମୀଙ୍କ ମନରେ କିଛି ଆଶ୍ୱାସନା ଦେଇଛି। ଶିମିଳିପାଳ ଭଳି ସମ୍ବେଦନଶୀଳ ଜାତୀୟ ଉଦ୍ୟାନରେ ଯେକୌଣସି ବିବାଦୀୟ ପ୍ରକଳ୍ପ ଆଗକୁ ବଢ଼ିବା ଆଗରୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ପରିବେଶଗତ ମୂଲ୍ୟାଙ୍କନ ଆବଶ୍ୟକ ବୋଲି ରାଜ୍ୟ ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ (ସ୍ୱାଧୀନ) ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।


**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୧୩- ଭାରତରେ ପ୍ରଥମ ଥର ନୌକା ଦୌଡ଼ ପ୍ରତିଯୋଗିତାର ଆୟୋଜନ କଲିକତାରେ କରାଗଲା।
- ୧୯୦୯- ବ୍ରାସିଲୋନା ସହରରେ ଶ୍ରମିକ ବିଦ୍ରୋହ ଆରମ୍ଭ ହେଲା।
- ୧୯୬୩- ଆମେରିକା, ରୁଷ୍ ଓ ବ୍ରିଟେନ୍ ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୭୮- ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇସ୍ ବ୍ରାଉନ୍ ଲଣ୍ଡନରେ ଜନ୍ମ ନେଲା।




# ପୁଣି ଏକାଠି କାର୍ତ୍ତିକ୍-ଅନୀସ୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ୟ୍ୟନ୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ନାଗଜିଲା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତାଙ୍କ ହାତରେ ମଧ୍ୟ ଆଉ ତିନୋଟି ବଡ଼ ପ୍ରୋଜେକ୍ଟ ଅଛି। ଇତିମଧ୍ୟରେ ତାଙ୍କ ହାତକୁ ଆଉ ଏକ ବଡ଼ ଫିଲ୍ମ ଆସିଛି। ବଲିଉଡ୍‌ର ସଫଳ ଫ୍ରାଞ୍ଚାଇଜ୍ 'ଭୁଲଭୁଲୈୟା' ସିରିଜ୍‌ର ଚତୁର୍ଥ ଫିଲ୍ମରେ କାମ କରିବା ପାଇଁ କାର୍ତ୍ତିକ୍‌ଙ୍କୁ ଅଫର୍ ଆସିଛି। ଏହାର ଅର୍ଥ ପୁଣି ଥରେ ରୁହବାବା ଚରିତ୍ରରେ ସେ ପରଦାକୁ ଫେରିବେ। ଏବେ ଏହାର କାହାଣୀ ଲେଖା ଯାଉଛି। ଭୂଷଣ କୁମାର ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଯଦି ସବୁକିଛି ଯୋଜନା ମୁତାବିକ ହୁଏ ତେବେ ୨୦୨୭ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। 'ଭୁଲଭୁଲୈୟା' ସିରିଜ୍‌ର ପ୍ରଥମ ଫିଲ୍ମର ନିର୍ଦ୍ଦେଶନା ପ୍ରିୟଦର୍ଶନ ଦେଇଥିଲେ। ଏହି ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମର ନିର୍ଦ୍ଦେଶନା ଅନୀସ୍ ବଜମି ଦେଇଥିଲେ। ଅନୀସ୍ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମର ମଧ୍ୟ ନିର୍ଦ୍ଦେଶନା ଦେବା କଥା ଫାଇନାଲ ହୋଇ ଯାଇଥିବାବେଳେ ଏନେଇ ବିଧିବଦ୍ଧ ଘୋଷଣା ବାକି ଅଛି। 'ଭୁଲଭୁଲୈୟା' ସିରିଜ୍‌ର ପ୍ରଥମ ଫିଲ୍ମ ୨୦୦୭ରେ ଆସିଥିଲା। ଏଥିରେ ଅକ୍ଷୟ କୁମାର ମୁଖ୍ୟ ଭୂମିକାରେ ଥିଲେ। ସେହିପରି, ବିଦ୍ୟା ବାଲାନ 'ମଞ୍ଜୁଲିକା' ଚରିତ୍ରରେ ନଜର ଆସି ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ଏହାପରେ 'ଭୁଲଭୁଲେୟା ୨' ୨୦୨୨ରେ ଏବଂ ଏହି ସିରିଜ୍‌ର ତୃତୀୟ ଚଳଚ୍ଚିତ୍ର ୨୦୨୪ରେ ଆସିଥିଲା। ଏହି ସିରିଜ୍‌ର ତୃତୀୟ ଚଳଚ୍ଚିତ୍ର ହିଁ ସବୁଠାରୁ ଅଧିକ ରୋଜଗାର କରିଥିଲା। ତେବେ ଫିଲ୍ମ ନିର୍ମାତା କେବେ 'ଭୁଲ୍‌ଭୁଲୈୟା ୪' ବିଷୟରେ ବିଧିବଦ୍ଧ ଭାବେ ଘୋଷଣା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ୩୮ ବର୍ଷ ଧରି ଚାଲିଥିଲା ପ୍ରାସାଦ ନିର୍ମାଣ କାର୍ଯ୍ୟ

ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ସାନ୍ ଜୋସେ ସହରରେ ଅବସ୍ଥିତ ୱିନଚେଷ୍ଟର ମିଷ୍ଟ୍ରି ହାଉସ୍ ଏକ ରହସ୍ୟମୟ ପ୍ରାସାଦ। ଏହାର ଅଜବ ସ୍ଥାପତ୍ୟ କଳା ଏବଂ ଭୂତପ୍ରେତ ସହ ଜଡ଼ିତ କାହାଣୀ ପାଇଁ ଏହା ସାରା ବିଶ୍ୱରେ ଜଣାଶୁଣା। ଭିକ୍ଟୋରିଆ ଶୈଳୀରେ ନିର୍ମିତ ଏହି ପ୍ରାସାଦଟି ନକ୍ସା ବିନା ନିର୍ମାଣ କରାଯାଇଥିଲା। ଏହାର ଡିଜାଇନ୍ ଏତେ ଜଟିଳ ଯେ, ଏହା ଏକ ଚକ୍ରବ୍ୟୂହ ବା ଭୁଲଭୁଲୈୟା ଭଳି ଦେଖାଯାଏ। ପ୍ରାସାଦରେ ଏଭଳି ଅନେକ ପାହାଚ ବା ସିଡ଼ି ଅଛି, ଯାହା ଉପରକୁ ଯାଇ କୌଣସି ରୁମ୍ ବଦଳରେ ସିଧା ଛାତ କିମ୍ବା କାନ୍ଥରେ ଶେଷ ହୋଇଥାଏ। କିଛି କବାଟ ଏଭଳି ରହିଛି ଯାହାକୁ ଖୋଲିଲେ ଆଗକୁ କୌଣସି ଚଟାଣ ନ ଥାଏ, ବରଂ ସିଧା ତଳକୁ ଖସିପଡ଼ିବାର ଭୟ ଥାଏ। କେତେକ ଝରକା ବାହାର ଆଲୋକ ପାଇଁ ନୁହେଁ, ବରଂ ଘର ଭିତରେ ଥିବା ଅନ୍ୟ ରୁମ୍ ଆଡ଼କୁ ଖୋଲିଥାଏ। ଏହି ଘରର ମାଲିକାଣୀ ଥିଲେ ସାରା ୱିନଚେଷ୍ଟର, ଯିଏ କି ପ୍ରସିଦ୍ଧ ୱିନଚେଷ୍ଟର ରାଇଫଲ୍' କମ୍ପାନିର ମାଲିକ ୱିଲିୟମ୍ ୱିର୍ଟ ୱିନଚେଷ୍ଟରଙ୍କ ବିଧବା ପତ୍ନୀ ଥିଲେ। ୧୮୮୧ ମସିହାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସମସ୍ତ ସମ୍ପତ୍ତିର ମାଲିକାଣୀ ହୋଇଥିଲେ। ଏହି ବିଶାଳକାୟ ପ୍ରାସାଦର ନିର୍ମାଣ ସାରାଙ୍କ ଭୟ ଓ ଜିଦ୍ ଯୋଗୁଁ ହୋଇଥିଲା। ସେ ଲଗାତାର ୩୮ ବର୍ଷ ଧରି ଆଦୌ ଅଟକି ନ ରହି ଦିନ ରାତି ଏହି ଘରକୁ ତିଆରି କରିଥିଲେ। ସ୍ୱାମୀଙ୍କ ପୂର୍ବରୁ ସେ ନିଜ ଝିଅକୁ ହରାଇ ଥିଲେ। ନିଜ ଲୋକଙ୍କୁ ହରାଇବାର ଦୁଃଖରେ ସେ ଜଣେ ତାନ୍ତ୍ରିକଙ୍କ ପରାମର୍ଶ ନେଲେ। ତାନ୍ତ୍ରିକ ଜଣକ କହିଲେ, ତାଙ୍କ ସ୍ୱାମୀଙ୍କ ବନ୍ଧୁକ ଗୁଳିରେ ଯେତେ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ଆତ୍ମା ୱିନଚେଷ୍ଟର ପରିବାରକୁ ହଇରାଣ କରୁଛନ୍ତି ଏବଂ ଏହାସହ ତାଙ୍କ ଝିଅ ଓ ସ୍ୱାମୀଙ୍କ ଅଚାନକ ମୃତ୍ୟୁ ଏହି ଅଭିଶାପ ଯୋଗୁଁ ହୋଇଛି। ଏହାପରେ ତାନ୍ତ୍ରିକ ତାଙ୍କୁ ପଶ୍ଚିମ ଦିଗରେ ଭୂତଙ୍କ ପାଇଁ ଏକ ଘର ନିର୍ମାଣ କରିବା ସହ ଏବଂ ତା'ର ନିର୍ମାଣ କାର୍ଯ୍ୟ ନ ରୋକିବାକୁ ପରାମର୍ଶ ଦେଲେ। ତାନ୍ତ୍ରିକ କଥାକୁ ମାନି ସାରା କନେକ୍ଟିକଟ୍ ଛାଡ଼ି ସାନ୍ ଜୋସ୍ ଆସିଲେ ଏବଂ ସମ୍ପତ୍ତି କିଣି ଘର ନିର୍ମାଣ କଲେ। ଏହି ବିଶାଳ ଘରକୁ ତିଆରି କରିବା ଲାଗି ସାରା କୌଣସି ଆର୍କିଟେକ୍ଟଙ୍କ ସାହାଯ୍ୟ ନେଇ ନ ଥିଲେ କିମ୍ବା ତାଙ୍କର କୌଣସି ନକ୍ସା ବା ବ୍ଲୁପ୍ରିଣ୍ଟ ନ ଥିଲା। ସେ ସବୁଦିନ ସକାଳେ ନିଜ ଫୋର୍‌ମ୍ୟାନ୍‌ଙ୍କୁ ଭେଟ କରି ନିଜ ହାତ ତିଆରି ଚିତ୍ର ଦେଖାଉ ଥିଲେ। ଯଦି କୌଣସି ଯୋଜନା ଠିକ୍ ଭାବେ କାମ କରୁ ନ ଥିଲା, ତାଙ୍କୁ ତୁରନ୍ତ ଭାଙ୍ଗି ପୁଣି କରୁଥିଲେ। ସେହିପରି ଶିଢ଼ି ତଥା କରିଡର ସବୁ ଏମିତି ସେ ତିଆରି କରୁଥିଲେ, ଯେମିତି ଘୁରି ବୁଲୁଥିବା ଆତ୍ମା ବାଟବଣା ହୋଇ ତା' ଭିତରେ ଫସି ରହିବେ। ସେ ସମୟରେ ଏ ଘର ଥିଲା ଅତ୍ୟନ୍ତ ଆଧୁନିକ। ଏଥିରେ ଇନଡୋର ଟଏଲେଟ୍, ଗରମ ପାଣି ସାୱାର, ଗ୍ୟାସ ଲାଇଟ୍, ଲିଫ୍ଟ, ସୁନା ରୂପା ଝୁମର ଭଳି ଅନ୍ୟ ଆଧୁନିକ ସୁବିଧା ମହଜୁଦ ଥିଲା। ନିର୍ମାଣର ଏହି ଧାରା ୧୯୨୨ ମସିହା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ସାରାଙ୍କ ମୃତ୍ୟୁ ଯାଏଁ ପ୍ରାୟ ୩୮ ବର୍ଷ ଧରି ଚାଲିଲା। ତେବେ ତାଙ୍କ ମୃତ୍ୟୁ ସମୟରେ ଏହି ପ୍ରାସାଦଟି ୪.୫ ଏକର ପରିମିତ ଥିଲା ଏବଂ ଏଥିରେ ଏତେ ସଂଖ୍ୟକ କୋଠରୀ ଥିଲା ଯେ, ପ୍ରତ୍ୟେକ ଥର ଗଣିବା ଦ୍ୱାରା ଆଉ ଏକ ସଂଖ୍ୟା ବଢୁଥିଲା। ପ୍ରାରମ୍ଭରେ ଏଥିରେ ୧୪୮ କୋଠରି ଥିବା କୁହାଯାଉଥିଲା ଏବଂ ପରେ ଏହି ସଂଖ୍ୟା ୧୬୧କୁ ବୃଦ୍ଧି ପାଇଥିଲା।



# ପ୍ଲାଷ୍ଟିକ୍ ମୁକ୍ତ କରିବ କବକ

ପ୍ଲାଷ୍ଟିକ୍ ପ୍ରଦୂଷଣ ବର୍ତ୍ତମାନ ସମଗ୍ର ବିଶ୍ୱ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। ପ୍ଲାଷ୍ଟିକ୍ ନଷ୍ଟ ହେବାକୁ ଶହ ଶହ ବର୍ଷ ଲାଗୁଥିବାରୁ ପରିବେଶ, ଜୀବଜନ୍ତୁ ଏବଂ ମାନବ ସମାଜ ଉପରେ ଏହାର ଗଭୀର ଏବଂ କ୍ଷତିକାରକ ପ୍ରଭାବ ପଡୁଛି। ଏହି କ୍ରମରେ ବୈଜ୍ଞାନିକମାନେ ଏକ କବକ ବା ଫଙ୍ଗସ୍ ଆବିଷ୍କାର କରିଛନ୍ତି ଯାହା ପ୍ଲାଷ୍ଟିକ୍‌କୁ ଖାଦ୍ୟରେ ପରିଣତ କରେ। ଆମାଜନ ଜଙ୍ଗଲରେ ଠାବ କରାଯାଇଥିବା ଏହି କବକ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍‌କୁ ନଷ୍ଟ କରିବାରେ ସକ୍ଷମ। ବିଶେଷକରି ପଲିଥିନ୍‌କୁ ଏହା ନଷ୍ଟ କରିଦିଏ। ଏହି ଆବିଷ୍କାର ପରିବେଶବିତ୍ ଏବଂ ବୈଜ୍ଞାନିକମାନଙ୍କ ପାଇଁ ଖୁବ୍ ଆଶ୍ୱସ୍ତି ଆଣିଦେଇଛି। ବର୍ତ୍ତମାନ ଆଶା କରାଯାଉଛି ଯେ, ଏହି କବକ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବାରେ ସାହାଯ୍ୟ କରିପାରିବ। ବୈଜ୍ଞାନିକମାନଙ୍କ ଏକ ଟିମ୍ ଘଞ୍ଚ ଆମାଜନ ଜଙ୍ଗଲରେ ଅଣୁଜୀବ ଖୋଜୁଥିଲେ। ସେମାନେ ଏକ କବକ ଆବିଷ୍କାର କରିଥିଲେ ଯାହା ପ୍ଲାଷ୍ଟିକ୍‌ର ପୃଷ୍ଠରେ ବଢ଼େ ଏବଂ ଧୀରେ ଧୀରେ ଏହାକୁ ଖାଇଯାଏ। ଗବେଷଣାବେଳେ ଏହି କବକ ପଲିଥିନ୍ ବ୍ୟାଗ୍, ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟାନ୍ୟ କୃତ୍ରିମ ପଲିମରକୁ ନଷ୍ଟ କରିବାରେ ସଫଳ ହୋଇଛି। କବକ ପ୍ଲାଷ୍ଟିକ୍‌ରେ ଥିବା ରାସାୟନିକ ବନ୍ଧନକୁ ଭାଙ୍ଗିଥାଏ। ଏହାକୁ ସରଳ ଯୌଗିକରେ ପରିଣତ କରିଥାଏ ଯାହା ପରିବେଶ ପାଇଁ କମ୍ କ୍ଷତିକାରକ। ଏହି କବକ ପ୍ଲାଷ୍ଟିକ୍‌କୁ ଖାଦ୍ୟ ଭାବରେ ବ୍ୟବହାର କରେ ଏବଂ ଏନଜାଇମ୍ ମୁକ୍ତ କରେ। ଏହି ଏନଜାଇମ୍‌ଗୁଡ଼ିକ ପ୍ଲାଷ୍ଟିକ୍‌ର ଲମ୍ବା ଶୃଙ୍ଖଳକୁ ଛୋଟ ଛୋଟ ଖଣ୍ଡରେ ପରିଣତ କରିଦିଏ। ଯଦିଓ ଏହି ପ୍ରକ୍ରିୟା ଖୁବ୍ ମନ୍ଥର ହୋଇଥାଏ କିନ୍ତୁ ପ୍ରାକୃତିକ ଏବଂ ନିରାପଦ ହୋଇଥାଏ। ବୈଜ୍ଞାନିକମାନେ ଏବେ ଏହାକୁ ତ୍ୱରାନ୍ୱିତ କରିବାର ଉପାୟ ଖୋଜୁଛନ୍ତି। ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ଏହି କବକକୁ ଲ୍ୟାଣ୍ଡଫିଲ୍, ପୁନଃଚକ୍ରଣ ପ୍ଲାଣ୍ଟ ଏବଂ ପ୍ରଦୂଷିତ ଅଞ୍ଚଳରେ ବ୍ୟବହାର କରାଯାଇପାରିବ।





## ପ୍ରହେଳିକା

- ଅଧରପଣାର ପର ଦିନ ପ୍ରଭୁ
  ଶ୍ରୀମନ୍ଦିରେ ପ୍ରବେଶନ୍ତି
  ରୋଷେ ଗରଗର ହୋଇ ପ୍ରାଣପ୍ରିୟା
  ପ୍ରବେଶ ବିଧି ରୋକନ୍ତି
  ପାଇ ଚିତ୍ରଲେଖା ପାଟ
  ରସଗୋଲା ଖାଇ ଦ୍ୱାର ସେ ଖୋଲନ୍ତି
  କୁହ ତାଙ୍କ ନାମ ମିତ।

  ଉତ୍ତର-ମାତା ଲକ୍ଷ୍ମୀ
- ଏକାଦଶୀ ଦିନ ହୁଏ ସୁନାବେଶ
  ଦ୍ୱାଦଶୀରେ ପଣା ବିଧି
  ତା'ପରେ ଫେରନ୍ତି ଶିରୀ ମନ୍ଦିରକୁ
  ଲକ୍ଷ୍ମୀକାନ୍ତ କଳାନିଧି
  ରସଗୋଲା ଭେଟି ଦେଇ
  ରତନ ବେଦୀକୁ ଫେରିବାର ବିଧି
  ପାରିବ କି ନାମ କହି।

  ଉତ୍ତର-ନୀଳାଦ୍ରି ବିଜେ
- ନୀଳାଦ୍ରି ବିଜୟ କରିଲେ ସାଆନ୍ତ
  ଖୋଲଇ ସେହି ବଜାର
  ଅତ୍ୟନ୍ତ ପବିତ୍ର ବ୍ୟଞ୍ଜନକୁ ଜନେ
  ଖାଆନ୍ତି ହୋଇ ଆତୁର
  ଅନ୍ନ, ଡାଲି ଓ ବେସର
  ଶହ ଶହ ଭକ୍ତ ଖାଆନ୍ତି ସେଠାରେ
  କୁହ'ତ ନାମ ତାହାର।

  ଉତ୍ତର-ଆନନ୍ଦ ବଜାର

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ଫେରିଆରେ ଜଗା



ଦୀପକ କୁମାର ନାୟକ

ଭକତଟେ ତୋତେ ଡାକୁଥାଏ ବୋଲି
ଛାଡ଼ିଗଲୁ ଶ୍ରୀମନ୍ଦିର
ଅଚିନ୍ତାରେ ଭାଇ ଭଉଣୀଙ୍କୁ ନେଇ
ବୁଲୁଛୁ ମାଉସୀ ଘର ।।
ବଡ଼ଦାଣ୍ଡେ ଭକ୍ତ ଯେତେ ଡାକିଲେ ବି
ଡାକ ତୋତେ ଶୁଭେନାହିଁ
କେମିତି ଶୁଭିବ ମାଉସୀ ଘରେ ତୁ
ମଉଜ କରୁଛୁ ଯାଇ ।।
ଭାଇ ଭଉଣୀଙ୍କୁ ନେଇ ତୁ ମଉଜ
କରୁଅଛୁ ସିନା କେତେ
ତୋତେ ଡାକି ଡାକି ଭକତ ତୋହର
ଦୁଃଖ ପାଇଲେଣି ଯେତେ ।।
କେତେ ଦୁଃଖ ଆଉ ଦବୁରେ କାଳିଆ
ଭକତମାନଙ୍କୁ ତୁହି
ତୋତେ ଚାହିଁ ଚାହିଁ ବେଳ ସରେ ସିନା
ଦେଖା ତୋର ମିଳେନାହିଁ ।।
ଫେରିଆରେ ଜଗା ତୋ ବଡ଼ଦେଉଳ
ଫେରିଆ ତୋ ଶ୍ରୀମନ୍ଦିର
ଯେମିତି ଭକ୍ତର ଦୁଃଖ ବୁଝୁଥିଲୁ
ସେମିତି ପୁଣି ତୁ କର
ସେମିତି ପୁଣି ତୁ କର ।।

ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ

## କାଳିଆର ସୁନାବେଶ



ସୁହଂସ ଭୋଇ


ଜନମ ବେଦୀରୁ ରତନ ବେଦୀକୁ
ବାହୁଡ଼ିବେ ପରମେଶ
ଦେଖି ଯିବା ଆସ ନୀଳାଚଳେ ହେବ
କାଳିଆର ସୁନାବେଶ
ମାତା କମଳିନୀ ପାଟରାଣୀ ଯାର
କି ଅଛି ଅଭାବ ତା'ର
ମୋତି ମାଣିକରେ ଉଆସ ଭରିଛି
ସୁନା ରୂପା ଭାର ଭାର
ତିନି ଗୋଟି ରଥ ଗଡ଼ି ଗଡ଼ି ଆସି
ସିଂହଦ୍ୱାରେ ଅଟକିବ
ସୁନାବେଶ ରୂପ ଦେଖିବା ପାଇଁ କି
ଜଗତ ଅନେଇଁଥିବ
ପୂଜାରୀ ସେବକ ସଜେଇବେ ତା'ର
ଅଙ୍ଗେ ନାନା ଅଳଙ୍କାର
ଶିରେ ଖଞ୍ଜିଦେବେ ସୁନାର ମୁକୁଟ
ଗଳେ ମଣିମାଳ ହାର
ଶୋଭା ପାଉଥିବ କପାଳେ ଶ୍ରୀଚିତା
ସୁନାର ମୟୂର ଚୂଳ
ଝଲମଲ ହୋଇ ଝଲସି ଉଠିବ
କର୍ଣ୍ଣେ ସୁନା କାନଫୁଲ
କାଳିଆର ସୁନାବେଶକୁ ଦେଖିଲେ
ମିଳେ କୋଟି ପୁଣ୍ୟ ଫଳ
ହାତ ଯୋଡ଼ି ତାକୁ ଗୁହାରି କରିବା
ମନେ ଭରି ଦେବ ବଳ ।

ପହଣ୍ଡି ବିଜେପୁର, ବରଗଡ଼



## ସୁମନ

# ଫୁଲ ଦିଦି ଓ କୁନି କଢ଼





ଡ. ରବିନାରାୟଣ ସାହୁ

ଶୀତ ଋତୁର କାଲୁଆ ସକାଳଟିଏ। ପୂର୍ବ ଦିଗରେ ସୂର୍ଯ୍ୟ ଦେବତା ଉଇଁ ନ ଥାନ୍ତି। ଚାରିଆଡ଼େ ଢାଙ୍କି ହୋଇଥାଏ କୁହୁଡ଼ି। ନାନା ରକମର ଫୁଲ ଆଉ ଫଳ ଗଛରେ ହସୁଥାଏ ବଗିଚାଟିଏ। ଏତିକିବେଳେ ସେଇ ବଗିଚାରେ ଫୁଟିଥିବା ଗୋଟିଏ ଫୁଲ ଉପରେ ଟପ୍ କିନା କାକର ବିନ୍ଦୁଟିଏ ପଡ଼ିବାରୁ ଝଟ୍ କିନା ଉଠି ପଡ଼ିଲା ସେଇ ଫୁଲଟି। ଏଣେ ତେଣେ ଅନେଇ ଫୁଲଟି କହିଲା," କେତେବେଳୁ ସକାଳ ହେଲାଣି ଅଥଚ ମୁଁ ଆଜି ଏତେବେଳ ଯାଏଁ ଶୋଇ ପଡ଼ିଲି।" ପାଖରେ ଥିବା ଏକ କଢ଼କୁ ଚାହିଁ ସେ କହିଲା," ଆରେ ଏ କଢ଼ ଉଠୁନୁ। ଶୀଘ୍ର ପାଖୁଡ଼ା ସବୁ ଖୋଲି ଫୁଟିଯା। ଶୋଇଛୁ କ'ଣ?" କଢ଼ କହିଲା,"ନାଇଁମ ଦିଦି, ଏଇନେ ଜମା ଉଠିବାକୁ ମନ ହେଉନି। ଦେଖୁନା କେତେ ଥଣ୍ଡା ହେଉଛି। ମୋ' ପାଖରେ ଥିବା ପତ୍ରମାନେ ମତେ କେମିତି ଚାଦର ଭଳିଆ ଢାଙ୍କି ଦେଇଛନ୍ତି। ମୁଁ ଏ ଗରମର ମଜା ନ ନେଇ ଉଠିବି କାହିଁକି କହିଲ? ସୂର୍ଯ୍ୟ ତ ଏତେବେଳ ଯାଏଁ ଉଠି ନାହାନ୍ତି। ମୁଁ ଉଠି କ'ଣ କରିବି। ମୋର କୋଉ କାମଟା ଏମିତି ପଡ଼ିଛି ଯେ। ଫୁଲ ହେଇ ଫୁଟି ଖେଳିବାର ତ ଅଛି। ସୂର୍ଯ୍ୟ କିରଣ ପଡ଼ିଲା ପରେ କ'ଣ ଉଠିଲେ ହେବନି।" ତା' ଦେଖାଦେଖି ଆଉ କେତେଟା କଢ଼ ବି ସେଇଆ କଲେ। ଫୁଲ କହିଲା, "ଏତେ ଅଳସୁଆ ହୁଅନି କଢ଼। ତୁ କ'ଣ ଭାବିଛୁ ସୂର୍ଯ୍ୟ ଉଠି ନାହାନ୍ତି। ଘନ କୁହୁଡ଼ି ଯୋଗୁଁ ତାଙ୍କର କିରଣ ପଡୁନାହିଁ ସିନା, ସେ କିନ୍ତୁ କେତେବେଳେ ଉଠିବାରେ ଡେରି କରନ୍ତି ନାହିଁ। ଆମେ ସମସ୍ତେ ସୂର୍ଯ୍ୟଙ୍କ ଭଳି ସ୍ୱାଭାବିକ ଢଙ୍ଗରେ ନିଜେ ନିଜର କାମ କରିଯିବା ଉଚିତ। ଆମ ସମସ୍ତଙ୍କର ହିତ ପରସ୍ପର ସହିତ ଜଡ଼ିତ ହୋଇଥାଏ। ବେଳେବେଳେ ଆମର ଅଳସୁଆମୀ ଅନ୍ୟ କାହାର କ୍ଷତି ପହଞ୍ଚାଇଥାଏ। କାହା କାହା କାମ ବି ଅଟକି ଯାଇଥାଏ। ତେଣୁ ଅଳସୁଆ ହେବା ଆଦୌ ଠିକ୍ ନୁହେଁ।" ଠିକ୍ ଏଇ ସମୟରେ ମହୁମାଛିଟିଏ କାହୁଁ ଉଡ଼ିଆସି ଫୁଲ ଉପରେ ବସି ରସ ଶୋଷିବାକୁ ଲାଗିଲା। ବାସି ଫୁଲରେ ରସ କୋଉଠି ଅଛି ଯେ ସିଏ ଶୋଷିବ। ସବୁ ରସ ତ ଆଗରୁ ସରି ଯାଇଥାଏ। ଗୁଣୁଗୁଣୁ ହେଇ ଏଣେ ତେଣେ ଉଡ଼ି ଉଡ଼ି ଫୁଲଟିଏ ନ ପାଇ କଢ଼ ଉପରେ ଯାଇ ବସି ପଡ଼ିଲା। ସେଇଠୁ ପୁଣି ଆସି ଫୁଲ ଉପରେ ବସିଲା। ମହୁମାଛିର ଅବସ୍ଥା ଦେଖି ଫୁଲକୁ ଟିକେ ଦୟା ହେଲା। ତହୁଁ କଢ଼କୁ କହିଲା," ହଇଲୋ ଏ କଢ଼, ତୁ ଦେଖୁଚୁ କି ନାହିଁ। ବିଚରା ମହୁମାଛିଟି କେମିତି ରସ ପିଇବାକୁ ଗୋଟିଏରୁ ଆଉ ଗୋଟାଏ ଫୁଲକୁ ଉଡ଼ି ବୁଲୁଛି। ସିଏ ପରା ରସ ନେଲେ ତା' ମହୁ ଫେଣାରେ ଥିବା ଛୁଆମାନଙ୍କୁ ଟିକେ ଦେବ ଓ ମଣିଷମାନଙ୍କ ପାଇଁ ସେଇ ରସରୁ ମହୁ ବି ତିଆରି କରିବ। ତମେ ସବୁ କଢ଼ମାନେ ଯଦି ଏମିତି ଫୁଲ ହେଇ ନ ଫୁଟିବ ତାହେଲେ ମହୁମାଛି, ଭ୍ରମର ଓ ପ୍ରଜାପତିମାନଙ୍କର ଅବସ୍ଥା କ'ଣ ହେବ କହିଲ?"ଫୁଲର କଥା ଏଥର କଢ଼ର ହୃଦୟକୁ ଛୁଇଁଲା। ଆଉ ଡେରି ନ କରି ପତର ତଳୁ ମୁହଁ କାଢ଼ି ମହୁମାଛିର ହିନସ୍ତା ଦେଖି କହିଲା," ତମେ ଠିକ୍ କଥା କହୁଥିଲ ଫୁଲ ଦିଦି। ମତେ ଶୀଘ୍ର ଉଠିବାକୁ ପଡ଼ିବ, ଫୁଲ ହୋଇ ଫୁଟିବାକୁ ହେବ।" ଫୁଲ କହିଲା," ଏବେ ବୁଝିଲୁ ତ। କଢ଼ମାନେ ଫୁଲ ହୋଇ ନ ଫୁଟିଲେ ମହୁମାଛି ଓ ପ୍ରଜାପତିମାନଙ୍କୁ ରସ ମିଳିବ କେମିତି? ଫୁଲ ଫୁଟିଲେ ସିନା ତା' ଶୋଭାରେ ଏ ବଗିଚାଟି ସୁନ୍ଦର ଦେଖାଯାଇ ମହ ମହ ସୁଗନ୍ଧରେ ମହକି ଉଠିବ। ନଦୀକୁ ଦେଖ, ନଦୀ କ'ଣ କେବେ ରହି ଯାଇଛି କି, ପବନ ତା ବହିବାକୁ ବନ୍ଦ କରିଛି କି, ଚଢେଇମାନେ ସୂର୍ଯ୍ୟଙ୍କୁ ଅପେକ୍ଷା କରି ବସାରେ କ'ଣ ଶୋଇ ରହନ୍ତି କି ?"ଫୁଲ ଦିଦିର କଥା କୁନି କଢ଼ଟି ଠିକ୍ ଭାବେ ବୁଝି ପାରିଲା। ଆଉ କେବେ ବି ଅଳସୁଆ ନ ହେବାକୁ ଶପଥ କରି ପତର ସବୁ ଆଡ଼େଇ ଦେଇ ତା'ର ରଙ୍ଗୀନ ପାଖୁଡ଼ା ଖୋଲି ଫୁଟି ଗଲା। ମହୁମାଛି ଉଡ଼ି ଆସି ଆରାମରେ ବସି ରସ ପିଇବାକୁ ଲାଗିଲା। ସେତେବେଳକୁ ଘନ କୁହୁଡ଼ି ତଳୁ ମୁହଁ କାଢ଼ି ହସୁଥାଆନ୍ତି ସୂର୍ଯ୍ୟ ଦେବତା ଆଉ ତାଙ୍କର ମିଠା ମିଠା ସୁନେଲି କିରଣ ବଗିଚା ସାରା ବିଛେଇ ହୋଇ ପଡ଼ିଥାଏ।

ସ୍ମୃତି ନଗର, ବରଗଡ଼

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।





ଆରାଧ୍ୟା ସୁହାନି ସାମଲ
ଅଷ୍ଟମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଢେଙ୍କାନାଳ





ସାନ୍‌ଭି ଶନାୟା ସା
ପଞ୍ଚମ ଶ୍ରେଣୀ
ବିଜେଏମ୍-୧ ସ୍କୁଲ
ଭୁବନେଶ୍ୱର





ରୀୟାଂଶ ପଣ୍ଡା
ସପ୍ତମ ଶ୍ରେଣୀ
ନ୍ୟୁ ହରାଇଜନ୍ ଗୁରୁକୁଳ୍
ବେଙ୍ଗାଲୁରୁ






ଦମୟନ୍ତୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

## ବିଶ୍ୱନାଥନ ଆନନ୍ଦ ଫିଡେ ସଭାପତି



ଚେନ୍ନଇ,୨୪।୭ (ଏଜେନ୍ସି): ବିଶ୍ୱ ଚେସ୍ ଚାମ୍ପିଅନ୍ ଭାରତର ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା ଫିଡେର କାମଚଳା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ମାସ ଯାଏ ସେ ଏହି ଦାୟିତ୍ୱରେ ରହିବେ। ସେପ୍ଟେମ୍ବରରେ ଫିଡେର ନିର୍ବାଚନ ହେବା ପର୍ଯ୍ୟନ୍ତ ଆନନ୍ଦ ଏହି ଦାୟିତ୍ୱରେ ରହିବେ ବୋଲି ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ବର୍ତ୍ତମାନ ଫିଡେର ସଭାପତି ଥିବା ଆର୍କାଡି ଡିଭୋର୍କଭିଚ୍‌ଙ୍କୁ ରୁଷିଆ ବିରୋଧରେ ବାସନ୍ଦ ବ୍ୟବସ୍ଥା ଲାଗୁ କରିବାକୁ ୟୁରୋପୀୟ ୟୁନିଅନ୍ ଦ୍ୱାରା ଗଠିତ କମିଟିରେ ସାମିଲ କରାଯିବା ପରେ ସେ ଫିଡେ ସଭାପତି ପଦରୁ ଓହରି ଯାଇଥିଲେ। ଫଳରେ ଫିଡେର ପରିଚାଳନା କରିବା ଲାଗି ଥିବା ଚାର୍ଟରର ଧାରା ୧୯.୨ ଅନୁଯାୟୀ ଡେପୁଟି ପ୍ରେସିଡେଣ୍ଟ ଥିବା ବିଶ୍ୱନାଥନ ଆନନ୍ଦଙ୍କୁ କାମଚଳା ସଭାପତି ଭାବେ ଦାୟିତ୍ୱ ଦିଆଯିବ। ଆର୍କାଡି ରୁଷିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଭାବେ ମଧ୍ୟ ରହିଥିଲେ।

## କ୍ଲୋପ୍ ଜର୍ମାନୀର ନୂଆ ମୁଖ୍ୟ କୋଚ୍



ବର୍ଲିନ୍,୨୪।୭ (ଏଜେନ୍ସି): ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଲିଭରପୁଲର ମ୍ୟାନେଜର ଜୁର୍ଗେନ କ୍ଲୋପ୍‌ଙ୍କୁ ଜର୍ମାନୀ ଫୁଟବଲ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଜୁଲିଆନ୍ ନେଗେଲସମ୍ୟାନ୍‌ଙ୍କ ସ୍ଥାନରେ ଏହି ଦାୟିତ୍ୱ ଗ୍ରହଣ କରିବେ। ଜୁଲିଆନଙ୍କ ତତ୍ତ୍ୱାବଧାନରେ ବିଶ୍ୱକପ୍ ଖେଳିଥିବା ଜର୍ମାନୀ ରାଉଣ୍ଡ-୩୨ରେ ପାରାଗୁଏଠାରୁ ହାରି ବିଦାୟ ନେଇଥିଲା। ଏହାପରେ ତାଙ୍କୁ ହଟାଇବାକୁ ଦାବି ଜୋର ହୋଇଥିଲା। ଅନ୍ୟପକ୍ଷରେ କ୍ଲୋପ୍ ୨୦୩୦ ଯାଏ ଜର୍ମାନୀ ଫୁଟବଲ ଟିମ୍ ଦାୟିତ୍ୱରେ ରହିବେ।

## ଏସୀୟ କ୍ରୀଡ଼ା: କ୍ୱାର୍ଟରରୁ ଭାରତର ଅଭିଯାନ

ଦୁବାଇ,୨୪।୭ (ଏଜେନ୍ସି): ଜାପାନରେ ଚଳିତବର୍ଷ ଆୟୋଜିତ ହେବାକୁ ଯାଉଥିବା ଏସିଆନ୍ ଗେମ୍ସ କ୍ରିକେଟ ପ୍ରତିଯୋଗିତା ଲାଗି ଟିମ୍ ଫର୍ମାଟ ଚୂଡାନ୍ତ କରାଯାଇଛି। ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏଥର କ୍ୱାର୍ଟର ଫାଇନାଲରୁ ଅଭିଯାନ ଆରମ୍ଭ କରିବ। ପୁରୁଷ ବିଭାର ଫର୍ମାଟ ଅନୁଯାୟୀ ଆଇସିସି ମାନ୍ୟତାରେ ଶ୍ରେଷ୍ଠ ସ୍ଥାନରେ ଥିବା ୪ଟି ଦଳ ଯଥା ଭାରତ, ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ସିଧାସଳଖ କ୍ୱାର୍ଟର ଫାଇନାଲରେ ଖେଳିବାକୁ ଚୂଡାନ୍ତ ହୋଇଛି। ଅନ୍ୟ ୪ଟି ଦଳ କ୍ୱାଲିଫାଇଂ ପ୍ରତିଯୋଗିତରୁ ଚୟନ କରାଯିବ। ସେହିପରି ମହିଳା ବିଭାଗରେ ୮ଟି ଦଳ ସିଧାସଳଖ କ୍ୱାର୍ଟରଫାଇନାଲରୁ ଅଭିଯାନ ଆରମ୍ଭ କରିବେ। କ୍ୱାର୍ଟର ଫାଇନାଲରେ ପାକିସ୍ତାନ-ଥାଇଲାଣ୍ଡ, ଶ୍ରୀଲଙ୍କା- ମାଲେସିଆ, ବାଂଲାଦେଶ-ହଂକଂ ଏବଂ ଭାରତ-ଜାପାନ ମଧ୍ୟରେ ମୁକାବିଲା ହେବ। ଏସିଆନ ଗେମ୍ସର ମହିଳା କ୍ରିକେଟ ସେପ୍ଟେମ୍ବର ୧୭ରୁ ୨୨ ଏବଂ ପୁରୁଷ ବିଭାଗ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୧ ମଧ୍ୟରେ ଖେଳାଯିବ।

## ଆଜିଠାରୁ ସର୍ବଭାରତୀୟ ଜୁନିଅର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୪।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା), ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସର୍ବଭାରତୀୟ ୧୯ ବର୍ଷରୁ କମ୍ ର୍‌ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶନିବାରଠାରୁ ଆୟୋଜିତ ହେବ। ଏଥିରେ ମୋଟ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲାବେଳେ ୫ଟି ବିଭାଗରେ ୧୫୦୦ରୁ ଉଦ୍ଧ୍ୱର୍ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶାରୁ ବାଳକ ଏକକରେ ୨୭, ବାଳିକା ଏକକରେ ୧୩ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି। ବାଳକ ଯୁଗଳରେ ୧୨, ବାଳିକାରେ ୫ ଓ ମିଶ୍ରିତ ଯୁଗଳରେ ୧୧ ଯୋଡା ପ୍ରତିଯୋଗୀ ଭାଗନେବାର କାର୍ଯ୍ୟକ୍ରମ ରହିଛି।

### ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬

# ସେମିରେ ଶ୍ରୀହରି, ଲନ୍ ବଲ୍‌ରେ ଦ୍ୱିତୀୟ ବିଜୟ

ଗ୍ଲାସଗୋ, ୨୪।୭ (ଏଜେନ୍ସି)



ସ୍କଟଲାଣ୍ଡର ରାଜଧାନୀ ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣର ଦ୍ୱିତୀୟ ଦିବସରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସନ୍ତରଣରେ ଦୁଇଥରର ଅଲିମ୍ପିଆନ ଶ୍ରୀହରି ନଟରାଜ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୫୦ ମିଟର ବ୍ୟାକଷ୍ଟ୍ରୋକରେ ଭାଗନେଇଥିବା ଶ୍ରୀହରି ହିଟ୍‌ରେ ୨୫.୫୨ ସେକେଣ୍ଡରେ ରେସ୍ ଫିନିଶ କରିଥିଲେ। ସେ ନିଜ ହିଟ୍‌ରେ ୫ମ ଓ ଓଭରଅଲ୍ ୧୪ତମ ସ୍ଥାନରେ ରହି ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେମିଫାଇନାଲରେ ୧୬ଜଣ ସନ୍ତରଣ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ। ଅପରପକ୍ଷରେ ପାରା ସନ୍ତରଣରେ ଭାରତର ରବି ବୀର ବୁଦିଗିନା ଓ ଅଲି ଇମାମ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଉଭୟ ରବି ବୀର ଓ ଅଲି ପୁରୁଷ ଏସ୍-୧୩ ୧୦୦ ମିଟର ଫ୍ରି-ଷ୍ଟାଇଲରେ ଭାଗନେଇଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ରବି ବୀର ୫୭.୧୦ ସେକେଣ୍ଡ ସମୟ ନେଇଥିଲେ। ସେହିଭଳି ଅଲି ଇମାମ ଏକ ମିନିଟ ୦୫.୩୨ ସେକେଣ୍ଡ ସମୟ ସହ ଫାଇନାଲରେ ପ୍ରବେଶ କରିଥିଲେ।

### ସ୍ୱାନ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ସ୍ୱର୍ଣ୍ଣ ପଦକ ଇଂଲଣ୍ଡର ପାରା ଶକ୍ତିଉତ୍ତୋଳକ ମାର୍କ ସ୍ୱାନଙ୍କ ନାମରେ ଲିପିବଦ୍ଧ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ୭୨ କିଗ୍ରା ଲାଇଟୱେଟ ବିଭାଗରେ ସ୍ୱାନ ୨୨୨ କେଜି ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ନାଇଜେରିଆର ରୋଲାଣ୍ଡ ଏଜୁରୁକି ୧୫୩.୯ କ୍ରିଗା ସହ ରୌପ୍ୟ ପଦକ ହାସଲ କରିଛନ୍ତି।

### ତୁଳିକା ମାନ୍ ବାସନ୍ଦ

ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଅଲିମ୍ପିଆନ ତୁଳିକା ମାନଙ୍କୁ ନାଡା (ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି) ସସ୍‌ପେଣ୍ଡ କରିଛି। ଗତ ଏକବର୍ଷମଧ୍ୟରେସେକେଉଁଠିଥିଲେ(ହ୍ୱେୟାର ଆବାଉଟ୍ କ୍ଲଜ୍) ସମ୍ପର୍କରେ ସୂଚନା ଦେଇ ନ



ଥିବାରୁ ତାଙ୍କୁ ବାସନ୍ଦ କରାଗଲା ବୋଲି ନାଡା ପକ୍ଷରୁ କୁହାଯାଇଛି। ବାସନ୍ଦ ହେବା ଫଳରେ ତୁଳିକା ଗ୍ଲାସ୍‌ଗୋରେ ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବାର ଆଶା ଧୂଳିସାତ ହୋଇଯାଇଛି। ଏବେ ତୁଳିକା ଏହି ବାସନ୍ଦ ବ୍ୟବସ୍ଥା ବିରୋଧରେ ଆବେଦନ କରିପାରିବେ। ନ୍ୟାୟାଳୟର ହସ୍ତକ୍ଷେପ ବିନା ତାଙ୍କର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେବାର ସମ୍ଭାବନ କମ୍।

### ମହିଳା ଲନ୍ ବଲରେ ବିଜୟଧାରା ଜାରି



ଅପରପକ୍ଷରେ ମହିଳା ଲନ୍ ବଲରେ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ଶୁକ୍ରବାର ୨-୦ (୬-୪, ୭-୫)ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ରୂପା ରାଣୀ ତିର୍କୀ ଓ ପିଙ୍କିଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଗତକାଲି ପ୍ରଥମ ମ୍ୟାଚରେ ଟାଇବ୍ରେକରରେ ୟୁରୋପୀୟ ରାଷ୍ଟ୍ର ମାଲଟାକୁ ହରାଇଥିଲା। ଡବଲ୍ ବିଜୟ ସହ ଭାରତ ୨୪ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷକୁ ଉଠିଛି। ପ୍ରତି ଗ୍ରୁପର ଦୁଇ ଶୀର୍ଷ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

## ଏସିଆନ୍ ବ୍ଲିଜ୍ ଚେସ୍‌ରେ ସାତ୍ତ୍ୱିକଙ୍କୁ କାଂସ୍ୟ

ଭୁବନେଶ୍ୱର,୨୪।୭ (ସମିସ): ଓଡ଼ିଶାର ବିସ୍ମୟ ଚେସ୍ ବାଳକ ସାତ୍ତ୍ୱିକ ସ୍ୱାଇଁ ୧୦ ବର୍ଷରୁ କମ୍ ଏସିଆନ୍ ବ୍ଲିଜ୍ ଚେସ୍‌ରେ କାଂସ୍ୟ ପଦକ ଜିତିଛନ୍ତି। ଚୀନ୍‌ର ଶେନଝେନ୍‌ଠାରେ ଶେଷ ହୋଇଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଚାମ୍ପିଅନସିପ୍‌ରେ କାଜକସ୍ତାନର ନୁରାଲି ନୁର୍ସିନ ସର୍ବାଧିକ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ୩ଜଣ ଖେଳାଳି ୭.୫ ପଏଣ୍ଟ ଲେଖାଏଁ ପାଇଥିଲେ। ବୁକୋଲଜ୍‌ରେ କାଜାଖସ୍ତାନର ଏଲେମେନ୍ସ ନୁର୍‌ମୁଖାମଦ୍ ରନର୍ସଅପ୍, ଭାରତର ସାତ୍ତ୍ୱିକ ତୃତୀୟ ଓ ଚୀନ୍‌ର ଜିମିଙ୍ଗ ଗୁଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସାତ୍ତ୍ୱିକ ୯ ରାଉଣ୍ଡ ଖେଳରେ ୭ ବିଜୟ, ୧ ଡ୍ର ସହ ୭.୫ ପଏଣ୍ଟ ସଂଗ୍ରହ କରିଥିଲେ। କେବଳ ଚତୁର୍ଥ ରାଉଣ୍ଡରେ ରୁଷର ଡାନିଲ ସେର୍ ବୁର୍ଯ୍ୟାଚୋକଙ୍କଠାରୁ ସେ ଏକମାତ୍ର ମ୍ୟାଚ୍‌ରେ ପରାଜିତ ହୋଇଥିଲେ।



ପୂର୍ବରୁ ୮ ବର୍ଷରୁ କମ୍ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ଜିତି ଅନ୍ତର୍ଜାତୀୟ ଅଭିଯାନ ଆରମ୍ଭ କରିଥିବା ସାତ୍ତ୍ୱିକ ବିଶ୍ୱ କ୍ୟାଡେଟ କପ୍‌ରେ କାଂସ୍ୟ, ଶ୍ରୀଲଙ୍କାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍‌ରେ ୧ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି ତାଙ୍କ ବ୍ୟକ୍ତିଗତ ତଥା କିଙ୍ଗ ଚେସ୍ ସେଣ୍ଟରର କୋଚ୍ ବିଶ୍ୱଜିତ ରାୟ, ଟ୍ରିପଲ-ସି' ଚେସ ସେଣ୍ଟର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଏବଂ ଅଲଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରଶେଖରପୁର ଡିଏଭିରେ ଅଧ୍ୟୟନରତ ସାତ୍ତ୍ୱିକ ହେଉଛନ୍ତି ସୋନମ ସରିତା ମହାନ୍ତି ଓ ସମ୍ବିତ ସ୍ୱାଇଁଙ୍କର ଜ୍ୟେଷ୍ଠ ପୁତ୍ର।

## ଆଜିଠାରୁ ରାଜ୍ୟ ସିନିଅର ଚେସ୍

ଭୁବନେଶ୍ୱର,୨୪।୭ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଶନିବାରଠାରୁ ୬୭ତମ ରାଜ୍ୟ ସିନିଅର ଫିଡେ ରେଟିଂ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଜୁଲାଇ ୨୯ ଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବାକୁ ହେଲେ ଜଣେ ଖେଳାଳିଙ୍କୁ ୯୯୦ ଟଙ୍କାର ଏଣ୍ଟ୍ରି ଫି ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ କିଛି ମନୋନୀତ ଖେଳାଳିଙ୍କୁ ସଂଘ ପକ୍ଷରୁ ଜାତୀୟ ସିନିଅର ଚେସ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରତିଯୋଗିତାରେ ୧ ଲକ୍ଷ ୨୦ ହଜାର ଟଙ୍କାର ପୁରସ୍କାର ଓ ୩୦ଟି ଟ୍ରଫି ପ୍ରଦାନ କରାଯିବେ ବୋଲି ଆୟୋଜକ ଅଲ୍ ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଜଣାଇଛନ୍ତି।।

● ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟି-୨୦ ଆଜି

## ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ହରାରେ,୨୪।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଜିମ୍ବାୱେ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଭାରତ ୭ ୱିକେଟରେ ବିଜୟୀ ହୋଇଥିଲା। ଏହାର ଅର୍ଥ ଦୀର୍ଘ ୟୁକେ ଗସ୍ତରେ ୭ଟି ମ୍ୟାଚ୍ ହାରିବା ପରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ପ୍ରଥମ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍ ଜିତିବା ପରେ ଭାରତୀୟ ଖେଳାଳି ଓ ଅଧିନାୟକ ଆତ୍ମବିଶ୍ୱାସ ଫେରିପାଇଛନ୍ତି। ନୂଆ ଖେଳାଳି ଓ ନୂଆ ଉତ୍ସାହରେ ଆୟରଙ୍କ ଦଳ ଏବେ ଆଉ ପଛକୁ ଫେରି ଚାହିଁବ ନାହିଁ। ଏଣୁ ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ଟି-୨୦ରେ ବିଜୟୀ ହୋଇ ଭାରତ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। ଭାରତୀୟ ଦଳରେ ଥିବା ଯୁବ ଖେଳାଳି ପ୍ରଥମ ଟି-୨୦ରେ ଯେପରି ପ୍ରଦର୍ଶନ କରିଛନ୍ତି, ତାହା ଦ୍ୱିତୀୟ ମ୍ୟାଚ୍‌ରେ ଦୋହରାଇପାରିଲେ, ଦଳକୁ ସିରିଜ୍ ସଫଳତା ମିଳିବ। ପ୍ରଥମ ଟି-୨୦ରେ ଯୁବ ଫାଷ୍ଟ ବୋଲର ମୟଙ୍କ ଯାଦବ, ପ୍ରିନ୍ସ ଯାଦବ ଓ ଅଶୋକ ଶର୍ମାଙ୍କ ସ୍ପିଡ୍ ବୋଲିଂ ଖେଳିବା ଜିମ୍ବାୱେ ବ୍ୟାଟରଙ୍କ ଲାଗି କଷ୍ଟକର ହୋଇଥିଲା। ଏହି ବୋଲରଙ୍କ ସଫଳତା ଲାଭି ଭାରତକୁ ୧୨୬ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଯାହାକୁ ଭାରତ ୧୪ତମ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଏଭଳି ସ୍ଥିତିରେ ଜିମ୍ବାୱେକୁ ସିରିଜ୍ ବଞ୍ଚାଇବାକୁ ହେଲେ ଦ୍ୱିତୀୟ ଟି-୨୦ରେ ଜିତିବାକୁ ହେବ। ତୃତୀୟ ତଥା ଶେଷ ଟି-୨୦ ସମାନ ଭେନ୍ୟୁରେ ରବିବାର ଖେଳାଯିବ।

ଖେଳ ଆରମ୍ଭ- ଅପରାହ୍ଣ ୪ଟା ୩୦
ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

## କଳିଙ୍ଗରେ ଜୁନିଅର ଭାରୋତ୍ତୋଳନ ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୭ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ରରେ ଶୁକ୍ରବାର ଦ୍ୱିତୀୟ ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ଚାମ୍ପିଅନସିପ୍ ଉଦଘାଟିତ ହୋଇଯାଇଛି। ଜୁଲାଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ସମସ୍ତ ଜିଲ୍ଲାର ଏମପିଆଇଏଚ୍, କ୍ଲବ, ଏଚପିସି ଓ ହଷ୍ଟେଲରୁ ମୋଟ୍ ୧୯୨ଜଣ ଭାରୋତ୍ତୋଳକ ଅଂଶଗ୍ରହଣ କରିଛନ୍ତି। ସେହିଭଳି ୭୦ଜଣ ପ୍ରଶିକ୍ଷକ ଓ ୪୦ଜଣ ବୈଷୟିକ ଅଧିକାରୀ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ୍ ପାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣେଲ ସଞ୍ଜୟ ଲାକ୍ରା, ଅଲିମ୍ପିଆନ କେ. ରବିକୁମାର, ନାରାୟଣ ସାହୁ, ଗୋପାଳ କୃଷ୍ଣ ଦାସ ଓ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଉପସ୍ଥିତ ରହିଥିଲେ। ଏଥିରୁ ମନୋନୀତ ଖେଳାଳିଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଭାରୋତ୍ତୋଳନ ଏଚପିସିରେ ପ୍ରଶିକ୍ଷଣ ଦିଆଯିବ।




## ରାଜଧାନୀରେ ଯୋଡ଼ି ହେଲା ପିଏମ୍ କ୍ରିକେଟ୍ କ୍ଲବ୍




ଭୁବନେଶ୍ୱର, ୨୪।୭ (ସମିସ): କ୍ରୀଡ଼ାର ରାଜଧାନୀ ଭୁବନେଶ୍ୱରରେ ଯୋଡ଼ି ହୋଇଛି ଆଉ ଏକ ନୂଆ କ୍ରିକେଟ୍ କ୍ଲବ। ନହରକଣ୍ଟା ଜୟଦେବ କଲେଜ ରାସ୍ତାରେ ଆରମ୍ଭ ହୋଇଛି ପିଏମ୍ କ୍ରିକେଟ୍ କ୍ଲବ। ୬ରୁ ୭ ଏକର ଜମିରେ ନିର୍ମାଣ ହୋଇଥିବା ଏହି କ୍ଲବରେ ୭୫ ୟାର୍ଡର ଏକ ଗ୍ରାଉଣ୍ଡ ରହିଛି। ଯେଉଁଥିରେ ୬ଟି ମୁଖ୍ୟ ଓ ଅଭ୍ୟାସ ଲାଗି ୭ଟି ଟର୍ଫ ୱିକେଟ୍ ପ୍ରସ୍ତୁତ କରାଯାଇଛି। ଯୁବ ଖେଳାଳିଙ୍କୁ ରହି ପ୍ରଶିକ୍ଷଣ ନେବା ଲାଗି ହଷ୍ଟେଲ ସୁବିଧା ରହିଛି। ଖୁବଶୀଘ୍ର ବିସିସିଆଇ ଲେଭଲ ପ୍ରଶିକ୍ଷକଙ୍କୁ କ୍ଲବରେ ନିଯୁକ୍ତ କରାଯିବ ବୋଲି ସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଶୁକ୍ରବାର ଜର୍ସି ଉନ୍ମୋଚନ ଅବସରରେ ସୂଚନା ଦେଇଛନ୍ତି। ରାଜ୍ୟର ଯୁବ ପ୍ରତିଭାଙ୍କୁ ଶ୍ରେଷ୍ଠ ଭିତ୍ତିଭୂମି ଓ ପ୍ରଶିକ୍ଷଣ ଯୋଗାଇ ଦକ୍ଷ କ୍ରିକେଟର୍ ସୃଷ୍ଟି କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି କ୍ଲବର ସମ୍ପାଦକ ଅଭିମନ୍ୟୁ ଜେନା କହିଛନ୍ତି। ୧୨ ବର୍ଷରୁ ଉର୍ଦ୍ଧ୍ୱ ବୟସର କ୍ରିକେଟର୍‌ଙ୍କୁ ଏଠାରେ ପ୍ରଶିକ୍ଷଣ ଦିଆଯିବ। ଖେଳାଳିଙ୍କ ପ୍ରଶିକ୍ଷଣ ଲାଗି ୩ ପ୍ରକାର (୨୫, ୧୫ ଓ ୧୦ ହଜାର ଟଙ୍କା) ମାସିକ ଫି ବ୍ୟବସ୍ଥା ରହିଛି। ସେହିଭଳି ୫ଜଣ ପ୍ରତିଭାବାନ ଖେଳାଳିଙ୍କୁ ସ୍କଲାରସିପ୍ ମାଧ୍ୟମରେ ନିଶୁଳ୍କ ପ୍ରଶିକ୍ଷଣ ଦିଆଯିବ ବୋଲି ଉପସଭାପତି ପଙ୍କଜ ମୋଟୱାନୀ ସୂଚନା ଦେଇଛନ୍ତି। ଜର୍ସି ଉନ୍ମୋଚନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କ୍ରିକେଟର୍ ପ୍ରଭଞ୍ଜନ ମଲ୍ଲିକ ଓ କ୍ଲବର ଯୁଗ୍ମ ସମ୍ପାଦକ ଉପସ୍ଥିତ ରହିଥିଲେ।

**FOR RENT**
Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
**8249526803**

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
**ADVERTISEMENT EXECUTIVE**
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

NANDIGHOSHA TV
ନନ୍ଦିଘୋଷ
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification: Master's Degree / P.G. Diploma in Journalism
Experience: Minimum 3 years of experience in Digital Media
Key Requirement: • Basic understanding of Digital platform.
2 MULTIMEDIA PRODUCER
Educational Qualification: Master's Degree / P.G. Diploma in Journalism
Experience: Minimum 5 years of experience in Digital Media
Key Requirements: • Experience in Video Production for social media platforms. • Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS